# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୦/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, November 20/2024 Page 16 ₹ 7.00 | RAYAGADA

୫୦ଶ ଭାଗ ୩୫୫ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 355 ମୂଲ୍ୟ ₹୭/-




## ବିବାହ କରିବେ କୀର୍ତ୍ତି ସୁରେଶ

ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଅଭିନେତ୍ରୀ କୀର୍ତ୍ତି ସୁରେଶ ତାଙ୍କ ଦୀର୍ଘ ଦିନର ପ୍ରେମିକ ଆଣ୍ଟୋନି ଥାଟିଲଙ୍କୁ ବିବାହ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

୧୨

୧୬

## ଶାନନଙ୍କୁ ମିଳିବ ଅଲିମ୍ପିକ ବ୍ରୋଞ୍ଜ

୨୦୧୨ ଅଲିମ୍ପିକ ମହିଳା ୧,୫୦୦ ମିଟର ବ୍ରୋଞ୍ଜ ପଦକ ପାଇବେ ଆମେରିକାର ଶାନନ ରୋବୁରି।








# ୨୦ ହଜାରରେ ଶିଶୁକନ୍ୟା ବିକ୍ରି

୧୯୮୦ ଦଶକରେ କଳାହାଣ୍ଡିରେ ବାରମ୍ବାର ଶିଶୁବିକ୍ରିକୁ ନେଇ କେବଳ ପଶ୍ଚିମାଞ୍ଚଳ ନୁହେଁ, ବରଂ ସାରା ଓଡ଼ିଶା ଲଜ୍ଜିତ ହୋଇଥିଲା। ସେତେବେଳେ ମରୁଡ଼ି ପ୍ରଭାବିତ ଲୋକେ ଦାରିଦ୍ର୍ୟର କଷାଘାତରେ ସ୍ୱଜନ୍ମିତ ପିଲାଙ୍କୁ ୧୦୦ରୁ ୫୦୦ ଟଙ୍କାରେ ବିକି ଦେଉଥିବାର ଅନେକ ଘଟଣା ସାମ୍ନାକୁ ଆସିଥିଲା। ଇତିମଧ୍ୟରେ ପ୍ରାୟ ୫ ଦଶନ୍ଧି ବିତିଯାଇଛି। ଲୋକଙ୍କ ଜୀବନ ଧାରଣ ଶୈଳୀ ସମେତ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ବିକାଶ ସାଧିତ ହୋଇଛି। ଏହାସତ୍ତ୍ୱେ ପିଲା ବିକ୍ରିର କଳଙ୍କିତ ଧାରା ଜାରି ରହିଛି। ଏବେ ଦାରିଦ୍ର୍ୟର ତାଡ଼ନାରେ ଅଭାବୀ ଲୋକେ ୧୦,୦୦୦ରୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ନେଇ ନିଜ ନବଜାତକଙ୍କୁ ରାଜ୍ୟ ବାହାର ଦମ୍ପତିଙ୍କ ହାତରେ ଟେକିଦେଉଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥଳେ ପିଲା ବିକ୍ରି ପାଇଁ ପୌଷ୍ୟଗ୍ରହଣ ନାମରେ ଆଇନଗତ ଦସ୍ତାବିଜର ସହାୟତା ନିଆଯାଉଛି, ଯାହାକି ସମ୍ପୂର୍ଣ୍ଣ ରୂପେ ଅବୈଧ। ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡ଼ା ବସ୍ତିର ଟ୍ରକ୍ ହେଲ୍‌ପର ରାହୁଲ ୨୦୨୪ ନଭେମ୍ବର ୧୧ରେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ଜିଲାର ଏକ ଦମ୍ପତିଙ୍କୁ ନିଜ ୮ ଦିନର ଶିଶୁକନ୍ୟାଙ୍କୁ ୨୦,୦୦୦ ଟଙ୍କାରେ ବିକ୍ରି କରିଦେବା ଘଟଣା ମଙ୍ଗଳବାର ଲୋକଲୋଚନକୁ ଆସିବା ପରେ ରାଜ୍ୟକୁ ପୁଣି ଥରେ ମୁଣ୍ଡାଇବାକୁ ପଡ଼ିଛି ଦୁର୍ନାମ।

ରାୟଗଡ଼ା/ଜେକେପୁର,୧୯।୧୧ (ଆଶିଷ ରଞ୍ଜନ ପଣ୍ଡା/ରାଜେଶ ବିଶ୍ୱାଳ)

ଦାରିଦ୍ର୍ୟ ଯୋଗୁ ମାତ୍ର ୨୦ ହଜାର ଟଙ୍କାରେ ନିଜର ନବଜାତ ଶିଶୁକନ୍ୟାକୁ ବିକ୍ରିକଲେ ମା'ବାପା। ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡ଼ା ବସ୍ତିରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ଜିଲାର ଏକ ଦମ୍ପତି ଏହି ଶିଶୁକନ୍ୟାକୁ କିଣିନେଇଥିବା ସୂଚନା ମିଳିଛି। ଶିଶୁ ମଙ୍ଗଳ କମିଟିର ସଦସ୍ୟମାନେ ମଙ୍ଗଳବାର ନୂଆପଡ଼ା ବସ୍ତିରେ ପହଞ୍ଚି ତଦନ୍ତ କରିଛନ୍ତି। ଶିଶୁକନ୍ୟାକୁ ନେଇଥିବା ଦମ୍ପତିଙ୍କୁ ଫୋନ୍‌ରେ ଯୋଗାଯୋଗକରି ବୁଧବାର ସୁଦ୍ଧା ପିଲାକୁ ଧରି ସିଡବ୍ଲ୍ୟୁସିରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଗତ ୩ ତାରିଖରେ ନୂଆପଡ଼ା ବସ୍ତିର କୁମୁଦ ଗାଣ୍ଟା ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁକନ୍ୟା ଜନ୍ମଦେଇଥିଲେ। ପୂର୍ବରୁ ସେମାନଙ୍କର ଏକ ୩ ବର୍ଷର ଶିଶୁକନ୍ୟା ରହିଛି। ପରିବାର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଏବଂ ଏବେ ଆଉ ଏକ ଶିଶୁକନ୍ୟା ଜନ୍ମହେବା ପରେ ଉଭୟ ମା' କୁମୁଦ ଓ ବାପା ରାହୁଲ ଧନବେଡ଼ା ପିଲାଙ୍କ ଲାଳନପାଳନ ☞ପୃଷ୍ଠା-୪


भारतीय गैर न्यायिक
भारत
दस रुपये रु.10
TEN RUPEES Rs.10
INDIA
INDIA NON JUDICIAL
NOTARY, RAYAGADA BRAJA SUNDAR NAYAK Reg. No.ON-64/20 Exp.20.05.2029
57AA 182611
RAHUL NATURAL FATHER
DEED OF ADOPTION
Kumud Ganta NATURAL MOTHER

This DEED OF ADOPTION made this the 11th day of November, 2024 between

(1) Sri RAHUL DHANABADI, Age 25 Years, S/O Raju Dhanabadi, Marathi by caste, Driver, residing at Nuapada, JKPur, Ps: Chandili, District: Rayagada, Odisha.
(2) Smt KUMUD GANTA, Age 22, W/O Rahul Dhanabadi, Housewife, rest Sl No.1 (Herein after called First Party) adoptive father and mother
AND
(1) Sri KOPPALA RAJ SEKHAR, Age 32 Years, S/O Koppala Chittibabu, Relli by caste, painter, resident of Village –Pedapenki, Baljipeta, District, Parvatipur (Manyam).
(2) Smt. KOPPALA NANDINI, Age 27 Years, W/O Sri Koppala Rajsekhar, House wife, rest as Sl.No.1, (hereinafter described as the Second Party) Natural father and mother

RAHUL NATURAL FATHER
ADOPTIVE FATHER
ATTESTED
Kumud Ganta NATURAL MOTHER
ADOPTIVE MOTHER
Cont..P/2

୨୦୨୪ ନଭେମ୍ବର ୧୧ରେ ଶିଶୁକନ୍ୟା ବିକ୍ରିବେଳେ ସମ୍ପାଦିତ ପୌଷ୍ୟଗ୍ରହଣ ଦଲିଲ।

## ଖପ୍ରାଖୋଲ ଶିଶୁବିକ୍ରି: ତଦନ୍ତ ନିର୍ଦ୍ଦେଶ ଦେଲେ କନକବର୍ଦ୍ଧନ

ଲାଠୋର,୧୯।୧୧ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ କରୁଆଁଝର ପଞ୍ଚାୟତ ଅଞ୍ଚଳର ଏକ ନବଜାତ ଶିଶୁକନ୍ୟା ବିକ୍ରି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସମ୍ପୃକ୍ତ ପରିବାରବର୍ଗଙ୍କୁ ଭେଟି ଘଟଣା ବିଷୟରେ ପଚାରି ବୁଝିଛନ୍ତି। ଏହି ଅବସରରେ ସେ ସମସ୍ତ ଘଟଣାର ୧୬୧ ଷ୍ଟେଟ୍‌ମେଣ୍ଟ ଅନ୍ କ୍ୟାମେରା ରେକର୍ଡ କରାଯାଇ ସରକାରଙ୍କୁ ରିପୋର୍ଟ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ☞ପୃଷ୍ଠା-୪

## ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା: ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ,୧୯।୧୧ (କାର୍ତ୍ତିକ ସାହୁ)

ସମ୍ବଲପୁର ବନାଞ୍ଚଳରେ ହାତୀ ମୃତ୍ୟୁକୁ ନେଇ ହାଇକୋର୍ଟରେ ମଙ୍ଗଳବାର ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାକୁ ତ୍ୱରିତ ଶୁଣାଣି କରାଯାଇଛି। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥ ମାମଲାର ଶୁଣାଣି କରି ମୁଖ୍ୟ ବନ ସଂରକ୍ଷକ ଭର୍ଚୁଆଲ ମାଧ୍ୟମରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୨୦୨୦ରୁ ଏପର୍ଯ୍ୟନ୍ତ କେତେ ହାତୀ ମରିଛନ୍ତି ସେନେଇ ସେ ସତ୍ୟପାଠ ଦେବେ। ହାତୀ ମୃତ୍ୟୁର କାରଣ ସମ୍ପର୍କରେ ମଧ୍ୟ ସତ୍ୟପାଠରେ ଜଣାଇବେ। ଅପରପକ୍ଷରେ ହାତୀ ମୃତ୍ୟୁକୁ ନେଇ ୨୦୧୫ ଓ ୨୦୨୨ ମସିହାରେ ରୁଜୁ ମାମଲା ସମେତ ଏ ସଂକ୍ରାନ୍ତୀୟ ଅନ୍ୟାନ୍ୟ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କୁ ଏନେଇ ସତ୍ୟପାଠ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାନୁସାରେ, ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ

### ହାଜର ହେବେ ମୁଖ୍ୟ ବନ ସଂରକ୍ଷକ

ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସଂଲଗ୍ନ ଚାଷଜମି ନିକଟରେ ବିଦ୍ୟୁତ୍ ଆଘାତରେ ସୋମବାର ୩ ହାତୀଙ୍କ ମୃତ୍ୟୁ ପରେ ହାଇକୋର୍ଟ ନିଜ ଆଡୁ ଏହି ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ବାଘ୍ହା ଶିକାର ପାଇଁ ବିଦ୍ୟୁତ୍‌ସଞ୍ଚାଳିତ ତାରଜାଲ ବିଛାଯାଇଥିବାରୁ ହାତୀମାନେ ଉକ୍ତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣାଯାଇଛି। ତେବେ ଦୀର୍ଘବର୍ଷ ଧରି ହାତୀ ମୃତ୍ୟୁକୁ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ରାଜ୍ୟ ସରକାର, ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ପାଇଁ ବିଦ୍ୟୁତ୍ ତାର ଲାଗି ଏଭଳି ହାତୀମୃତ୍ୟୁ ଘଟଣା ଘଟିଚାଲିଥିବାରୁ ହାଇକୋର୍ଟ ପୂର୍ବରୁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ହାତୀ ମୃତ୍ୟୁ ରୋକିବାକୁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ସହ ହାତୀମାନେ ଯେପରି ଜଙ୍ଗଲ ଛାଡ଼ି ବାହାରକୁ ନ ଆସିବେ ସେନେଇ ☞ପୃଷ୍ଠା-୪


ଆଜିର ସମ୍ପାଦକୀୟ

ଅର୍ଥନୀତିରେ ହାତୀ


## ବରଗଡ଼ରେ ଆଜିଠୁ ଧାନକିଣା

ବରଗଡ଼,୧୯।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ବୁଧବାରଠାରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ କଲାପାଣି ମାର୍କେଟ୍ ୟାର୍ଡ (ମଣ୍ଡି)ରେ ପୂର୍ବାହ୍ନ ୧୦ଟାରେ ଏହାର ଶୁଭାରମ୍ଭ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଧାୟକ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। କଲାପାଣି ମଣ୍ଡିରେ ଧାନ ସଂଗ୍ରହ ଶୁଭାରମ୍ଭ ପରେ ଅତାବିରା ଏବଂ ଗୋଡ଼ଭଗା ମାର୍କେଟ୍ ୟାର୍ଡରେ ଧାନ ସଂଗ୍ରହ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ଧାନ ସଂଗ୍ରହ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ☞ପୃଷ୍ଠା-୪



ନୂଆଦିଲ୍ଲୀରେ ଏସିଆ ପାସିଫିକ୍ ବୋସେ ଓ ବୋଲିଂ ସ୍ପେଶିଆଲ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## 'ଏଲ୍‌ଆଇସି ୱେବ୍‌ସାଇଟ୍‌ରେ ହିନ୍ଦୀ ବ୍ୟବହାର ଭାଷାଗତ ସ୍ୱେଚ୍ଛାଚାରିତା'

ଚେନ୍ନାଇ,୧୯।୧୧(ପି.ଟି.)

ଭାରତର ଜୀବନ ବୀମା ନିଗମ (ଏଲ୍‌ଆଇସି) ୱେବ୍‌ସାଇଟ୍‌ରେ ହିନ୍ଦୀ ଭାଷା ବ୍ୟବହାରକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଙ୍ଗଳବାର କଡ଼ା ସମାଲୋଚନା କରିଛନ୍ତି। ଏହା କେନ୍ଦ୍ରର ଭାଷାଗତ ସ୍ୱେଚ୍ଛାଚାରିତା ବୋଲି ଷ୍ଟାଲିନ୍ କହିବା ସହ ଜବରଦସ୍ତ ହିନ୍ଦୀ ଭାଷାକୁ ଲଦିଦେବା ପାଇଁ ଏଲ୍‌ଆଇସିର ୱେବ୍‌ସାଇଟ୍ ଏକ ପ୍ରଚାର ଉପକରଣରେ ପରିଣତ ହୋଇଥିବା ଅଭିଯୋଗ କରିଛନ୍ତି। ଏପରିକି ଇଂଲିଶ ଅପ୍ସନ୍ ଚୟନ କରିବା ପାଇଁ ହିନ୍ଦୀରେ ଦେଖାଉଥିବା ଷ୍ଟାଲିନ୍ ଉକ୍ତ ୱେବ୍‌ପେଜ୍‌ର ସ୍କ୍ରିନ୍‌ସଟ୍ 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି। ଭାରତର ବିବିଧତାକୁ ନଷ୍ଟ କରି ଜବରଦସ୍ତ ସଂସ୍କୃତି ଓ ଭାଷା ଲଦିଦେବା ବ୍ୟତୀତ ଏହା କିଛି ନୁହେଁ। ସମସ୍ତ ଭାରତୀୟଙ୍କ ସହାୟତାରେ ଏଲ୍‌ଆଇସିର ଅଭିବୃଦ୍ଧି ହୋଇଛି। ସଂଖ୍ୟାଗରିଷ୍ଠ ଅବଦାନକାରୀଙ୍କୁ ପ୍ରତାରିତ କରିବାର ଦୁଃସାହସ କିପରି କରାଯାଉଛି। ଏହି ଭାଷାଗତ ସ୍ୱେଚ୍ଛାଚାରିତାକୁ ତୁରନ୍ତ ପ୍ରତ୍ୟାହାର କରିନିଆଯିବାକୁ ଷ୍ଟାଲିନ୍ ଦାବି କରିଛନ୍ତି।

ଅନ୍ୟ ଭାଷାଭାଷୀ ଲୋକଙ୍କ ଉପରେ ହିନ୍ଦୀକୁ ଜବରଦସ୍ତ ଲଦିଦିଆଯିବାକୁ ଭାଜପାର ସହଯୋଗୀ ତଥା ପିଏମ୍‌କେର ପ୍ରତିଷ୍ଠାତା ଡ. ଏସ୍. ରାମଦୋସ୍ ସମାଲୋଚନା କରିଛନ୍ତି। ଅଣହିନ୍ଦୀ ଲୋକମାନଙ୍କ ଉପରେ ହିନ୍ଦୀର ପ୍ରସାର ପାଇଁ ଏଲ୍‌ଆଇସିର ଉଦ୍ୟମକୁ ସେ ନିନ୍ଦା କରିଛନ୍ତି। ହଠାତ୍ କେବଳ ହିନ୍ଦୀକୁ ପ୍ରାଥମିକତା ଦେବା ଗ୍ରହଣୀୟ ନୁହେଁ, କାରଣ ଏଲ୍‌ଆଇସି ଭାରତର ବିଭିନ୍ନ ଭାଷାଭାଷୀ ☞ପୃଷ୍ଠା-୪



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍

## ବାନ୍ଧବୀ ପାଇଁ ୩୦୦ କି.ମି. ଗଲା ବାଘ

ହାଇଦ୍ରାବାଦ,୧୯।୧୧

ଏକ ବାଘୁଣୀର ସନ୍ଧାନରେ ମହାରାଷ୍ଟ୍ରର ଟିପେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟରେ ରହୁଥିବା ବାଘ 'ଜନି' ୩୦୦ କିଲୋମିଟର ଅତିକ୍ରମ କରି ତେଲଙ୍ଗାନାର ନିର୍ମଳ ଜିଲାସ୍ଥିତ କୱାଲ ଟାଇଗର ରିଜର୍ଭ ନିକଟରେ ପହଞ୍ଚିଛି। ନିଜର ଏହି ଯାତ୍ରାରେ ଜନି ବିଭିନ୍ନ ଜଙ୍ଗଲ ଏବଂ କ୍ଷେତ ପାର୍ କରି ଏବେ କୱାଲ ଟାଇଗର ରିଜର୍ଭ ଆଡ଼କୁ ଯାଉଥିବା ଜଣାପଡ଼ିଛି। ରେଡିଓ କଲାର ସାହାଯ୍ୟରେ ଜନିର ପୂରା ଯାତ୍ରାକୁ ଟ୍ରାକ୍ କରିବାରେ ବନ ବିଭାଗର ଅଧିକାରୀମାନେ ସଫଳ ହୋଇଛନ୍ତି। ୬ରୁ ୮ ବର୍ଷ ବୟସର ହୋଇଥିବା ଜନି ଅକ୍ଟୋବର ତୃତୀୟ ସପ୍ତାହରୁ ଟିପେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟରୁ ନିଜର ଏହି ଯାତ୍ରା ଆରମ୍ଭ କରିଥିଲା। ବନ ଅଧିକାରୀମାନେ ଜନିକୁ ପ୍ରଥମେ ତେଲଙ୍ଗାନାର ଆଦିଲାବାଦ ଜିଲା ବୋଥ୍ ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ଟ୍ରାକ୍ କରିଥିଲେ। ଏହାପରେ ଜନି ତେଲଙ୍ଗାନାର ନିର୍ମଳ ଜିଲା ଅନ୍ତର୍ଗତ କୁନ୍ତଲା, ସାରଙ୍ଗପୁର, ମାମାଦା, ପେମ୍ବି ଅଞ୍ଚଳ ଦେଇ ଯିବା ପରେ ଏବେ ହାଇଦ୍ରାବାଦ-ନାଗପୁର ଜାତୀୟ ରାଜପଥ ୪୪କୁ ଅତିକ୍ରମ କରି ତିରୟାନି ଅଞ୍ଚଳ ଆଡ଼କୁ ମୁହାଁଉଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ☞ପୃଷ୍ଠା-୪








A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




# ଡିସେମ୍ବର ୧ରୁ ଇକୋରିଟ୍ରିଟ୍

## ଚଳିତବର୍ଷ ୭ ସ୍ଥାନରେ ହେବ

- ୧୫ରୁ କୋଣାର୍କରେ ଆରମ୍ଭ
- ବୁକିଂ ମୂଲ୍ୟ ହ୍ରାସ, ସର୍ବନିମ୍ନ ୪ହଜାର

ଭୁବନେଶ୍ୱର,୧୯।୧୧ (ସୁଚିସ୍ମିତା ସାହୁ)

ଆସନ୍ତା ଡିସେମ୍ବର ୧ରୁ ଆରମ୍ଭ ହେବାକୁ ଯାଉଛି ଇକୋରିଟ୍ରିଟ୍। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋରିଟ୍ରିଟ୍ ବୁକିଂ ମୂଲ୍ୟକୁ ହ୍ରାସ କରାଯାଇଛି। ବୁକିଂ ସର୍ବନିମ୍ନ ୪ହଜାର ଟଙ୍କାରୁ ଆରମ୍ଭ ହୋଇ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଚଳିତବର୍ଷ ୭ଟି ସ୍ଥାନରେ ଇକୋରିଟ୍ରିଟ କାର୍ଯ୍ୟକ୍ରମ କରାଯିବ। ଡିସେମ୍ବର ୧ରୁ ପତିସୋନାପୁର, କୋରାପୁଟ, ଦାରିଙ୍ଗବାଡ଼ି, ହୀରାକୁଦ, ସାତକୋଶିଆ ଓ ଭିତରକନିକାରେ ଇକୋରିଟ୍ରିଟ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ୧୫ ତାରିଖଠାରୁ କୋଣାର୍କରେ ଇକୋରିଟ୍ରିଟ ଆରମ୍ଭ ହେବ। ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ଓଡ଼ିଶାର ସଂସ୍କୃତି ଓ କାରୁକାର୍ଯ୍ୟକୁ ଆହୁରି ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବୁକିଂ ମୂଲ୍ୟକୁ ହ୍ରାସ କରାଯାଇଛି ବୋଲି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଜୈବ ବିବିଧତା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିବ। ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାରୁ ଭ୍ରମଣ ସହିତ ମନୋରଞ୍ଜନ କରିବାର ଏହା ଏକ ନିଆରା ମାଧ୍ୟମ ପାଲଟିଛି। କୋଣାର୍କରେ ଗୋଟିଏ ରାତି ଓ ଦୁଇଦିନ ରହଣି ପାଇଁ ଡିଲକ୍ସ କଟେଜ ୫ହଜାର, ପ୍ରିମିୟମ କଟେଜ ୬ହଜାର, ରୟାଲ କଟେଜ ୧୨ ହଜାର ଓ ପ୍ରେସିଡେନ୍ସିଆଲ କଟେଜ ଦର ୨୨ ହଜାର ଟଙ୍କା ରହିଛି। ସାତକୋଶିଆ ପର୍ଯ୍ୟଟକଙ୍କ ପାଇଁ ଦୁଇଟି କଟେଜ ବ୍ୟବସ୍ଥା ରଖାଯାଇଛି। ଏଥିରେ ଡିଲକ୍ସ କଟେଜ ମୂଲ୍ୟ ୪ହଜାର ଓ ରୟାଲ କଟେଜ ୫ ହଜାର ଟଙ୍କା। ଭିତରକନିକାରେ ଡିଲକ୍ସ କଟେଜ ଦର ୪ହଜାର ଟଙ୍କା ରହିଛି। ସେହିପରି ହୀରାକୁଦରେ ପର୍ଯ୍ୟଟକଙ୍କ ପାଇଁ କେବଳ ପ୍ରିମିୟମ କଟେଜର ବ୍ୟବସ୍ଥା କରାଯାଇଛି, ଯାହାର ମୂଲ୍ୟ ୫ ହଜାର ଟଙ୍କା। ଦାରିଙ୍ଗବାଡ଼ିରେ ଡିଲକ୍ସ କଟେଜର ଦର ୪ ହଜାର ଓ ପ୍ରିମିୟମ କଟେଜ ଦର ୫ ହଜାର ଟଙ୍କା ରହିଛି। ଏଥିସହ ପତିସୋନାପୁରରେ ଡିଲକ୍ସ କଟେଜ ଦର ୫ହଜାର ଓ ପ୍ରିମିୟମ ୫ ହଜାର ଟଙ୍କା ରହିଛି। କୋରାପୁଟ ଡିଲକ୍ସ କଟେଜ ଦର ୪ହଜାର ଓ ପ୍ରିମିୟମ କଟେଜ ୫ହଜାର ଟଙ୍କା ରହିଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଣାପଡିଛି। ଜନ୍ମଦିନ, ବିବାହ ବାର୍ଷିକୀ ଓ କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବୁକିଂ କରାଯାଉଥିବା କଟେଜର ମୂଲ୍ୟ ୩୦ ହଜାର ରହିଥିବାବେଳେ କୋଣାର୍କରେ ତାହା ୭ ହଜାର ଟଙ୍କା ରଖାଯାଇଛି।

# ପରିବେଶ ପାଇଁ ବୈଶ୍ୱିକ ସ୍ୱର ପାଲଟିଥିବା ଯୋଦ୍ଧା

## 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ'

**ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏକ୍ଷେତ୍ରରେ ସହଭାଗୀ କରାଇପାରିବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'। ଚଳିତବର୍ଷର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ:ବିଲ୍ଡିଂ ରିଜିଲିଆନ୍ସ'। ଆସନ୍ତା ୨୪ ତାରିଖରେ ଧରିତ୍ରୀର ୫୧ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଯୁବ ସମ୍ମିଳନୀର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ।**

DHARITRI YOUTH CONCLAVE 2024 CLIMATE CHANGE: BUILDING RESILIENCE

## ହିତା ଲଖାନୀ



ଧରିତ୍ରୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ପରିବେଶ ଯୋଦ୍ଧା, କ୍ଲାଇମ୍‌ଆକ୍ଟ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶିକା ହିତା ଲଖାନୀ। ସେ ପୃଥିବୀର ଅନେକ ବୈଶ୍ୱିକ ମଞ୍ଚରେ ଭାରତୀୟ ଜଳବାୟୁ ପରିବର୍ତ୍ତନ ଆକ୍ଟିଭିଷ୍ଟମାନଙ୍କ ପ୍ରତିନିଧିତ୍ୱ କରିଆସିଛନ୍ତି। ଓମେନ୍ସ କ୍ଲାଇମେଟ୍ କଲେକ୍ଟିଭ୍ ସଦସ୍ୟା ଏହି ମହିଳା ପରିବେଶବିତ୍ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନତା ସୃଷ୍ଟି ଦିଗରେ କାର୍ଯ୍ୟରତ। ପରିବେଶ ସୁରକ୍ଷା ଏବଂ ଏଥିରେ ଯୁବପିଢ଼ିର ଭୂମିକା ନେଇ ସେମାନଙ୍କୁ ସଚେତନ କରାଇବାକୁ ହିତା ନିଜ ଉତ୍ତରଦାୟିତ୍ୱ ବୋଲି ବିବେଚନା କରିଥାନ୍ତି। ହିତାଙ୍କ ପ୍ରମୁଖ କାର୍ଯ୍ୟ ମଧ୍ୟରେ ରହିଛି, ପିଲାଙ୍କ ଭବିଷ୍ୟତର ସୁରକ୍ଷା। ପିଲାବେଳୁ ହିତାଙ୍କର ପରିବେଶ ପ୍ରତି ଆବେଗିକ ସମ୍ପର୍କ ରହିଆସିଛି। ପୃଥିବୀ ମାତାର ସୁରକ୍ଷା ଲାଗି ସେ ଅନେକ ସ୍ୱଳ୍ପବୟସ୍କ ପିଲାଙ୍କୁ ବ୍ରତୀ ହେବା ପାଇଁ ଅନୁପ୍ରାଣିତ କରିଥିଲେ। ହିତା ନିଜ କ୍ୟାରିୟରର ଲକ୍ଷ୍ୟ ହାସଲ ପାଇଁ ବିଶ୍ୱସ୍ତରୀୟ ଉଦ୍ୟମ ଚଳାଇ ସଫଳତାର ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି।

ପିଲାବେଳେ ଜେଜେମା'ବାପାଙ୍କ ଚାଷଜମିରେ ସମୟ ବିତାଇବା ହିତାଙ୍କୁ ବାହ୍ୟ ଦୁନିଆ ପ୍ରତି ଆକର୍ଷିତ କରିଥିଲା। ସେବେଠୁ ସେ ପ୍ରକୃତି ପ୍ରେମରେ ପଡ଼ିଯାଇଥିଲେ। ଏକଦା ମୁମ୍ବାଇର ମେରାଇନ୍ ଡ୍ରାଇଭ୍‌ରେ ଉପୁଡ଼ି ପଡ଼ିଥିବା ସୁଦୃଶ୍ୟ ନଡ଼ିଆଗଛ ତାଙ୍କୁ ଗଭୀର ମର୍ମାହତ କରିଥିଲା। ସେହି ଘଟଣା ପରବର୍ତ୍ତୀ ସମୟରେ ତାଙ୍କୁ ଜଳବାୟୁ ପରିବର୍ତ୍ତନ କ୍ଷେତ୍ର ଓ ପରିବେଶ ସୁରକ୍ଷା ପାଇଁ କିଛି କରିବାକୁ ପ୍ରେରିତ କରିଥିଲା। ସେହି ସମୟର ସ୍ମୃତିକୁ ମନେପକାଇ ହିତା କୁହନ୍ତି, ସେତେବେଳେ ତାଙ୍କୁ ୧୩ ବର୍ଷ ହୋଇଥିଲା। ସେ ସ୍କୁଲରୁ ଘରକୁ ଫେରୁଥିଲେ। ନଡ଼ିଆ ଗଛଟିଏ ମୂଳରୁ ଉପୁଡ଼ି ଏକ ଟ୍ରେଲର ଉପରେ ପଡ଼ିରହିଥିଲା। ବିଶାଳକାୟ ବୃକ୍ଷଟି ଦଣ୍ଡାୟମାନ ହେବା ପରିବର୍ତ୍ତେ ସମାନ୍ତରାଳ ଅବସ୍ଥାରେ ରହିଥିଲା। ସେହି ଚିତ୍ର ତାଙ୍କ ମନକୁ ବହୁ ସମୟ ଧରି ଆନ୍ଦୋଳିତ କରିଥିଲା। ଥରେ ଆମ ପରିବାରର ଜଣେ ସଦସ୍ୟ ମୋତେ ପ୍ରଶ୍ନ କରିଥିଲେ, ଏହାକୁ ନେଇ ତୁମେ ଯଦି ଏତେ ଚିନ୍ତିତ ତେବେ ପରିବେଶବିତ୍ ହେଉନ କାହିଁକି? ସେହି ପ୍ରଶ୍ନ ହିଁ ମୋତେ ଜୀବନରେ କିଛି ହେବା ପାଇଁ ନିଷ୍ପତ୍ତି ନେବାକୁ ବାଟ କଢ଼ାଇଥିଲା। ସେ ମନେ ମନେ ସ୍ଥିର କରିଥିଲେ ଜଣେ 'ଗ୍ଲୋବାଲ୍ ଇଣ୍ଡିଆନ୍' ହୋଇ ପରିବେଶ ସୁରକ୍ଷା ଦିଗରେ ବ୍ରତୀ ହେବାକୁ।

ହିତା ପରିବେଶ ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପାଇଁ ନୂଆଦିଲ୍ଲୀସ୍ଥିତ ଟିଇଆର୍‌ଆଇରେ ଅଧ୍ୟୟନକରି ଏହି କ୍ଷେତ୍ରରେ ନିଜ କ୍ୟାରିୟରର ମୂଳଦୁଆ ପକାଇଥିଲେ। ସେ କୁହନ୍ତି ସେହି ସମୟରେ ଏକ ବନ୍ୟପ୍ରାଣୀ ସଂରକ୍ଷଣ ସଙ୍ଗଠନ ସହ ଜଡ଼ିତ ରହି ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଥାଏ। ଏହା ସାଙ୍ଗକୁ ଜର୍ମାନୀ ଭାଷା ମଧ୍ୟ ପଢୁଥାଏ। କୋର୍ସ ସାରିବା ପରେ ମୁଁ ଟିସିଏସ୍‌ରେ ଜଣେ ଭାଷାବିତ୍ ଭାବେ ନିଯୁକ୍ତି ପାଇଲି। କିନ୍ତୁ ପରିବେଶ ପ୍ରତି ମୋ ଆକର୍ଷଣ ଅତୁଟ ରହିଥାଏ। ୨୦୧୫ରେ ପ୍ୟାରିସ୍‌ରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍୨୧ରେ ଯୋଗଦେଇଥିଲେ। ସେଠାରୁ ଫେରିବା ପରେ ପରିବେଶ ପାଇଁ କିଛି କରିବାକୁ ପ୍ରେରଣା ପାଇଥିଲେ। ହିତା ୟୁଏନ୍‌ଏଫ୍‌ସିସିସି ସହ ଜଡ଼ିତ ବୈଶ୍ୱିକ ନେଟ୍‌ୱର୍କ ୟଙ୍ଗୋ ପାଇଁ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରି ଛୋଟ ପିଲା ଓ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଆସିଛନ୍ତି। ଏପରିକି ସେ ନିଜ ଦାୟିତ୍ୱ ସମ୍ପାଦନ ସହ ପ୍ରକଳ୍ପଭିତ୍ତିକ କାର୍ଯ୍ୟ ମଧ୍ୟ କରିଛନ୍ତି। ୨୦୧୯ରେ ହିତା ୧୭୦ ଦେଶ ସଦସ୍ୟ ରହିଥିବା ୟଙ୍ଗୋର ଗ୍ଲୋବାଲ ଫୋକାଲ ପଏଣ୍ଟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ଏହି ସଙ୍ଗଠନର ମୁଖ୍ୟ ଭାବେ ସେ ୧୦,୦୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଓ ସଙ୍ଗଠନ ସହିତ ଯୋଗସୂତ୍ର ରଖି ପରବର୍ତ୍ତୀ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ହିତା ୨୦୨୨ରେ କ୍ଲାଇମ୍‌ଆକ୍ଟ ଫାଉଣ୍ଡେଶନ ପ୍ରତିଷ୍ଠାକରି ଭାରତୀୟ ଯୁବପିଢ଼ିକୁ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି। ସେ ୟୁଥ୍ ନେଗୋସିଏଟର୍ସ ଏକାଡେମୀର ମଧ୍ୟ ସହ ପ୍ରତିଷ୍ଠାତା।







## ୨୫ରେ ବିଧାନସଭା ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୯।୧୧(ସୁନିତ୍ ମିଶ୍ର)

ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୨୬ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହା ଦ୍ୱିତୀୟ ବିଧାନସଭା ଅଧିବେଶନ। ଚଳିତ ଅଧିବେଶରେ ଭାଜପା ସରକାର ପ୍ରଥମ ଅତିରିକ୍ତ ଚିଠା ବଜେଟ ଆଗତ କରିବେ। ଏହି ଚିଠା ବଜେଟକୁ ୨୩ରେ ବସିବାକୁ ଥିବା ମନ୍ତ୍ରିମଣ୍ଡଳ ଏବଂ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳିବ ବୋଲି ଜଣାପଡିଛି। ଶୀତ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ଲାଗି ୨୫ରେ ବାଚସ୍ପତିଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଙ୍ଗଳବାର ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୬ରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ କରିବେ। ଏହି ଚିଠା ବଜେଟକୁ ମନ୍ତ୍ରିମଣ୍ଡଳ ଓ ମନ୍ତ୍ରୀ ପରିଷଦର ଅନୁମୋଦନ ମିଳିବ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨.୬୫ ଲକ୍ଷ କୋଟି ଟଙ୍କାର ବଜେଟ ଗତ ଜୁଲାଇ ୨୫ରେ ଉପସ୍ଥାପନ କରିଥିଲେ। ଏହା ସେପ୍ଟେମ୍ବର ୧୧ରେ ଅନୁମୋଦନ ଲାଭ କରିଥିଲା। ଏଥର ସରକାର ଚିଠା ବଜେଟ ଆଗତ କରିବାକୁ ଯାଉଛନ୍ତି। ହେଲେ ବିଭିନ୍ନ ପ୍ରସଙ୍ଗକୁ ଏକାଠିକରି ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଗୃହରେ ଶାସକ ଦଳକୁ ଘେରିବାକୁ ଯୋଜନା ରଖିଛନ୍ତି। ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁବରଣ କରିଥିବା ବିଷୟ ନେଇ ବିଜେଡି ବାରମ୍ବାର ଶାସକ ଭାଜପାକୁ ଟାର୍ଗେଟ କରୁଛି। ସେହିପରି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ ରହିଛି, ଯାହାକୁ ନେଇ ବିରୋଧୀ ଶାସକ ଦଳକୁ ଘେରିବାକୁ ଯୋଜନା ରଖିଛି। କେଉଁସବୁ ପ୍ରସଙ୍ଗରେ ଶାସକ ଦଳକୁ ଘେରାଯିବ ସେନେଇ ବିଜେଡି ଓ କଂଗ୍ରେସ ସେମାନଙ୍କ ବିଧାୟକ ଦଳରେ ରଣନୀତି ପ୍ରସ୍ତୁତ କରିବେ। ହେଲେ ଉଭୟ ଦଳର ବିଧାୟକ ଦଳ ବୈଠକ ନେଇ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇନାହିଁ।



**ହାତୀ ଘଉଡ଼ାଇବା ନେଇ ପଶ୍ଚିମବଙ୍ଗ-ଓଡ଼ିଶା ବନ କର୍ମଚାରୀ ମୁହାଁମୁହିଁ**

ଜଳେଶ୍ୱର(ନବୀନ ସାହୁ/ରବିନାରାୟଣ ପାତ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆରେ ଗତ ରବିବାର ବିଳମ୍ବିତ ରାତିରେ ୪୨ ଝାଡ଼ଖଣ୍ଡୀ ହାତୀପଲ ମୟୂରଭଞ୍ଜ ସୀମାନ୍ତ ଦେଇ ଜଳେଶ୍ୱରର କେନ୍ଦୁଖୁଣ୍ଟା ଜଙ୍ଗଲରେ ପହଞ୍ଚିଥିଲେ। ସୋମବାର ସନ୍ଧ୍ୟା ପରେ ହାତୀପଲ୍ ହଳଦୀଗୁଣ୍ଡି ଗ୍ରାମ ଦେଇ ପଶ୍ଚିମବଙ୍ଗର ପାଇକା, ଶାଳଗଡ଼ିଆ ଅଭିମୁଖେ ଯିବାବେଳେ ସିଧାସଳଖ ସେଠାକାର ଲୋକେ ଏବଂ ବନ କର୍ମଚାରୀ ହାତୀପଲକୁ ବାଣ ଏବଂ ନିଆଁ ଜାଳି ହାତୀଚଲା ପଥକୁ ରୋକିଥିଲେ। ଫଳରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ବନ କର୍ମଚାରୀଙ୍କ ମଧରେ ମୁହାଁମୁହିଁ ହୋଇଥିଲା। କିଛି ସମୟ ପରେ କିଛି ହାତୀ ପଶ୍ଚିମବଙ୍ଗ ଅଭିମୁଖେ ଚାଲିଯାଇଥିଲେ ଓ କିଛି ହାତୀ ଓଡ଼ିଶାର କେନ୍ଦୁଖୁଣ୍ଟା ଜଙ୍ଗଲକୁ ଫେରିଆସିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶତମ ବାର୍ଷିକ କ୍ରୀଡ଼ା, ସ୍ଥାନ: ୭ମ ବାଟାଲିୟନ ଖେଳ ପଡ଼ିଆ, ସମୟ: ସକାଳ ୯ଟା ୩୦।
- ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ମା' ଜାଗୁଲାଇଙ୍କ ପୀଠ, ବାଲିଅନ୍ତା ବ୍ଲକର ବେଣ୍ଟପୁର ପଞ୍ଚାୟତ ଅଧୀନ ପୁରୁଣା ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଇନ୍ଫ୍ରାଷ୍ଟ୍ରକ୍ଚର କନ୍କ୍ଲେଭ୍-୨୦୨୪, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ବାଲିଯାତ୍ରାର ୬ଷ୍ଠ ଦିବସ, ସ୍ଥାନ: କୁଆଖାଇ ନଦୀପଠା, ସମୟ: ଅପରାହ୍ନ ୩ଟା।
- ପ୍ରବନ୍ଧୋତ୍ସବ, ସ୍ଥାନ: ଜ୍ଞାନ ବିହାର, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ସମୟ: ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ଉତ୍ତର ମହୋତ୍ସବର ଉଦ୍ଯାପନୀ ଦିବସ, ସ୍ଥାନ: ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅଧୀନ କ୍ଲବ ଟାଉନ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ୬ଷ୍ଠ ଲାସ୍ୟ ଲାବଣ୍ୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ, ସ୍ଥାନ: ଜିକେସିଏମ୍, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ବାର୍ଷିକ ସଙ୍ଗୀତ ମହୋତ୍ସବ 'ରାଗୋତ୍ସବ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଚୌଦ୍ୱାରସ୍ଥିତ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଚୌଦ୍ୱାର ଚାରବାଟିଆସ୍ଥିତ ମହିମା ପ୍ୟାଲେସ୍, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- କଳିଙ୍ଗ ବୈଶ୍ୟ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ହୋଟେଲ ହଲିଡେ ରିଶୋର୍ଟ, ପୁରୀ, ସମୟ: ସକାଳ ୯ଟା।
- ଏନ୍ସିସି କ୍ୟାଡେଟ୍ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ୬ଷ୍ଠ ଓଡ଼ିଶା ବାଟାଲିୟନ, ପୁରୀ, ସମୟ: ସକାଳ ୯ଟା।
- ବିପ୍ଳବୀ ନେତା ଅକ୍ଷୟ କୁମାର ପ୍ରଧାନଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଉତ୍ସବ ଆଙ୍ଗନ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ୱେଷଣ ପକ୍ଷରୁ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ ପିଲାଙ୍କ କର୍ମଶାଳା, ସମୟ: ପୂର୍ବାହ୍ନ ୧୧ଟା। ଉଦ୍ଘାଟନୀ ସଭା, ସମୟ: ଅପରାହ୍ନ ୫ଟା।
- ଶିଶୁ ସମାଚାର ପକ୍ଷରୁ ବିଶ୍ୱ ଶିଶୁ ଅଧିକାର ଦିବସ, ସ୍ଥାନ: ସୁଖଲତା ସ୍ମୃତି ବାଳିକା ବିଦ୍ୟାଳୟ, ବିଧବା ଆଶ୍ରମ ଛକ, ପୁରୀ, ସମୟ: ଅପରାହ୍ନ ୨ଟା।

## ଖୋର୍ଦ୍ଧା

- ବଗଳାମୁଖୀ ଦେବୀଙ୍କ ପୀଠରେ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଓ କାଳଭୈରବ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପୋଷ୍ଟାଲ କଲୋନୀ, ଜଟଣୀ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍ଘାଟନ, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୮ଟା ୩୦।

## ବାଲେଶ୍ୱର

- ସୋର ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବାଗୁଡ଼ି ହାଇସ୍କୁଲ, ବାଗୁଡି, ସୋର, ସମୟ: ସକାଳ ୯ଟା ୩୦।
- ଖଇରା ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବାଘୁଆ ହାଇସ୍କୁଲ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଆହାର କେନ୍ଦ୍ର ଉଦ୍ଘାଟନୀ ଉତ୍ସବ, ସ୍ଥାନ: ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ସୀମାନ୍ତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସହାବାଜିପୁରରେ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠାତା ସ୍ୱର୍ଗତ ସତୀଶ ଚନ୍ଦ୍ର ଦାସ ଅଧିକାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: କଲେଜ ପରିସର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନେଶ୍ୱର ମହାଦେବ ସେବାୟତ ସଂଘ ପକ୍ଷରୁ ଅନ୍ନ ମହୋତ୍ସବ, ସ୍ଥାନ: ଚନ୍ଦନେଶ୍ୱର ମନ୍ଦିର ପରିସର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ରୁ ଅପରାହ୍ନ ୨ଟା ୩୦।
- ଜିଲାସ୍ତରୀୟ ଦିଶା ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ୭୧ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଉତ୍ସବ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଶିଶୁ ମହୋତ୍ସବ 'ସର୍ଗିଫୁଲ', ସ୍ଥାନ: ଦହପାଣିଆ ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ପଞ୍ଚାୟତ ସମିତିର ୭ମ ଅଧିବେଶନ, ସ୍ଥାନ: ଧାମନଗର ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିର୍ବାଚନମଣ୍ଡଳୀ ଉନ୍ନୟନ ପରିଷଦ ବୈଠକ, ସ୍ଥାନ: ବ୍ଲକ୍ କନ୍ଫରେନ୍ସ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଧାମନଗର ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କାଳୀପୂଜା ଭସାଣି ଉତ୍ସବ, ସ୍ଥାନ: ବାସୁଦେବପୁର ମୁଖ୍ୟ ବଜାର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା,ସମୟ: ସକାଳ ୭ଟାରୁ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବ୍ଲଡ୍ ବ୍ୟାଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ବାରିପଦା,ସମୟ: ସକାଳ ୮ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଉଦ୍ଯାପନୀ ଉତ୍ସବ, ସ୍ଥାନ:କଲେଜ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ମା' ଜଗଦ୍ଧାତ୍ରୀଙ୍କ ମେଳା, ସ୍ଥାନ: ଭଞ୍ଜପୁର ବାରିପଦା, ସମୟ:ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଗୀତ ପ୍ରତିଯୋଗୀତା, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର ବାରିପଦା, ସମୟ: ସନ୍ଧ୍ୟା ୫ଟା।
- ଓନ୍ଲି ୱାନ ଡ୍ୟାନ୍ସ ଗ୍ରୁପର ନୃତ୍ୟ ପ୍ରଦର୍ଶନ, ସ୍ଥାନ:ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ:ସନ୍ଧ୍ୟା ୬ଟା।
- ପରମେଶ୍ୱର ଡ୍ୟାନ୍ସ ଗ୍ରୁପର ନୃତ୍ୟ ପ୍ରଦର୍ଶନ, ସ୍ଥାନ:ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ:ରାତି ୮ଟା।

## ଗଞ୍ଜାମ

- ପେନ୍ସନ ଅଦାଲତ, ସ୍ଥାନ: ଛତ୍ରପୁର ଋଷିକୁଲ୍ୟା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ୨୪ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ବାଲିଗୁଡା, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗି ଫୁଲ', ସ୍ଥାନ-ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡଗାଁ, ବାଲିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ରାଜ୍ୟସ୍ତରୀୟ କୁଇଜ୍ ଏବଂ ଜିଲାସ୍ତରୀୟ ବକ୍ତୃତା ଓ ରଚନା ପ୍ରତିଯୋଗିତା, ସ୍ଥାନ: ସିନର୍ଜି ଇଞ୍ଜିନିୟରିଙ୍ଗ୍ କଲେଜ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍ସିଂହପୁର

- ପାରାଦୀପ କଲେଜ ଆଲୁମନି କାର୍ଯ୍ୟକ୍ରମ ଉପଲକ୍ଷେ ଏନ୍ସିସି ୱିଙ୍ଗ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପାରାଦୀପ କଲେଜ ପରିସର, ନୂଆବଜାର, ସମୟ: ସକାଳ ୮ଟା।
- କଳିଙ୍ଗ ବାଲିଯାତ୍ରା ସପ୍ତମ ସନ୍ଧ୍ୟାରେ ବିଶିଷ୍ଟ ଗାୟକ ଅଭିଜିତ ମଜୁମ୍ଦାର ଓ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

## କେନ୍ଦ୍ରାପଡ଼ା

- ଜିଲା ପରିଷଦ ବୈଠକ, ସ୍ଥାନ: ଡିଆରଡିଏ ହଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା, କେନ୍ଦ୍ରାପଡ଼ା ମହୋତ୍ସବ, ସ୍ଥାନ: ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବଜ୍ରକାଳୀ ଯୁବ ପରିଷଦ ପକ୍ଷରୁ ଶ୍ରୀକାର୍ତ୍ତିକେଶ୍ୱର ମହୋତ୍ସବ, ସ୍ଥାନ: କାନପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକାର୍ତ୍ତିକେଶ୍ୱର ଦେବଙ୍କ ମିଳନ ଉତ୍ସବ, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା,ସ୍ଥାନ : ଯାଜପୁର କୁସୁମା ପଡ଼ିଆ,ସମୟ : ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା।
- ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନ, ସ୍ଥାନ: ଯାଜପୁର ସୁନ୍ଦରପୁର ଏଆରସିଏସ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଚଣ୍ଡିଖୋଲସ୍ଥିତ ଶାନ୍ତିମଣ୍ଡପ ପରିସରରେ କର୍ମୀ ସମ୍ମିଳନୀ, ସ୍ଥାନ: ଚଣ୍ଡିଖୋଲ, ଶାନ୍ତିମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଆଶ୍ରୟର ୩୦ତମ ପ୍ରତିଷ୍ଠା ଦିବସରେ କବିତା ଆସର, ସ୍ଥାନ: ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମ, ବାଉଁଶିଆ, ଶରଣକୁଳ, ସମୟ:ପୂର୍ବାହ୍ନ ୧୦ଟା।
- ଆଶ୍ରୟର ୩୦ତମ ପ୍ରତିଷ୍ଠା ଦିବସରେ ଆଲୋଚନା ଚକ୍ର, ସ୍ଥାନ: ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମ, ସମୟ: ୧୨ଟା୩୦।
- ଫୁଟବଲ ମ୍ୟାଚ୍ର ୪ର୍ଥ ଦିବସରେ ଅନୁଗୋଳ ପତାକା ବନାମ ରଣପୁର ସ୍ପୋର୍ଟସ୍ ଆଥ୍ଲେଟିକ୍, ସ୍ଥାନ: ନୂଆଗାଁ ବ୍ଲକର ମାଳିସାହି ଖେଳପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଭାଗବତ୍ ସପ୍ତାହ, ପାରାୟଣ ଓ ପ୍ରବଚନ ନାମଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ରାହସ ବିହାରୀ ମଠ,ଇଟାମାଟି ବଡଟାଙ୍ଗୀ ପାଟଣା, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ରେଲୱେ ପଡିଆ, ରାୟଗଡା, ସମୟ: ସକାଳ ୮ଟା ୩୦।
- ୪ର୍ଥ ଇଏମ୍ଆରଏସ୍ ନ୍ୟାସନାଲ ସ୍ପୋର୍ଟସ ମିଟ୍ - ୨୦୨୪ ଉଦ୍ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବିକ୍ରମପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା,ସ୍ଥାନ: ସରକାରୀ ହାଇସ୍କୁଲ, ଗୁଡାର, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସେବା ସମାଜ ସମ୍ମୁଖ ପଡ଼ିଆ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ମଣ୍ଡେଇ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ଧଣ୍ଡରାସ୍ଥିତ ଝାଡ଼େଶ୍ୱର ଶୈବ ପୀଠ, ଡଙ୍ଗରଦେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- କରମରୀ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୭୧ ତମ ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନ, ସ୍ଥାନ: ମିଶନ ଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- କୋରାପୁଟ ମ୍ୟୁନିସିପାଲିଟି ପରବ ନେଇ ଫୁଟବଲ ପ୍ରତିଯୋଗିତା, ସ୍ଥାନ : ପୋଲିସ ପଡିଆ, କୋରାପୁଟ, ସମୟ : ସକାଳ ୮ ଟା।

## ସମ୍ବଲପୁର

- ଭାଲୁବାହାଲ ମା' ଲକ୍ଷ୍ମୀ କ୍ଲବ ଆୟୋଜନରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ , ସ୍ଥାନ : ପି.ଟିକିରା ଖେଳପଡିଆ, ସମୟ : ପୂର୍ବାହ୍ନ ୯ଟା।
- ଜିଏସ୍ଟି ସଚେତନତା ରଥ, ସ୍ଥାନ: ଜେଲଛକ ସ୍ଥିତ ଜିଏସ୍ଟି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଗଙ୍ଗାଧର ମେହେର ଜୁନିୟର କଲେଜ ସମସ୍ୟା ନେଇ ଦାବିପତ୍ର ପ୍ରଦାନ, ସ୍ଥାନ: ଉତ୍ତରାଞ୍ଚଳ ଆରଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବୁର୍ଲା ଏନଏସି ମହାବିଦ୍ୟାଳୟର ନୂତନ କୋଠା ଏବଂ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ : ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଏବିସିଡି ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବାନ୍ଧ ଦିବସ ତଥା ରାଧାଶ୍ୟାମ ମେହେର ଜୟନ୍ତୀ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୫ଟା।

## ବଲାଙ୍ଗୀର

- ରୁଗୁଡ଼ିଖାଲରେ ଚାଷୀଙ୍କ ବିବଧ ସମସ୍ୟାକୁ ନେଇ ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତି ବୈଠକ, ସ୍ଥାନ: ରାମମନ୍ଦିର, ରୁଗୁଡ଼ିଖାଲ, ସମୟ: ପୂର୍ବାହ୍ନ ୧୦ ଟା।

## ସୁବର୍ଣ୍ଣପୁର

- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ, ସ୍ଥାନ: କଲାପାଣି ମାର୍କେଟ୍ ୟାର୍ଡ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଓ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଅଶୋକ ପଡ଼ିଆ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ବିଜ୍ଞାନ କେନ୍ଦ୍ର, ଟୁକୁର୍ଲା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ବରିକେଲ ହାଇସ୍କୁଲ, ବରିକେଲ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରଗଡ଼ ପୁସ୍ତକମେଳାର ଉଦ୍ଘାଟନୀ ସମାରୋହ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମହଦା ଖେଳପଡ଼ିଆ, ସମୟ: ସକାଳ ୯ଟା।
- ୭୧ତମ ନିଖିଳ ଭାରତ ସମବାୟ ଦିବସ ପାଳନ, ସ୍ଥାନ: ବେହେରାମାଲ, ସମୟ: ଅପରାହ୍ନ ୩ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଗଡିହି ମହାକାଳ ମନ୍ଦିର, ସମୟ: ରାତ୍ର ୮ଟା।

## ସୁନ୍ଦରଗଡ଼

- ବିହା ବାଏଲ ଉତ୍ସବ କମିଟି ପକ୍ଷରୁ ସଫେଇ ଅଭିଯାନ, ସ୍ଥାନ: ଇବ୍ ନଦୀ ମହାଦେବ ପଡା ଘାଟ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪-୨୫, ସ୍ଥାନ: ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, କୁଆଁରମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ନିଶୁଳ୍କ ଅକ୍ଷି ପରୀକ୍ଷା ଶିବିର, ସ୍ଥାନ: ସମଲେଇ ଫ୍ୟାମିଲି ହସ୍ପିଟାଲ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ପାନପୋଷ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ବେଦବ୍ୟାସ ମେଳଣ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଓ ବିଜ୍ଞାନ ମେଳା, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍ଯାପନୀ, ସ୍ଥାନ: କଚେରୀ ଖେଳପଡିଆ , ବୌଦ୍ଧ, ସମୟ: ସକାଳ ୮ଟା ୩୦।
- ଅଷ୍ଟମ ଗଡଜାତ ଲୋକ ମହୋତ୍ସବ ଅବସରରେ ଶୁଭଖୁଣ୍ଟ ସ୍ଥାପନ, ସ୍ଥାନ: ସାଧୁଚରଣ ଉଚ୍ଚବିଦ୍ୟାଳୟ ଖେଳପଡିଆ, ବୀରନରସିଂହପୁର, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିଶୁଉତ୍ସବ ସର୍ଗିଫୁଲ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ବଡବନ୍ଧ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିବ। ପରିବାରରେ ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିପାରେ। ବନ୍ଧୁଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିବ।

**ବୃଷ** ଆର୍ଥିକ ଅଭିବୃଦ୍ଧିଜନିତ ଅଟକିଥିବା କାମ ସମ୍ପନ୍ନ କରିପାରିବେ। ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକ ପ୍ରକାର ବ୍ୟତିବ୍ୟସ୍ତ ହୋଇ ପାରନ୍ତି। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମିଥୁନ** କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିଜନିତ ମାନସିକ ସୁସ୍ଥତା ରହିବ ନାହିଁ। ଅତ୍ୟାବଶ୍ୟକ କାମଗୁଡ଼ିକ ଅଟକିରହିଥିବା କାରଣରୁ ସେହିକଥା ଭାବି ଅନ୍ୟମନସ୍କ ରହିପାରନ୍ତି। ନୂତନ କାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି। ଯାନ ବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** ସମ୍ପର୍କୀୟଙ୍କ ବିବାଦର ସମାଧାନ ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କ ଅନୁକମ୍ପା ପଥ ପରିଷ୍କାର କରିଦେବ। ପାରିବାରିକ କ୍ଷେତ୍ରରେ ଅସୁବିଧା ଭୋଗିବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ ଏବଂ କୃତକାର୍ଯ୍ୟ ମଧ୍ୟ ହୋଇପାରନ୍ତି। ଗୃହମରାମତି, ଯାନବାହନ କ୍ରୟ, ତଥା ଯାନ୍ତ୍ରିକ ତ୍ରୁଟିକୁ ସୁଧାରିବା ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି।

**ସିଂହ** ସ୍ୱସ୍ଥାନହନ୍ତା ବୃହସ୍ପତି ମାରକାଧିପତି ଶନିଙ୍କ ନକ୍ଷତ୍ରରେ ଅବସ୍ଥାନ କରି ବ୍ୟବସାୟ, ଯାତ୍ରାରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରନ୍ତି। ପରିବାରରେ ସାଧାରଣ କଥା ଜଟିଳ ହୋଇ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। କୌଣସି ସାଂଗଠନିକ କାମ, ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା** ମାନସିକ ଅସୁସ୍ଥତା କାରଣରୁ ବୁଝାମଣା ଓ ବିଚାରଧାରା ଓଲଟ ପାଲଟ ହୋଇଯିବ। ମିତ୍ରମାନେ ଶତ୍ରୁତା ଆଚରଣ କରିବେ। କାର୍ଯ୍ୟକ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ମଧ୍ୟ ବିଗିଡ଼ି ଯିବାର ଆଶଙ୍କା ରହିଛି।

**ତୁଳା** ବନ୍ଧୁଙ୍କ ସହାୟତାରେ ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ବିଭିନ୍ନ ଉପାୟ ଚିନ୍ତା କରିପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା କ୍ଷେତ୍ରରୁ ସୁଫଳ ମିଳିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଫ୍ଲାଟିଂ କାରବାର ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା** ପରିବାରରେ ଆପଣ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ସହ ସଦ୍ଭାବ ବୃଦ୍ଧି ହୋଇପାରେ, ଯାହାକି ପରକ୍ଷଣରେ ଦରକାରରେ ଆସିବ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣିପାରନ୍ତି। ଦୀର୍ଘଦିନର ସମ୍ପର୍କରେ ଭଙ୍ଗା ହେବା କାରଣରୁ ମନ ଭଲ ରହିବନାହିଁ।

**ଧନୁ** ଉତ୍ତମ ବୁଝାମଣା ହେତୁ ସୁନ୍ଦର ପାରିବାରିକ ଜୀବନ ସୌଭାଗ୍ୟର ପ୍ରତୀକ ରୂପେ ଅନୁଭବ କରିବେ। ଘର ଅପେକ୍ଷା ବାହାର ଲୋକ ଆପଣଙ୍କ ପକ୍ଷ ସମର୍ଥନ କରି ସଫଳତା ଆଣିପାରନ୍ତି। ବ୍ୟବସାୟରେ ସମସ୍ୟା ସମାଧାନ ପାଇଁ ଅସୁବିଧା ହେବ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର** ପରୋକ୍ଷଶତ୍ରୁତା ଓ ମାନସିକ ଅସୁସ୍ଥତା କାରଣରୁ ଭଲ କଥାକୁ ଓଲଟା ଦୃଷ୍ଟିରେ ଦେଖିପାରନ୍ତି। ସୁଯୋଗର ସଦ୍ବ୍ୟବହାର କରିପାରିଲେ ଆଶା ନିଶ୍ଚିତ ପୂରଣ ହେବ। ସେବା ଓ ସାହାଯ୍ୟ, ସହଯୋଗ ମାଧ୍ୟମରେ ନିଜପାଇଁ ନୂତନ ସୁଯୋଗର ରାସ୍ତା ଉନ୍ମୋଚନ କରିବେ। ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** କର୍ମଦକ୍ଷତା ସଙ୍ଗକୁ ସମୟାନୁବର୍ତ୍ତିତା କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଗତକାଲିଠାରୁ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ଚିନ୍ତା କରିବେ। ସହକର୍ମୀ କିମ୍ବା ନିଜର ଉପରିସ୍ଥ ଅଫିସରଙ୍କ କ୍ରୋଧ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ।

**ମୀନ** ଅନୁକୂଳ ଗ୍ରହସ୍ଥିତିଜନିତ ଆଜି ଆପଣଙ୍କର କୌଣସି କାମ ଅଟକିବ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ନୂତନ ଯୋଜନାର ଅଗ୍ରଗତି ମନକୁ ଉଚ୍ଚାଟ କରିବ। ଉତ୍ତରଭାଦ୍ରପଦର ସମସ୍ୟା ବଢ଼ିବା କାରଣରୁ ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଭ୍ରମଣ ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି ନଭେମ୍ବର ୨୦ ତାରିଖ, ମାର୍ଗଶିର କୃଷ୍ଣ ୫ମୀ ବୁଧବାର, ଶ୍ରୀକ୍ଷେତ୍ର ପଞ୍ଚକୋଶୀ ପରିକ୍ରମା, ଶଙ୍ଖକ୍ଷେତ୍ର ମହିମା ଶ୍ରବଣ ଓ ପୂଜନ, ସିଦ୍ଧମହାବୀରଙ୍କ ନାଗାବେଶ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୦୮.୪୮ମି. ଗତେ, କର୍କଟ ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଗୃହପ୍ରବେଶ ପାଇଁ ଶୁଭଦିନ। ଦିବା ଘ.୦୬.୦୧ମି. ଗତେ ଘ.୦୮.୧୪ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ.୧୧.୩୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୨ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ୨୦ ହଜାରରେ...

ପାଇଁ ଚିନ୍ତାରେ ପଡ଼ିଥିଲେ। ଏହାପରେ ମଧ୍ୟସ୍ଥଙ୍କ ସହାୟତାରେ ଶିଶୁକନ୍ୟାକୁ ମାନ୍ୟମ ଜିଲା ଅନ୍ତର୍ଗତ ପେଦାପେଙ୍କି ଗ୍ରାମର କେ. ରାଜଶେଖରଙ୍କ ହାତକୁ ଟେକିଦେଇଥିଲେ। ଶିଶୁକନ୍ୟାକୁ ନେବା ପରେ ରାଜଶେଖର ଓ ତାଙ୍କ ସ୍ତ୍ରୀ ମାତ୍ର ୨୦ ହଜାର ଟଙ୍କା ଦେଇଥିଲେ ବୋଲି ରାହୁଲ କହିଛନ୍ତି। ନୂଆପଡ଼ା ବସ୍ତିରେ ରହୁଥିବା ରାହୁଲ ଟ୍ରକ୍ ହେଲ୍ପର ଭାବେ କାର୍ଯ୍ୟକରି ମାସିକ ୧,୫୦୦ ଟଙ୍କା ରୋଜଗାର କରନ୍ତି। ଅନ୍ୟପଟେ ଆମର ରାଶନକାର୍ଡ ନ ଥିବାରୁ ପିଡିଏସ୍ ଚାଉଳ ମଧ୍ୟ ମିଳୁନାହିଁ। ସ୍ୱଳ୍ପ ରୋଜଗାରରେ ପରିବାର ଚଳାଇବା କଷ୍ଟକର ହୋଇପଡିଥିବାରୁ ନିଜ କନ୍ୟାସନ୍ତାନକୁ ଅନ୍ୟ ହାତରେ ଟେକିଦେଇଥିବା ରାହୁଲ କହିଛନ୍ତି। ଗତ ୧୧ ତାରିଖରେ ରାଜଶେଖର ଦମ୍ପତି ନୋଟାରି ମାଧ୍ୟମରେ ବୁଝାମଣାକରି ଶିଶୁକନ୍ୟାକୁ ପୌଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି। କୋର୍ଟ ପେପରରେ ଲିଖିତ ଚୁକ୍ତି ମଧ୍ୟ ହୋଇଛି। ତେବେ ନୋଟାରି ମାଧ୍ୟମରେ ବୁଝାମଣା କରି ପୌଷ୍ୟସନ୍ତାନ ଗ୍ରହଣ କରିବା ପାଇଁ ନିୟମ ନ ଥିବା ବେଳେ ଦମ୍ପତି ଜଣକ କିଭଳି ଶିଶୁକନ୍ୟାକୁ ଗ୍ରହଣକଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିଶୁ ସୁରକ୍ଷା ବିଭାଗର (ଆଇନ ପରିବେଶ) ନିରାକାର ପାଢ଼ୀ, ଶିଶୁ ମଙ୍ଗଳ କମିଟି ସଦସ୍ୟା ପ୍ରିୟଦର୍ଶନୀ ମହାକୁଡ, ସତ୍ୟପ୍ରିୟା ପ୍ରଧାନ ପ୍ରମୁଖ ତଦନ୍ତ କରିଛନ୍ତି। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀଙ୍କୁ ପଚାରିବାରୁ ଖବରପାଇବା ପରେ ସିଡବ୍ଲ୍ୟୁସି ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି ଏବଂ ତଦନ୍ତ ଶେଷ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଖପ୍ରାଖୋଲ ଶିଶୁବିକ୍ରି...

ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେର,ଏସ୍ଡିପିଓ ସଦାନନ୍ଦ ପୂଝାରୀ ଏବଂ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧ ତାରିଖରେ କରୁଆଁରେ ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ଗ୍ରାମର ଆଶାକର୍ମୀ ପ୍ରସବ ପାଇଁ ସୁନାମୁହିଁ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ନେଇଥିଲେ। ସେଠାରେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କଠାରୁ ନାଇଟେଙ୍ଗଲ ଆୱାର୍ଡ ପାଇଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇ ସମ୍ପୃକ୍ତ ମହିଳାଙ୍କ ପ୍ରସବ କରାଇଥିଲେ। ମହିଳା ଜଣକ ଏକ ସୁସ୍ଥ ଶିଶୁକନ୍ୟା ଜନ୍ମ ଦେଇଥିଲେ। ହେଲେ ପ୍ରସୂତି ମହିଳା ଜଣକ ବିଭିନ୍ନ କାରଣ ଦର୍ଶାଇ ଶିଶୁକୁ ଲାଳନପାଳନ କରିପାରିବେ ନାହିଁ ବୋଲି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ କୁଆଡ଼େ କହିଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ବେଆଇନ ଭାବେ ଶିଶୁ କନ୍ୟାକୁ ଜନ୍ମ ହେବାର କିଛି ସମୟ ପରେ ଜଣେ ଦଲାଲଙ୍କୁ ଶିଶୁର ପରିବାରବର୍ଗଙ୍କ ଜରିଆରେ ଟେକିଦେଇଥିଲେ। ଦଲାଲ ଜଣକ ଶିଶୁକନ୍ୟାକୁ ନିଜର ସମ୍ପର୍କୀୟ ଏକ ନିଃସନ୍ତାନ ଦମ୍ପତିଙ୍କୁ ଦେଇଥିଲେ। ଏସବୁ ପରେ ବି ମହିଳା ସ୍ୱାସ୍ଥ୍ୟକର୍ମୀ ଘଟଣା ନେଇ ମେଡିକାଲ ଅଫିସର ଇନ୍ଚାର୍ଜଙ୍କୁ ଦୀର୍ଘ ୧୨ ଦିନ ପର୍ଯ୍ୟନ୍ତ ଅନ୍ଧାରରେ ରଖି କୌଣସି କଥା କହି ନ ଥିଲେ। ଗଣମାଧ୍ୟମରୁ ଖବର ପାଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଇନ୍ଚାର୍ଜ ଡ.ସୁରଜ କୁମାର ଦୀପ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଘଟଣା ବିଷୟରେ ପଚାରିବାରୁ ସେ ସତ ମାନିଥିଲେ। ଅପରପକ୍ଷରେ ଏନେଇ ଚର୍ଚ୍ଚାହେବା ପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେର,ଏସ୍ଡିପିଓ ସଦାନନ୍ଦ ପୂଝାରୀ, ଡିସିପିଓ (ଜିଲା ଶିଶୁ ସୁରକ୍ଷା ଅଧିକାରୀ) ଲକ୍ଷ୍ମୀ ସିଂ, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଓ ଅନ୍ୟ ଅଧିକାରୀମାନେ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇ ପରିବାରବର୍ଗଙ୍କଠାରୁ ସମସ୍ତ ବିଷୟ ବୁଝିଥିଲେ। ଏହି ସମୟରେ ଉପମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚାରିଥିଲେ। ସେ ଶିଶୁ କନ୍ୟା ବିକ୍ରି ହୋଇନାହିଁ , ଜଣେ ନିଃସନ୍ତାନ ଦମ୍ପତିଙ୍କୁ ଦିଆଯାଇଛି ବୋଲି କହି ତାଙ୍କ ନାମ, ଠିକଣା ଓ ଦଲାଲଙ୍କ ନାମ ମଧ୍ୟ କହିଥିଲେ। ସରକାରୀ ନିୟମ ଅନୁସାରେ ଏ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତକରି ଶିଶୁକୁ ଦେବା କଥା ବୋଲି ପୁଣି ପଚାରିବାରୁ ନିୟମକାନୁନ ଜାଣିନାହିଁ ଓ ଭୁଲ୍ ହୋଇଯାଇଛି ବୋଲି ସ୍ୱାସ୍ଥ୍ୟକର୍ମୀ ସ୍ୱୀକାର କରିଥିଲେ। ଯଦି ସେ ନିୟମକାନୁନ ଜାଣିନାହାନ୍ତି ତା'ହେଲେ ଶିଶୁକନ୍ୟାକୁ ଅନ୍ୟ ହାତକୁ ଟେକି ଦିଆଯିବା ପରେ ମଧ୍ୟ କାହିଁକି ମେଡିକାଲ ଅଫିସର ଇନ୍ଚାର୍ଜଙ୍କୁ ଘଟଣା ବିଷୟରେ ଜଣାଇ ନ ଥିଲେ ତାହା ସନ୍ଦେହ ସୃଷ୍ଟି କରିଛି। ଏଣୁ ଘଟଣାକୁ ଯଦି କେହି ଚପାଇଦେବାକୁ ଚେଷ୍ଟାକରେ ତା'ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

### ହାଇକୋର୍ଟରେ ହାତୀ...

ବ୍ୟବସ୍ଥା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ ମଧ୍ୟରେ ବାଉଁଶ ଚାରା ରୋପଣଠାରୁ ଆରମ୍ଭ କରି ଜଙ୍ଗଲ ପରିସଂସ୍ଥାକୁ ହାତୀଙ୍କ ବାସ ନିମନ୍ତେ ଅନୁକୂଳ କରିବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ମିଳିତ କମିଟି ଗଠନ କରାଯାଇଥିଲା। ରାଜ୍ୟ ସରକାର ହାତୀ ମୃତ୍ୟୁ ରୋକିବା ଦିଗରେ ଯୋଜନା ପ୍ରସ୍ତୁତ କରି ହାଇକୋର୍ଟଙ୍କ ନିକଟରେ ସତ୍ୟପାଠ ଆକାରରେ ଦାଖଲ କରିଥିଲେ। ତେବେ ବେଶ୍ କିଛି ଦିନର ବ୍ୟବଧାନ ପରେ ପୁଣି ଚର୍ଚ୍ଚିତ ହୋଇଛି ହାତୀ ମୃତ୍ୟୁ। ରାଜ୍ୟର ବିଭିନ୍ନ ବନାଞ୍ଚଳରେ ଅନେକ ସମୟରେ ଘଟୁଥିବା ହାତୀ ମୃତ୍ୟୁକୁ ନେଇ ରାଜ୍ୟ ସରକାର ହାଇକୋର୍ଟରେ ପୂର୍ବରୁ ରିପୋର୍ଟ ଦାଖଲ କରିଥିଲେ। ଏବେ ପୁଣି ଏ ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ ନିମନ୍ତେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇ ପ୍ରସଙ୍ଗକୁ ଅଧିକ କ୍ରିୟାଶୀଳ କରାଇଥିବା ଜଣାପଡ଼ିଛି।

### 'ଏଲ୍ଆଇସି ୱେବ୍ସାଇଟ୍‌ରେ...

ଗ୍ରାହକମାନଙ୍କୁ ଆଧାର କରି ଗଢ଼ିଉଠିଛି। କେନ୍ଦ୍ର ସରକାର ଏବଂ ଏହା ନିୟନ୍ତ୍ରଣରେ ଥିବା ସମସ୍ତ ଅନୁଷ୍ଠାନ କେବଳ ହିନ୍ଦୀଭାଷୀଙ୍କର ନୁହେଁ, ସମସ୍ତ ବର୍ଗର ଲୋକମାନଙ୍କର ବୋଲି ରାମଦୋସ କହିଛନ୍ତି। ତେଣୁ ଏଲ୍ଆଇସି ୱେବ୍ସାଇଟ୍ର ହୋମ୍ ପେଜ୍କୁ ତୁରନ୍ତ ଇଂଲିଶ ଏବଂ ତାମିଲ ଭାଷାରେ ପରିବର୍ତ୍ତନ କରାଯାଉ ବୋଲି ସେ ଦାବି କରିଛନ୍ତି। ଏଲ୍ଆଇସି ୱେବ୍ସାଇଟ୍‌ରେ କେବଳ ହିନ୍ଦୀ ଭାଷା ବ୍ୟବହାର କରାଯାଇଥିବାରୁ ଅନ୍ୟ ଭାଷାଭାଷୀଙ୍କ ପାଇଁ ଏହା ଏବେ ବ୍ୟବହାରଯୋଗ୍ୟ ନୁହେଁ ବୋଲି ଏଆଇଏଡିଏମ୍କେ ସାଧାରଣ ସମ୍ପାଦକ ଏଡ଼ାପ୍ପାଡ଼ି କେ. ପାଲାନିସ୍ୱାମୀ କହିଛନ୍ତି।

### ବରଗଡ଼ରେ ଆଜିଠୁ...

ଅତାବିରା, ବରଗଡ଼ ସମେତ ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଧାନ ସଂଗ୍ରହ ପାଇଁ ମଣ୍ଡି ବ୍ୟବସ୍ଥା ତଦାରଖ କରିଥିଲେ। ଏହାସହିତ ଧାନ କିଣାବିକାରେ ଚାଷୀମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ, ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ଗୋୟଲ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାପାଳ ମଣ୍ଡି ପରିଦର୍ଶନରେ ଆସିଥିବା ଜାଣି ଅଞ୍ଚଳର ଚାଷୀ ପ୍ରତିନିଧିମାନେ ମଣ୍ଡିକୁ ଯାଇ ଜିଲାପାଳଙ୍କୁ ଭେଟିଥିଲେ। କଲାପାଣି ମଣ୍ଡିରେ ଚାଷୀନେତା ସୁରେଶ ନେକାଣ୍ଟି, ଏକାଦଶିଆ ସାହୁଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟିଥିଲେ। ଧାନ ଅମଳ ହୋଇସାରିଥିଲେ ମଧ୍ୟ ସେମାନଙ୍କୁ ମିଳିଥିବା ଟୋକନରେ ଧାନ ବିକ୍ରି ଦିବସ ବିଳମ୍ବ ରହିଛି। ଏଭଳିସ୍ଥଳେ ଚାଷୀଙ୍କ ଧାନକୁ ଅନ୍ୟବର୍ଷ ଭଳି ଏଥର ମଧ୍ୟ ମଣ୍ଡିର ଗୋଦାମ ଗୃହରେ ସୁରକ୍ଷିତ ରଖିବା ପାଇଁ ସେମାନେ ଦାବି ଉପସ୍ଥାପନ କରିଥିଲେ। କିନ୍ତୁ ଟୋକନରେ ନିର୍ଦ୍ଧାରିତ ଦିବସ ଅନୁଯାୟୀ ମଣ୍ଡିରେ ଧାନ ଏଣ୍ଟ୍ରି ହେବ ବୋଲି ଜିଲାପାଳ ଗୋୟଲ କହିଥିଲେ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଣ୍ଡି ଭିତରକୁ ଯଦି ସେମାନଙ୍କ ଧାନ ନେବାକୁ ଅନୁମତି ଦିଆ ନ ଯାଏ, ସେମାନେ ରାଜରାସ୍ତା ଉପରେ ଧାନ ଗଦାକରିବେ ବୋଲି ଚାଷୀନେତା ସୁରେଶ ନେକାଣ୍ଟି ଚେତାବନୀ ଦେଇଛନ୍ତି।

### ବାନ୍ଧବୀ ପାଇଁ ୩୦୦...

ମଙ୍ଗଳବାର ସୂଚନା ଦେଇ ଆଦିଲାବାଦ ଜିଲା ବନ ଅଧିକାରୀ ପ୍ରଶାନ୍ତ ବାଜିରାଓ ପାଟିଲ କହିଛନ୍ତି, ଶୀତ ଋତୁ ବେଳେ ନିଜ ପାଇଁ ଏକ ବାଘୁଣୀ ସାଥୀକୁ ସନ୍ଧାନ କରିବା ହେଉଛି ବାଘମାନଙ୍କର ସ୍ୱାଭାବିକ ପ୍ରବୃତ୍ତି। ବାଘ ଜନିର ଯାତ୍ରା ମଧ୍ୟ ଏହାକୁ ସୂଚାଉଛି। ଶୀତଦିନେ ବାଘମାନେ ନିଜ କ୍ଷେତ୍ରରେ କୌଣସି ସାଥୀ ବାଘୁଣୀକୁ ନ ପାଇଲେ ସେମାନଙ୍କ ସନ୍ଧାନରେ ଲମ୍ବା ଯାତ୍ରାରେ ବାହାରି ପଡ଼ିଥାନ୍ତି। ପୁରୁଷବାଘମାନେ ୧୦୦ କି.ମି. ଦୂରରୁ ମଧ୍ୟ କୌଣସି ବାଘୁଣୀଙ୍କ ସୁଗନ୍ଧକୁ ଜାଣିପାରିଥାନ୍ତି ଏବଂ ସେମାନଙ୍କର ସନ୍ଧାନ କରିପାରନ୍ତି ବୋଲି ସେ କହିଛନ୍ତି। ଏହି ଯାତ୍ରାରେ ଜନି ୩ଟି ଅଲଗା ଉଦ୍ୟମରେ ୫ଟି ମଇଁଷିଙ୍କୁ ଶିକାର କରି ହତ୍ୟା କରିଥିବାବେଳେ ଅନେକ ଗାଈଙ୍କୁ ଆକ୍ରମଣ କରିଛି। ବାନ୍ଧବୀଙ୍କ ସନ୍ଧାନରେ ଯାତ୍ରା କରୁଥିବା ବାଘ ମଣିଷଙ୍କ ପାଇଁ ସିଧାସଳଖ ଭାବେ ବିପଦ ସୃଷ୍ଟି କରି ନ ଥାନ୍ତି ବୋଲି ବନ ଅଧିକାରୀମାନେ କହିଛନ୍ତି। ତେବେ ବାଘ ଜନିଠାରୁ ଦୂରେଇ ରହିବା ସହ ଅଞ୍ଚଳରେ କୌଣସି ଆତଙ୍କ ନ ମଚାଇବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ବନ ବିଭାଗ ପରାମର୍ଶ ଦେଇଛି। ଜନିର ସାମ୍ପ୍ରତିକ ପଥ ତାକୁ କୱାଲ ଟାଇଗର ରିଜର୍ଭ ଆଡ଼କୁ ନେଇପାରେ ବୋଲି ବନ ଅଧିକାରୀମାନେ ଆକଳନ କରୁଛନ୍ତି। ପ୍ରକାଶ ଯେ, ସମ୍ପ୍ରତି କୱାଲ ଟାଇଗର ରିଜର୍ଭରେ ବାଘଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି ଏବଂ ସେଠାରେ ବାଘମାନଙ୍କ ସ୍ଥାୟୀ ବାସସ୍ଥାନ ପାଇଁ ପ୍ରୟାସ କରାଯାଉଛି। ତେଲଙ୍ଗାନାର ଉତ୍ତର ପୂର୍ବ ପ୍ରାନ୍ତରେ ଅବସ୍ଥିତ ଏହି ଟାଇଗର ରିଜର୍ଭର ଗୋଟିଏ ପାଖରେ ଗୋଦାବରୀ ନଦୀ ଥିବାବେଳେ ଅନ୍ୟପକ୍ଷରେ ମହାରାଷ୍ଟ୍ର ସହ ସୀମା ରହିଛି।

# ଓଡ଼ିଶାର ସବୁଜ ସ୍ୱର



ଏଲି ପାତ୍ର, ଅଭିନେତ୍ରୀ



ନମ୍ରତା ସିଂଦେଓ, ଅଭିନେତ୍ରୀ



ଶାଶ୍ୱତ ଯୋଶୀ, ଓଡ଼ିଶୀ ନୃତ୍ୟଶିଳ୍ପୀ



ଗୌରାଙ୍ଗ ଚନ୍ଦ୍ର ସାମଲ, ବ୍ୟବସାୟୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ନାଇକ୍ସ କଲେଜ ଅଫ୍ କମର୍ସ, ବଲାଙ୍ଗୀର



ଗୁରୁଦେବ ଜୀ ଆମେଚର ଟାଇକୋଣ୍ଡୋ ଆସୋସିଏଶନ, ଢେଙ୍କାନାଳ



ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୁରୀ



କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



## ବଢ଼ିଲା ଯୁକ୍ତ୨ ପରୀକ୍ଷା ପଞ୍ଜୀକରଣ ଅବଧି

ଭୁବନେଶ୍ୱର,୧୯।୧୧ (ଅନୁରାଧା ମହାରଣା)

ଶିକ୍ଷାବର୍ଷ ୨୦୨୪-୨୫ରେ ଯୁକ୍ତ୨ ପରୀକ୍ଷା ପାଇଁ ରେଗୁଲାର ତଥା ଏକ୍ସରେଗୁଲାର ଛାତ୍ରୀଛାତ୍ରଙ୍କ ନିମନ୍ତେ ପଞ୍ଜୀକରଣ ସମୟସୀମା ବୃଦ୍ଧି କରାଯାଇଛି। ବୁଧବାରଠାରୁ ଆସନ୍ତା ୨୫ତାରିଖ ମଧ୍ୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟର ଆଗ୍ରହୀ ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିପାରିବେ। ୬୦୦ ଟଙ୍କା ଜରିମାନା (ଫାଇନ୍) ସହ ଏହି ଆବେଦନ କରାଯିବାକୁ ଥିବାବେଳେ ୨୮ତାରିଖରେ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିବ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବିନା ଜରିମାନାରେ ଛାତ୍ରୀଛାତ୍ରମାନେ ଫର୍ମପୂରଣ କରିଥିଲେ। ସେହିପରି ୪ରୁ ୧୪ ତାରିଖ ମଧ୍ୟରେ ୨୦୦ ଟଙ୍କା ଜରିମାନା ସହ ଫର୍ମ ଫିଲପ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ୍ ନଭେମ୍ବର ୧୧ରୁ ୧୮ ତାରିଖ ମଧ୍ୟରେ ୬୦୦ ଟଙ୍କା ଜରିମାନା ସହ ଆବେଦନ କରାଯାଇଥିଲା। ବର୍ତ୍ତମାନ ସମୟସୀମା ବୃଦ୍ଧି କରାଯାଇଥିବାରୁ ରେଗୁଲାର ଓ ଏକ୍ସରେଗୁଲାର ଛାତ୍ରୀଛାତ୍ର ଫର୍ମ ପୂରଣ କରିପାରିବେ।

## ଦିନେ ବଢ଼ିଲା ବାଲିଯାତ୍ରା

ଭୁବନେଶ୍ୱର,୧୯।୧୧(ଅନିଲ ଦାସ)

ରାଜ୍ୟ ସରକାର ସାଧାରଣ ଲୋକଙ୍କ ଆଗ୍ରହ ଓ ଉତ୍ସାହକୁ ଦୃଷ୍ଟିରେ ରଖି ଐତିହାସିକ କଟକ ବାଲିଯାତ୍ରାର ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରିଛନ୍ତି। ବାଲିଯାତ୍ରା ୨୨ତାରିଖ ପରିବର୍ତ୍ତେ ୨୩ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଐତିହାସିକ କଟକ ବାଲିଯାତ୍ରାକୁ ଗୋଟିଏ ଦିନ ବୃଦ୍ଧି କରିଛନ୍ତି। ଚଳିତ ନଭେମ୍ବର ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାଠାରୁ ୮ଦିନ ପର୍ଯ୍ୟନ୍ତ ଆୟୋଜିତ ଏହା ନବମ ଦିବସରେ ଉଦ୍‌ଯାପନ ହେବ।

# ପୁଞ୍ଜିନିବେଶ ପାଇଁ ଆସିଆନ୍ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

- ଓଡ଼ିଶା ହେବ ପୂର୍ବ ଭାରତର ଲଜିଷ୍ଟିକ ହବ୍
- ସିଙ୍ଗାପୁରରେ ରୋଡ୍ ଶୋ ଯୋଗଦେଲେ ୩୦୦ରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି

ଭୁବନେଶ୍ୱର,୧୯।୧୧(ଅନିଲ ଦାସ)




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ଯୋଜନାରେ ପୂର୍ବଭାରତର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଭାରତର ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଦେଶର ଲଜିଷ୍ଟିକ ହବ୍‌ରେ ପରିଣତ ହେବ। ରାଜ୍ୟରେ ଭରପୂର ପ୍ରାକୃତିକ ସମ୍ବଳ ସାଙ୍ଗକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ରହିଛି। ପୁଞ୍ଜିନିବେଶ ପାଇଁ ଓଡ଼ିଶା ଏକ ପ୍ରମୁଖ ସ୍ଥଳ ଭାବେ ଉଭା ହୋଇଛି। ଏହାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁର ଏବଂ ଏସିଆନ ଦେଶରେ ଅବସ୍ଥାପିତ ବୃହତ୍ ଶିଳ୍ପ ମହାରଥୀମାନଙ୍କୁ ଆମନ୍ତ୍ରଣ କରିଛନ୍ତି। ସିଙ୍ଗପୁର ଗସ୍ତର ତୃତୀୟ ଦିବସରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ଏସିଆନ ଦେଶସମୂହର ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀ ଓ ଶିଳ୍ପପତିଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଓଡ଼ିଶାରେ ଥିବା ପ୍ରଚୁର ନିବେଶ ସୁଯୋଗକୁ ଆପଣାଇବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି । ଓଡ଼ିଶା ପ୍ରତି ପୁଞ୍ଜିନିବେଶକାରୀଙ୍କର ଆଗ୍ରହ ବୃଦ୍ଧିପାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସିଙ୍ଗାପୁରର ପରିବହନ ମନ୍ତ୍ରୀ ଚି ହଙ୍ଗ ଟାଟ୍‌ଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ସିଙ୍ଗାପୁର ବିକଶିତ ପରିବହନ ବ୍ୟବସ୍ଥା,ମଲ୍‌ଟି ମୋଡାଲ ସଲ୍ୟୁସନ, କୋଷ୍ଟାଲ ଶିପିଂ, ଡିଜିଟାଲ ଫ୍ରାଇଟ ମ୍ୟାନେଜମେଣ୍ଟ ଆଦି ବିଷୟରେ ଆଲୋଚନା ହୋଇଛି। ବୈଠକ ପରେ ଟିମ୍‌ର ସଦସ୍ୟମାନେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ ଏଜୁକେଶନ ସର୍ଭିସେସ(ଆଇଟିଇଇଏସ) ପରିଦର୍ଶନ କରିଥିଲେ। ଆଇଟିଇଇଏସ୍ ସହଭାଗିତାରେ ଓଡ଼ିଶାରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ଅନୁଷ୍ଠାନ ଭାରତର ଦକ୍ଷତା ବିକାଶ ରାଜଧାନୀରେ ପରିଣତ ହୋଇଛି। ଏଥିରେ ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ତାଲିମ ପ୍ରଦାନ କରାଯାଉଛି। ଆଇଟିଇଇଏସ୍‌ର ସହଭାଗିତା ଓଡ଼ିଶାର ଦକ୍ଷତା ବିକାଶ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ। ଏହାଛଡ଼ା ଏଣ୍ଟର ପ୍ରାଇଜ ସିଙ୍ଗାପୁର ଏବଂ ଏଫ୍‌ଆଇସିସିଆଇ ଦ୍ୱାରା ଆହ୍ୱାନ କରାଯାଇଥିବା ରାଉଣ୍ଡ ଟେବୁଲ ବୈଠକରେ ପ୍ରତିନିଧି ଦଳ ଯୋଗଦେଇଥିଲେ। ବୈଠକରେ ଭିତ୍ତିଭୂମି, ମ୍ୟାନୁଫ୍ୟାକ୍ଚରିଂ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଷୟରେ ଆଲୋଚନା ହୋଇଛି। ଏହି ବୈଠକରେ ଆଗ୍ରୋକ୍ରପ ଇଣ୍ଟରନ୍ୟାଶନାଲ, ଅରିନପ୍ରୋ ପେମେଣ୍ଟ ସଲ୍ୟୁସନ୍ସ, ଇଷ୍ଟକମ, ଏଲିକ୍ସିର ଟେକ୍ନୋଲୋଜି, ଏନ୍‌ଭିରନସେନ୍ସ, ଏଭରଭୋଲ୍‌ଟ ଗ୍ରୀନ ଏନର୍ଜୀ, ଗ୍ରେ ମାଟିକ୍ସ, ଆଇଟିଇ ଏଜୁକେଶନ ସର୍ଭିସେସ, ୱାନବେରି ଟେକ୍ନୋଲୋଜିଜ୍, ସର୍ବାନା ଜୁରଙ୍ଗ ଆଣ୍ଡ ୟଙ୍ଗନାମ ଇଞ୍ଜିନିୟିଂ ପେଟ ଲିମିଟେଡ୍ କମ୍ପାନୀର ପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ଲିଣ୍ଡ, ଭେନା ଏନର୍ଜୀ , କ୍ୟାପିଟାଲ ଲ୍ୟାଣ୍ଡ , ଏଭରଷ୍ଟୋନ ଗ୍ରୁପ, ଭୋପାକ ଇଣ୍ଡୋରାମା, ମାଇକ୍ରନ ଏବଂ ମାସ ହୋଲ୍‌ଡିଂସ ଭଳି ବିଶ୍ୱସ୍ତରୀୟ କମ୍ପାନୀ ପ୍ରତିନିଧିଙ୍କ ସହ ୱାନ ଟୁ ୱାନ ଆଲୋଚନା କରିଛନ୍ତି। ବିଶେଷ କରି କେମିକାଲସ୍ ଓ ପେଟ୍ରୋକେମିକାଲସ୍, ମେଣ୍ଟାଲସ୍ ଏବଂ ମେଟାଲ ଡାଉନ ଷ୍ଟ୍ରିମ, ଆଇଟି, ଆଇଟିଇଜ, ଟେକ୍ସଟାଇଲ ଆଣ୍ଡ ଆପାରେଲ କ୍ଷେତ୍ରରେ ଓଡ଼ିଶାରେ ପୁଞ୍ଜିନିବେଶ ହେବାର ସମ୍ଭାବନା ଉଜ୍ଜୀବିତ ହୋଇଛି। ବନ୍ଦର ପରିଚାଳନା ଓ ଲଜିଷ୍ଟିକ କ୍ଷେତ୍ରରେ ବିଶ୍ୱସ୍ତରୀୟ କମ୍ପାନୀ ପୋର୍ଟ ଅଫ୍ ସିଙ୍ଗାପୁର ପରିଦର୍ଶନ କରିଥିଲେ। ବନ୍ଦର ଭିତ୍ତିଭୂମିର ବିକାଶ ସହ ବନ୍ଦର ଅର୍ଥନୀତିକୁ ନେଇ ଓଡ଼ିଶା ଦେଶର ଏକ ଲଜିଷ୍ଟିକ ହବ୍‌ରେ ପରିଣତ ହେବ। ସିଙ୍ଗାପୁରରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ରୋଡ୍ ଶୋ'ରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି, ଶିଳ୍ପପତି, ପୁଞ୍ଜିନିବେଶକାରୀ, ସିଙ୍ଗାପୁରରେ ଥିବା ପ୍ରବାସୀ ଓଡ଼ିଆ ଯୋଗଦେଇଥିଲେ। ଏହି ରୋଡ୍ ଶୋ'ରେ ଓଡ଼ିଶାରେ ବ୍ୟବସାୟିକ ସୁଯୋଗ ଶୀର୍ଷକ ଇଣ୍ଟରାକ୍ଟିଭ ସେସନ ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ସମ୍ବଳ ସମେତ ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ଦକ୍ଷ ମାନବ ସମ୍ବଳ ଓଡ଼ିଶାକୁ ପୁଞ୍ଜିନିବେଶ ପ୍ରମୁଖ ସ୍ଥଳ ଭାବେ ଉଭା ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଙ୍ଗାପୁର ଗସ୍ତ ସଫଳ ହୋଇଛି। ୩ ଦିନ ଧରି ବିଭିନ୍ନ ଶିଳ୍ପପତିମାନଙ୍କୁ ଭେଟିବା ସହ ପୋର୍ଟସ ଆଣ୍ଡ ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ପରିଦର୍ଶନ କରି ଓଡ଼ିଶାର ବିକାଶ ଦିଗରେ ସେସବୁ ଅଭିଜ୍ଞତାର ଉପଯୋଗ ପାଇଁ ଉଦ୍ୟମ କରାଯିବ। ଆସନ୍ତା ଜାନୁଆରୀରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା; ମେକ ଇନ ଓଡ଼ିଶା- ୨୦୨୫ରେ ଯୋଗ ଦେଇ ବିକଶିତ ଭାରତର ରୂପାନ୍ତରୀକରଣ ଯାତ୍ରାରେ ସାମିଲ ହେବାକୁ ଶିଳ୍ପ ମହାରଥୀମାନଙ୍କୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ସିଙ୍ଗାପୁର ଗସ୍ତ ପୁଞ୍ଜିନିବେଶକୁ ଆକର୍ଷିତ କରିବା ସହ ଆଗାମୀ ବର୍ଷଗୁଡ଼ିକରେ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା |୧୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ

ଭୁବନେଶ୍ୱର,୧୯।୧୧(ଅନୁରାଧା ମହାରଣା)

ଗତ କିଛିଦିନ ମଧ୍ୟରେ ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ଏବଂ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ରହିଛି। ଅନ୍ୟ ସମସ୍ତ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ରହିଛି। ମଙ୍ଗଳବାର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୨.୮ଡିଗ୍ରୀ ସେଲସିୟସ୍ ଏବଂ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦.୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବାଧିକ ବା ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝରରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ିଆସ୍ତରଣ ଦେଖିବାକୁ ମିଳିବ। ଅନ୍ୟାନ୍ୟ ଜିଲାରେ ପାଗ ପ୍ରାୟ ଶୁଖିଲା ରହିବ।

## ଧରିତ୍ରୀ ଖବରଦାତାଙ୍କ ପରଲୋକ


ଉରୁକ୍ରମ ପାଣ୍ଡିଆ

ସୋନପୁର,୧୯।୧୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଧରିତ୍ରୀ ଖବରଦାତା ଉରୁକ୍ରମ ପାଣ୍ଡିଆ(୪୫)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ବରଗଡ ସହର ସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ସେ ଦୀର୍ଘ ବର୍ଷ ଧରି ଧରିତ୍ରୀ ପ୍ରତିନିଧି ଭାବେ କାର୍ଯ୍ୟ କରି ଆସୁଥିଲେ। ଜଣେ ମଞ୍ଚ କଳାକାର, କ୍ରୀଡାବିତ୍ ଓ କ୍ରୀଡା ସଙ୍ଗଠକ ଭାବେ ତାଙ୍କର ବେଶ୍ ଖ୍ୟାତି ଥିଲା। ଉଲୁଣ୍ଡା ବ୍ଲକ କ୍ରିକେଟ୍ ସଂଘର ସେ ସଂଯୋଜକ ଥିଲେ। ଦୀର୍ଘ ଦିନ ଧରି ସେ ଯକୃତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ମା' ଦୃତିକା ପାଣ୍ଡିଆ, ସ୍ତ୍ରୀ ସରିତା, ଝିଅ ଶ୍ରେୟାସ୍ କାନ୍ତା, ପୁଅ ନମନ ଉପସ୍ଥିତ ଥିଲେ। ପଞ୍ଚମହଲା ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ ଭାଇ ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ ମୁଖାଗ୍ନି ଦେଇଛନ୍ତି। ଅନ୍ତିମ ସଂସ୍କାରରେ ବରିଷ୍ଠ ମଞ୍ଚ କଳାକାର ସୁଶୀଲ ମେହେର, ଉଲୁଣ୍ଡା ମହାସଂଘର ସଦସ୍ୟ, ବ୍ଲକ ସାମ୍ବାଦିକ ସଂଘ ସଦସ୍ୟ, କ୍ରୀଡାବିତ୍ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ତାଙ୍କ ମୃତ୍ୟୁରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷା ନାରାୟଣ ଲୁହା, ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି- ସେଗୁଡିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। –ଶ୍ରୀମା



# ଅର୍ଥନୀତିରେ ହାତୀ

ଓଡ଼ିଶାରେ ହାତୀ ସଂଖ୍ୟା ବୃଦ୍ଧି ଉପରେ ଅଲ୍ ଓଡ଼ିଶା ଏଲିଫ୍ୟାଣ୍ଟ ସେନ୍‌ସସ୍‌ର ୨୦୨୪ ରିପୋର୍ଟକୁ ନେଇ ସମସ୍ତେ ଖୁସି ହେଉଥିବାବେଳେ ନିୟମିତ ବ୍ୟବଧାନରେ ଘଟୁଥିବା ହାତୀ ମୃତ୍ୟୁ ସେମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କଲାଣି। ଘଟଣାକ୍ରମେ ୧୭ ନଭେମ୍ବର ବିଳମ୍ବିତ ରାତିରେ ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନର ବୁରୋମାଳ ଜଙ୍ଗଲ ନିକଟ ଚାଷ ଜମିରେ ତିନୋଟି ହାତୀଙ୍କର ମୃତ୍ୟୁ ଘଟିଛି। ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀମାନଙ୍କର ମୃତ୍ୟୁ ହୋଇଛି ବୋଲି ଘଟଣାର ତଦନ୍ତ କରୁଥିବା ଟାସ୍କଫୋର୍ସ ତରଫରୁ କୁହାଯାଇଛି। ପୂର୍ବରୁ ଅଗଷ୍ଟ ମାସ ତୃତୀୟ ସପ୍ତାହରେ ଏହି ଘୋଷରାମାଳ ଜଙ୍ଗଲରେ ବିଦ୍ୟୁତ୍ ତାର ଲାଗି ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ଉଲ୍ଲେଖନୀୟ ଯେ, ସେହି ମାସରେ ରାଜ୍ୟରେ ୪୮ ଘଣ୍ଟା ମଧ୍ୟରେ ୩ଟି ହାତୀଙ୍କ ମୃତ୍ୟୁ ଘଟିଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ଥିଲା ଭୁବନେଶ୍ୱର ନିକଟସ୍ଥ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ଆଖିଆଗରେ ଚଳପ୍ରଚଳ ହେଉଥିବା ଦନ୍ତାହାତୀ ରାମୁର ଜୀବନ ବିଦ୍ୟୁତ୍ ଆଘାତରେ ଚାଲିଯାଇଥିଲା। ଉଲ୍ଲେଖନୀୟ ଯେ, ଗତ ମାସ ଅର୍ଥାତ୍ ଅକ୍ଟୋବରରେ ନାକଟିଦେଉଳ ବନାଞ୍ଚଳରେ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଜଣେ ବ୍ୟକ୍ତିଙ୍କର ମଧ୍ୟ ଜୀବନ ଯାଇଥିଲା। ତେବେ ନାକଟିଦେଉଳ ବନାଞ୍ଚଳରେ ୪ ମାସ ମଧ୍ୟରେ ୪ ହାତୀ ଓ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଚାଷୀ ତାହାର ଜମିକୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟୁତ୍ ସଂଯୋଗ କରି ତାର ପକାଇ ବାର୍‌ହାକୁ ଅଟକାଇବା ଲାଗି ଚେଷ୍ଟା କରନ୍ତି। ସେହି ତାରକୁ ଛୁଇଁ ହାତୀ ମୃତ୍ୟୁ ଘଟୁଛି ବୋଲି ଜଣାପଡ଼ିଛି। ଏଥିରେ ଶିକାରୀଙ୍କର ସମ୍ପୃକ୍ତି ଥିବା ସ୍ପଷ୍ଟ ଭାବରେ କହିହେଉନାହିଁ। କାରଣ କୌଣସି ହାତୀଦାନ୍ତ ଚୋରି ହୋଇଥିବାର ଖବର ମିଳିନାହିଁ। ତେବେ ଘୋଷରାମାଳ ହାତୀ ମୃତ୍ୟୁ ଘଟଣାରେ ୩ କ୍ଷେତ୍ର ବନ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିବାବେଳେ ୨ ବରିଷ୍ଠ ବନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଥିବା ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। ବାସ୍ତବରେ ହାତୀଙ୍କ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ସୁରକ୍ଷା ତ ଦୂରର କଥା, ହାତୀ ଚଲାପଥଗୁଡ଼ିକୁ ଅକ୍ଷୁଣ୍ଣ ରଖାଯାଇପାରୁନାହିଁ। ହାତୀ ମୃତ୍ୟୁ ରୋକିବା ପାଇଁ କରାଯାଉଥିବା ଯୋଜନା ଓ ତାହାର କାର୍ଯ୍ୟକାରିତା ଭିତରେ ଆକାଶ ପାତାଳ ପ୍ରଭେଦ ଥିବା ଭଳି ମନେହେଉଛି। ଉଲ୍ଲେଖଯୋଗ୍ୟ ଯେ, ହାତୀ ଓ ଅନ୍ୟ ବିଲୁପ୍ତମୁଖୀ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏକ ଟାସ୍କଫୋର୍ସ ୨୦୨୨ରେ ଗଠନ କରାଯାଇଥିଲା। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହା କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏବେ ବନ ବିଭାଗରେ ଅଧାରୁ ଅଧିକ କର୍ମଚାରୀ ନାହାନ୍ତି। ଯେଉଁ ଜଙ୍ଗଲରେ ବେଶି ହାତୀ ଅଛନ୍ତି ସେଠାରେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଠିକ୍ ଭାବେ ସୁରକ୍ଷା ଦିଆଯାଇପାରୁନାହିଁ।

ଭାରତରେ ଏବେ ପାଖାପାଖି ୩୦ ହଜାର ହାତୀ ଅଛନ୍ତି। ଅଲ୍ ଓଡ଼ିଶା ଏଲିଫ୍ୟାଣ୍ଟ ସେନ୍‌ସସ୍ ଅନୁଯାୟୀ ୨୦୨୪ରେ ଓଡ଼ିଶାରେ ହାତୀ ସଂଖ୍ୟା ହେଉଛି ୨,୦୯୮। ୨୦୧୭ରେ ଏହା ଥିଲା ୧,୯୭୬ । ଯେଉଁ ହାରରେ ଏମାନଙ୍କ ମୃତ୍ୟୁ ଘଟୁଛି ତାହା ପୁନର୍ବାର ପୂର୍ବ ସ୍ଥିତିକୁ ଫେରିବାକୁ ବେଶି ସମୟ ଲାଗିବନି। ବିଦ୍ୟୁତ୍ ଆଘାତ ହାତୀ ମୃତ୍ୟୁର ଏକମାତ୍ର କାରଣ ନୁହେଁ। ଶିକାରୀମାନେ ଦାନ୍ତ ଲାଗି ହାତୀ ଶିକାର କରୁଛନ୍ତି କିମ୍ବା ବିସ୍ଫୋରକ ଦେଇ ମାରିଦେଉଛନ୍ତି। ଏହା ବ୍ୟତୀତ ଟ୍ରେନ ଧକ୍କା ହାତୀ ମୃତ୍ୟୁର ଏକ ବଡ଼ କାରଣ ପାଲଟିଛି। ଜଙ୍ଗଲ ବାଟ ଦେଇ ଯାଇଥିବା ଟ୍ରେନ୍ ଲାଇନ ଆଖପାଖରେ ଉଚ୍ଚକ୍ଷମତା ସମ୍ପନ୍ନ କ୍ୟାମେରା ମାଧ୍ୟମରେ ହାତୀଙ୍କ ଚଲାପଥ ଉପରେ ନଜର ରଖାଯାଇପାରିଲେ ଏଭଳି ଅଘଟଣକୁ ଅନେକାଂଶରେ ଏଡ଼ାଇ ଦେଇ ହୁଅନ୍ତା। ଏହାସହ ହାତୀ-ମଣିଷ ସଂଘର୍ଷରେ ଉଭୟ ହାତୀ ଓ ମଣିଷଙ୍କ ମୃତ୍ୟୁ ଘଟୁଛି। ଏହି ସଂଘର୍ଷରେ ୨୦୧୩-୨୦୨୩ ମଧ୍ୟରେ ୭୧୯ ହାତୀଙ୍କ ମୃତ୍ୟୁ ଓ ୧୧୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ସହ ୬୫୦ ଆହତ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ ରହିଛି ଓ ସରକାରଙ୍କ ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ କାମ କରୁଛି ବୋଲି କୁହାଯିବା ସହିତ ଅନେକ କୋଟି ଅର୍ଥ ଖର୍ଚ୍ଚ ହେଉଛି। ତଥାପି ହାତୀ ମୃତ୍ୟୁ ରୋକିବା ସମ୍ଭବ ହୋଇପାରୁନାହିଁ। ଏଥିପାଇଁ ଏବକାର ପରିବର୍ତ୍ତିତ ପରିସ୍ଥିତିରେ କେତେକ ପଦକ୍ଷେପ ନେବାକୁ ପଡ଼ିବ। ଜଙ୍ଗଲ ଧ୍ୱଂସ ରୋକାଯିବା ସହ ଜଙ୍ଗଲରେ ରାଜପଥ କିମ୍ବା ରେଳପଥ ନିର୍ମାଣ କରିବା ସମୟରେ ହତୀଙ୍କ ସୁରକ୍ଷା ବିଷୟକୁ ଗମ୍ଭୀରତାର ସହ ବିଚାର କରିବା ଦରକାର। ହାତୀ ମୃତ୍ୟୁ ରୋକିବାକୁ ହେଲେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଜଙ୍ଗଲରେ ଖାଦ୍ୟ ଓ ପିଇବା ପାଣିର ଅଭାବ ଦୂର କରାଯିବା ଆବଶ୍ୟକ। ତତ୍ ସହିତ ହାତୀଙ୍କ ଚଲାପଥକୁ ସୁରକ୍ଷିତ ରଖିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଯେତେଗୁଡ଼ିଏ ସଫଳ ପଦକ୍ଷେପ ନିଆଯାଉଛି ସେଗୁଡ଼ିକ ଓଡ଼ିଶାରେ ନକଲ କରାଯାଇପାରନ୍ତା। ଏଭଳି ଉପଦେଶ ଜଙ୍ଗଲ ବିଭାଗ ତରଫରୁ ଅଣାଯିବା ସହିତ ରାଜ୍ୟ ସରକାର ପାଣ୍ଠି ଯୋଗାଇ ଦେଇପାରିଲେ, ଆଗାମୀ ପିଢ଼ି ପାଇଁ ଏକ ସନ୍ତୁଳିତ ଭବିଷ୍ୟତ ସୃଷ୍ଟି କରାଯାଇପାରନ୍ତା, ଯେଉଁଥିରେ ମଣିଷ ଓ ଜନ୍ତୁଙ୍କ ସଂଘର୍ଷ ହ୍ରାସ କରିହୁଅନ୍ତା। ଏଭଳି କାର୍ଯ୍ୟ ପାଇଁ ଆଫ୍ରିକାର କେତେକ ଦେଶରେ ହାତୀ ସୁରକ୍ଷା ସହିତ ସ୍ଥାନୀୟ ଲୋକଙ୍କର ଅର୍ଥନୈତିକ ଉନ୍ନତିକୁ ଯେଉଁଭଳି ଯୋଡ଼ି ଦିଆଯାଇଛି ତାହା ଓଡ଼ିଶା ସରକାର ଚେଷ୍ଟା କରିବା ଦରକାର।

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 4 | 1 | | | 7 |
| | 5 | | | | | | 9 | |
| | 7 | 9 | | | 2 | | | |
| | 2 | | | 8 | | | | |
| | | | | | 6 | 1 | | |
| | 3 | | 5 | | | 4 | | |
| 2 | | | | | 4 | 6 | | |
| | 1 | | | 2 | 3 | | | |
| | | | 6 | 9 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 1 | 4 | 9 | 7 | 6 | 8 | 2 |
| 4 | 8 | 9 | 6 | 5 | 2 | 1 | 7 | 3 |
| 2 | 6 | 7 | 8 | 1 | 3 | 5 | 9 | 4 |
| 3 | 5 | 6 | 2 | 7 | 1 | 9 | 4 | 8 |
| 7 | 9 | 4 | 3 | 8 | 5 | 2 | 1 | 6 |
| 1 | 2 | 8 | 9 | 4 | 6 | 3 | 5 | 7 |
| 9 | 7 | 3 | 5 | 6 | 8 | 4 | 2 | 1 |
| 6 | 1 | 5 | 7 | 2 | 4 | 8 | 3 | 9 |
| 8 | 4 | 2 | 1 | 3 | 9 | 7 | 6 | 5 |

ଗତକାଲିର ଉତ୍ତର

# ନିଶା ନିଶାଣରେ ନାବାଳକ



ଶୁଭନାରାୟଣ ଶତପଥୀ

ନିଶାସକ୍ତ ବ୍ୟକ୍ତିମାନେ ସେମାନଙ୍କ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ହରାଇଥାନ୍ତି। ବନ୍ଧୁତ୍ୱକୁ କ୍ଷତି ପହଞ୍ଚାଇବା, ପରିବାରକୁ ଆଘାତ ଦେବା କିମ୍ବା ଚାକିରି ହରାଇବା ଇତ୍ୟାଦି ବିପଦରେ ମଧ୍ୟ ସେମାନେ ଡ୍ରଗ୍ସ, ମଦ କିମ୍ବା ଅନ୍ୟାନ୍ୟ ପଦାର୍ଥ ଚାହାନ୍ତି ଏବଂ ଖୋଜନ୍ତି । ତେବେ ଯୁବକ, ବୟସ୍କ, ପିଲାମାନଙ୍କ ମଧ୍ୟରେ ଏହି ନିଶା ବୃଦ୍ଧି ପାଉଛି। ଏହା ସମାଜ ଲାଗି ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ଅନେକ ପ୍ରକାରର ନିଶାଦ୍ରବ୍ୟ ରହିଛି ଯଥା- ମଦ, ଅଫିମ, ଗଞ୍ଜେଇ, ଗୁଟ୍‌ଖା, ସିଗାରେଟ, ବ୍ରାଉନସୁଗାର ଇତ୍ୟାଦି। ପିଲାମାନଙ୍କ ଦ୍ୱାରା ନିଶାଦ୍ରବ୍ୟ ସେବନ କେବଳ ଏକ ସ୍ଥାନୀୟ ଅଞ୍ଚଳର ସମସ୍ୟା ହୋଇ ରହିନାହିଁ ବରଂ ଆଜିକାଲି ଏହା ଏକ ବିଶ୍ୱସ୍ତରୀୟ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ନିଶାଦ୍ରବ୍ୟ ପ୍ରତି ଆସକ୍ତି ଓ ନିଶାଦ୍ରବ୍ୟ ପଦାର୍ଥ ବ୍ୟବହାରକୁ ବ୍ୟାଧି ବୋଲି ଗ୍ରହଣ କରାଯାଏ। ଏହା ଏକ ରୋଗ, ଯାହା ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କ ଏବଂ ଆଚରଣକୁ ପ୍ରଭାବିତ କରେ । କଳ୍ପନା କରନ୍ତୁ ଯେ ଆମ ପରିବାର, ସମାଜରେ ପିଲାମାନଙ୍କ ଉପରେ ଏପରି ପ୍ରଭାବ ପଡ଼ିଲେ କ'ଣ ହେବ। ସମାଜ, ମାନବିକତା, ସଂସ୍କୃତି, ସାମାଜିକ ବନ୍ଧନ ଏବଂ ଜୀବନକୁ ନିଶ୍ଚିହ୍ନ କରିବାର ଏହା ହେଉଛି ଏକ ମୂଳଦୁଆ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଧିକନ୍ତୁ, ମସ୍ତିଷ୍କ ବିକାଶର ଗୁରୁତ୍ୱପୂର୍ଣ୍ଣ ସମୟରେ ଔଷଧ ବା ନିଶାର ସଂସ୍ପର୍ଶରେ ଆସିବା ସ୍ନାୟବିକ ପଥକୁ ବଦଳାଇପାରେ। ଫଳସ୍ୱରୂପ, ଦୀର୍ଘକାଳୀନ ଜ୍ଞାନଗତ ଅଭାବ, ଶିକ୍ଷଣ ଅସୁବିଧା ଏବଂ ବ୍ୟବହାରିକ ସମସ୍ୟା ସୃଷ୍ଟି ହୋଇଥାଏ ଶିଶୁମାନଙ୍କ ମଧ୍ୟରେ। ପରିବାରର କୌଣସି ସଦସ୍ୟଙ୍କ ନିଶାଦ୍ରବ୍ୟ ଅପବ୍ୟବହାରର ପ୍ରଭାବ ଯୋଗୁ ସେହି ପରିବାରର ଶିଶୁମାନେ ସମାନ ଆଚରଣ ଗ୍ରହଣ କରିବାର ବିପଦକୁ ବରଣ କରନ୍ତି। ସେମାନେ ଆମ ସମାଜ, ପରିବାର, ସମ୍ପର୍କୀୟ, ପଡ଼ୋଶୀ, ସାଥୀମାନଙ୍କଠାରୁ ଏହା ଶିଖନ୍ତି। ଏ ଅଭ୍ୟାସ ଶରୀର, ମନ ଏବଂ ପ୍ରଗତିକୁ କ୍ଷତି ପହଞ୍ଚାଇଥାଏ ଏବଂ ପ୍ରଭାବିତ କରିଥାଏ। ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ବିକାଶକୁ ବଳିଷ୍ଠ କରୁଥିବା କାର୍ଯ୍ୟ ପ୍ରତି ନିଶାସକ୍ତ ହେଲେ ଭଲ। ଏହା ଭବିଷ୍ୟତ ଗଠନ, ମାର୍ଗଦର୍ଶନ କରିବାରେ ସହାୟକ ହୁଏ। କିନ୍ତୁ ସେହି ଶିଶୁ ଯଦି ନକାରାତ୍ମକ ଉପାୟରେ ନିଶା ବା ନିଶା ଦ୍ରବ୍ୟଗୁଡ଼ିକୁ ଗ୍ରହଣ କରେ ତେବେ ତାହା ସେମାନଙ୍କ ବର୍ତ୍ତମାନ ସହିତ ଭବିଷ୍ୟତ ପ୍ରଭାବିତ ହୁଏ।

ଆମର ଓ ଆମ ପୂର୍ବ ପିଢ଼ିଙ୍କ ପିଲାଦିନ ଘଟଣା ଆଲୋଚନା କଲେ ଜଣାଯାଏ ଯେ ସେହି ସମୟରେ ମୋବାଇଲ, ଇଣ୍ଟରନେଟ, ଟେଲିଭିଜନର ମାତ୍ରାଧିକ ପ୍ରଚଳନ ନ ଥିଲା କିମ୍ବା ଗୁଟ୍‌ଖା, ଆଲକହଲ, ବ୍ରାଉନସୁଗାରର ବିକ୍ରୟ ବାସସ୍ଥଳୀ ନିକଟରେ କିମ୍ବା ଗାଁରେ ପ୍ରାୟତଃ ନ ଥିଲା। ଲୋକମାନେ ଏତେ ପରିମାଣରେ ନିଶାସକ୍ତ ନ ଥିଲେ କି ଏତେ ପ୍ରକାର ନିଶା ବିଷୟରେ ଜାଣି ନ ଥିଲେ। ଅଧିକାଂଶ ଲୋକ ପାନ, ଗୁଣ୍ଡି, ଭାଙ୍ଗ, ଗଞ୍ଜେଇ ମଧ୍ୟରେ ସୀମିତ ଥିଲେ। କାରଣ ସେମାନଙ୍କ ପାଖରେ କ୍ରୟ କରିବା ଏବଂ ବ୍ୟାପକ ଭାବରେ ବ୍ୟବହାର କରିବା ପାଇଁ ସେହି ସ୍ତରର ଆର୍ଥିକ ସ୍ୱଚ୍ଛଳତା ନ ଥିଲା। ଗାଁ କିମ୍ବା ସହରରେ ଖରାପ ଅଭ୍ୟାସ କିମ୍ବା ନିଶାଦ୍ରବ୍ୟ କ୍ରୟ, ଗ୍ରହଣ ଓ ଅନୁସରଣ କରିବାର ବିଶେଷ ସୁଯୋଗ ନ ଥିଲା। କେବଳ ଏତିକି ନୁହେଁ, ଶିଶୁମାନେ ବାହାରେ ଖେଳ ଖେଳିବାର ସୁଯୋଗ ପାଉଥିଲେ ଏବଂ ସେମାନେ ଶାରୀରିକ ଭାବେ ଫିଟ୍ ଥିଲେ। ନିଶାଦ୍ରବ୍ୟ ଆସକ୍ତି ଥିବା କୌଣସି ସମକକ୍ଷ ଗୋଷ୍ଠୀ ତାଙ୍କର ନ ଥିଲେ। ସେତେବେଳେ ଶିଶୁମାନଙ୍କ ଦ୍ୱାରା କୌଣସି ଅସଦାଚରଣ, ଅବାଧ୍ୟତାକୁ ତୁରନ୍ତ ସଂଶୋଧନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଶିଶୁମାନେ ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ, ଶିକ୍ଷା, ଏ.ଆଇ. ସହିତ ଉନ୍ନତ ସତ, କିନ୍ତୁ ବ୍ୟାପକ ଭାବରେ ନିଶାସକ୍ତ ହୋଇଛନ୍ତି । ନିକଟରେ ଏକ ନିର୍ଦ୍ଦିଷ୍ଟ ଜିଲାରେ କିଛି ନିଶାସକ୍ତ ନାବାଳକଙ୍କର ଖରାପ ବ୍ୟବହାର ଏବଂ କାର୍ଯ୍ୟକଳାପର ଉଦାହରଣ ଅଛି। ଏକ ହତ୍ୟା ମାମଲାରେ ପୋଲିସ ଧରିଥିବା ନାବାଳକମାନେ ନିଶାସକ୍ତ ଥିଲେ। ଦଚଳିତବର୍ଷ ନଭେମ୍ବର ୩ରେ ସିଲିଗୁଡ଼ିର ଜଣେ କିଶୋର ନିଶାସକ୍ତ ଅବସ୍ଥାରେ ଆତ୍ମହତ୍ୟା କରିଥିଲେ। ସେହିପରି ଜଣେ ୮ମ ଶ୍ରେଣୀ ଛାତ୍ର ନିଶାଦ୍ରବ୍ୟ ସେବନ କରିବା ପରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅନ୍ୟ ଏକ ଖବରରେ ପୁଅର ନିଶାସକ୍ତକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହୋଇ କେରଳର ଦମ୍ପତି ଆତ୍ମହତ୍ୟା କରିଥିଲେ। ୨୦୧୧ରୁ ୨୦୨୧ ମଧ୍ୟରେ ୩୨୧,୦୦୦ ରୁ ଅଧିକ ଯୁକ୍ତରାଷ୍ଟ୍ର ଆମେରିକାର ଶିଶୁ ଅତ୍ୟଧିକ ନିଶା ସେବନ ହେତୁ ପିତାମାତାଙ୍କୁ ହରାଇଥିଲେ। ଏହା ହେଉଛି ନିକଟ ଅତୀତରେ ଘଟିଥିବା ସ୍ଥାନୀୟଠାରୁ ଅନ୍ତର୍ଜାତୀୟସ୍ତରର ଘଟଣା ; ଯେଉଁଥିରେ ଅଧିକାଂଶ ନାବାଳକ ଶିଶୁ, କିଶୋରମାନଙ୍କ ଦ୍ୱାରା ନିଶାସକ୍ତିର ରିପୋର୍ଟ ପ୍ରକାଶ କରାଯାଇଛି। ପାଖରେ ନିଶାଦ୍ରବ୍ୟର ଉପଲବ୍ଧି,



କିଶୋରମାନଙ୍କ ପ୍ରତି ଦୁର୍ବ୍ୟବହାର, ମାନସିକ ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ନିଶା ବ୍ୟବହାରକାରୀଙ୍କ ଭିତରେ ଶିଶୁମାନେ ଅଧିକ ବିପଦରେ ଅଛନ୍ତି ; ଯେଉଁଥିରେ ଅବସାଦ, ଆଚରଣ ସମସ୍ୟା, ବ୍ୟକ୍ତିତ୍ୱ ବ୍ୟାଧି, ଆତ୍ମହତ୍ୟାର ଚିନ୍ତା, ଆତ୍ମହତ୍ୟା ଉଦ୍ୟମ ଏବଂ ଆତ୍ମହତ୍ୟା ଅନ୍ତର୍ଭୁକ୍ତ।

ସିଗାରେଟ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ (ବିଜ୍ଞାପନ ନିଷେଧ, ବାଣିଜ୍ୟ ଏବଂ ବାଣିଜ୍ୟ ଉତ୍ପାଦନ, ଯୋଗାଣ ବିତରଣ ନିୟନ୍ତ୍ରଣ) ଅଧିନିୟମ ୨୦୦୩ ଆମ ଦେଶରେ କାର୍ଯ୍ୟକାରୀ ହେଉଛି। ଧାରା ୬ରେ କୁହାଯାଇଛି ଯେକୌଣସି ବ୍ୟକ୍ତି ସିଗାରେଟ କିମ୍ବା ଅନ୍ୟ କୌଣସି ତମାଖୁ ଉତ୍ପାଦ ୧୮ବର୍ଷରୁ କମ୍ ବୟସର ଶିଶୁଙ୍କୁ ବିକ୍ରୟ, ପ୍ରସ୍ତାବ କିମ୍ବା ବିକ୍ରୟ ପାଇଁ ଅନୁମତି ଦେଇପାରିବେ ନାହିଁ। କୌଣସି ଶିକ୍ଷାନୁଷ୍ଠାନର ଶହେ ଗଜ ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଅଞ୍ଚଳରେ ଏସବୁ ବିକ୍ରୟ ନିଷେଧ କରାଯାଇଛି। ନିକଟରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଶିଶୁମାନଙ୍କ ମଧ୍ୟରେ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ବେଆଇନ କାରବାର ରୋକିବା ପାଇଁ ଏକ ମିଳିତ କାର୍ଯ୍ୟ ଯୋଜନା ଜାରି କରିଛନ୍ତି। ବିଦ୍ୟାଳୟ ପରିସରରେ ଏବଂ ଆଖପାଖ ଅଞ୍ଚଳରେ ଏଭଳି ଉପଦ୍ରବ, କାର୍ଯ୍ୟକଳାପ ଉପରେ ନଜର ରଖିବା, କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବା ଏବଂ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସମ୍ବେଦନଶୀଳତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟରେ ପ୍ରହରୀ କ୍ଲବ ଗଠନ କରିବାର ବ୍ୟବସ୍ଥା ରହିଛି। ଏକ୍ସ, ଏଚ୍ ଔଷଧର ବିକ୍ରି ଉପରେ ନିଷେଧାଦେଶ ଜାରି କରାଯାଇଛି। ମାତାପିତା, ଶିଶୁମାନେ ସେହି ଔଷଧଗୁଡ଼ିକ ବିଷୟରେ ଜାଣିବା ଉଚିତ; ଯେଉଁଗୁଡ଼ିକ ବ୍ୟବହାର କରିବା ନିଷେଧ। ଜାତିର ପିତା ଗାନ୍ଧିଜୀ କହିଥିଲେ, ''ଏକ ସାପ କେବଳ ଶରୀରକୁ ନଷ୍ଟ କରିପାରେ, କିନ୍ତୁ ମଦ୍ୟପାନର ଅଭିଶାପ ଭିତରର ଆତ୍ମାକୁ ନଷ୍ଟ କରିପାରେ।''

ଦେଶରେ ୧୦ ରୁ ୧୭ ବର୍ଷ ବୟସର ୧.୫୮ କୋଟିରୁ ଅଧିକ ଶିଶୁ ନିଶାସକ୍ତ । ରିପୋର୍ଟରୁ ଜଣାଯାଏ ଯେ ୧୦ ରୁ ୧୭ ବର୍ଷ ବୟସର ୩୦ ଲକ୍ଷ ଶିଶୁ ମଦ୍ୟ, ୨୦ ଲକ୍ଷ ଶିଶୁ ଗଞ୍ଜେଇ, ୪୦ ଲକ୍ଷ ଶିଶୁ ଓପିଓଡ, ୨୦ ଲକ୍ଷ ଶିଶୁ ସେଡେଟିଭ, ୩୦ ଲକ୍ଷ ଶିଶୁ ଇନହେଲାଣ୍ଟ, ୨ ଲକ୍ଷ ଶିଶୁ କୋକେନ ଭଳି ମାରାତ୍ମକ ନିଶା ସେବନରେ ଅଭ୍ୟସ୍ତ। ସାରା ବିଶ୍ୱରେ ୧୧ ରୁ ୧୫ ବର୍ଷ ବୟସର ୨୪ଶତକଡ଼ା ଶିଶୁ ନିଶାସେବନ ପରୀକ୍ଷା କରିଥିଲେ। ମୋଟ ଆତ୍ମହତ୍ୟାର ୭୦ ଶତକଡ଼ା କେବଳ ନିଶାସେବନ କାରଣରୁ ହୋଇଥାଏ। ନିଶାଦ୍ରବ୍ୟ ଅପବ୍ୟବହାର ବୃଦ୍ଧି ପାଇବା ଜୀବନ, ପରିବାର, ରାଷ୍ଟ୍ର ପ୍ରତି ଏକ ବିପଦ। ଏହା ଏକ ଉଦ୍‌ବେଗଜନକ ପରିସ୍ଥିତି। ନିଶା ମୁକ୍ତ ଭାରତ ଅଭିଯାନ, ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏବଂ ଆହୁରି ଅନେକ ସରକାରୀ କାର୍ଯ୍ୟକ୍ରମ ଚାଲୁ ରହିଛି। ସମସ୍ତେ ଏହାର ଲାଭ ଉଠାଇବା ଓ ସମର୍ଥନ କରିବା ଉଚିତ। ନିଶାସକ୍ତ ନାବାଳକ ଓ ନାବାଳିକାମାନଙ୍କ ଥଇଥାନ ନିମନ୍ତେ ସତନ୍ତ୍ର ସମନ୍ୱିତ ଶିଶୁ ନିଶା ନିବାରଣ ଅନୁଷ୍ଠାନ ଖୋଲାଯିବା ଆବଶ୍ୟକ। ସରକାର, ଏନ୍‌ଜିଓ, ଜନସାଧାରଣ ମିଶି ନିଶାଦ୍ରବ୍ୟ, ଉତ୍ପାଦନ, ସେବନ, ବିକ୍ରୟ ବନ୍ଦ କରିବା ଏବଂ ଆଇନ ଅନୁଯାୟୀ ଗମ୍ଭୀର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଯାଏ ନିଶାର ନିଶାଣରେ ନାବାଳକ ନାବାଳିକାମାନେ କବଳିତ ହେଉଥିବେ। ପ୍ରତ୍ୟେକ ଜୀବନ ହେଉଛି ଗୁରୁତ୍ୱପୂର୍ଣ୍ଣ । ଜୀବନ ଏକ ରାଷ୍ଟ୍ର ନିର୍ମାଣ କରେ ଏବଂ ନିଶା ପ୍ରତି ଆସକ୍ତି ବିଶ୍ୱକୁ ଧ୍ୱଂସ କରେ। ଶିଶୁମାନେ ହେଉଛନ୍ତି ରାଷ୍ଟ୍ରର ଭବିଷ୍ୟତ। ନିଶାସକ୍ତିରୁ ଶିଶୁମାନଙ୍କୁ ଦୂରେଇ ରଖିବା ସମସ୍ତଙ୍କ ଦାୟିତ୍ୱ। ଏହା ଏକ ସୁସ୍ଥ ଜୀବନ ଗଠନ କରିବ। ସୁସ୍ଥ ରାଷ୍ଟ୍ର ଏବଂ ସୁସ୍ଥ ବିଶ୍ୱ ଯେଉଁଠାରେ ପ୍ରତ୍ୟେକ ଲୋକ ଖୁସିରେ ଦିନ କାଟିବେ। ନିଶାଦ୍ରବ୍ୟ ଅପବ୍ୟବହାର କାରଣରୁ ସମାଜରେ କୌଣସି ଆତ୍ମହତ୍ୟା, କୌଣସି ହତ୍ୟା କିମ୍ବା ଅପରାଧ ହେବ ନାହିଁ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

# ଏକ ଅନନ୍ୟ ଦୁନିଆ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ପିଲାମାନେ ଆନିମେଶନ ଚଳଚ୍ଚିତ୍ର କିମ୍ବା କାର୍ଟୁନ କାର୍ଯ୍ୟକ୍ରମ ଯଥା ଟମ୍ ଏବଂ ଜେରୀ, ମିକି ମାଉସ୍, ଚିକୋ ବଣ୍ଟି , ନିଞ୍ଜା ହତୋଡ଼ି, ଅଗି ଆଣ୍ଡ ଦି କକ୍ରୋଜ, ଛୋଟା ଭୀମ, ବାଲ ଗଣେଶ, ମୋଟୁ-ପାଟଲୁ, ଡୋରେମୋନ ଇତ୍ୟାଦି ଦେଖିବାକୁ ପସନ୍ଦ କରନ୍ତି। ଟମ୍ ଏବଂ ଜେରୀଙ୍କ ଡିଆଁକୁଦା ଏବଂ ଦୌଡ଼ରେ ଶିଶୁ ଏକ ଭିନ୍ନ ମଜାପାଏ। ତେବେ କେବଳ ପିଲା ନୁହନ୍ତି, ବୟସ୍କ ଲୋକମାନେ ମଧ୍ୟ ବିଭିନ୍ନ ଆନିମେଶନ ପ୍ରୋଗ୍ରାମକୁ ଆଗ୍ରହର ସହ ଦେଖନ୍ତି। ଆନିମେଶନ ଆଜିକାଲି ସାରା ବିଶ୍ୱରେ ବିଶ୍ୱସ୍ତରୀୟ ମନୋରଞ୍ଜନ ଭାବରେ ବ୍ୟବହୃତ। ଏହା ଏକ କୌଶଳ, ଯେଉଁଥିରେ କୃତ୍ରିମ ଦୃଶ୍ୟ ଏବଂ ଘଟଣାକୁ ବାସ୍ତବ ରୂପ ଦିଆଯାଏ। ଆନିମେଶନରେ କଳ୍ପନା ବାହାରେ ଏକ ଭିନ୍ନ ଦୁନିଆ ସୃଷ୍ଟି ହୋଇଥାଏ। କାର୍ଟୁନ ଚରିତ୍ରଗୁଡ଼ିକ ହସିବା, କଥାବାର୍ତ୍ତା କରିବା, ନୃତ୍ୟ କରିବା, ଗାଇବା, ଖାଇବା ପିଇବା ଦୁନିଆ ଅଦ୍ଭୁତ। ଚ୍ୟାଲେଞ୍ଜ ଏବଂ ଦୁଃସାହସିକତାରେ ପରିପୂର୍ଣ୍ଣ ଆନିମେଶନର ସମଗ୍ର ଦୁନିଆ କଳ୍ପନା ଏବଂ ସୃଜନଶୀଳତା ଉପରେ ନିର୍ଭର କରେ, ଯେଉଁଥିରେ କମ୍ପ୍ୟୁଟର ସଫ୍ଟୱେର ସାହାଯ୍ୟରେ ଅନନ୍ୟ ଦୁନିଆ ସୃଷ୍ଟି କରାଯାଏ। ଆନିମେଟେଡ ଫିଲ୍ମ ଓ ଆନିମେଟେଡ ଆର୍ଟ ନିର୍ମାଣ ପଛରେ କଳାକାର, ଟେକ୍ନିସିଆନ ଓ ବୈଜ୍ଞାନିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଆନିମେଶନ ସାର୍ବଜନୀନ ପ୍ରଦର୍ଶନ ଅଫ୍‌କାଲ ମନୋରଞ୍ଜନ ଇତିହାସରେ କ୍ୟାମେରା ଦ୍ୱାରା ନିର୍ମିତ ଚଳଚ୍ଚିତ୍ରଗୁଡ଼ିକୁ ପ୍ରସ୍ତୁତ କରି ପ୍ରବେଶ କରିଥିଲା। ତେବେ ଏହି ଆନିମେଶନ ପ୍ରଥମେ କେବେ ଓ କେଉଁଠୁ ଆସିଲା ତାହା ସ୍ପଷ୍ଟ ହୋଇନାହିଁ। ୨୦୦ ଦଶକରେ ଛାୟା କଣ୍ଢେଇଠାରୁ ଆରମ୍ଭ କରି ୧୬୫୦ ଦଶକ ପର୍ଯ୍ୟନ୍ତ କାହାଣୀ କହିବା ପାଇଁ ଯାଦୁକରି ଲଣ୍ଠନ ବ୍ୟବହୃତ ହେଉଥିଲା। ୧୮୩୨ ମସିହାରେ ଯୋଶେଫ ମାଟୋଲୁଙ୍କ ଦ୍ୱାରା ଫେନାସିଷ୍ଟିକୋପ ଆବିଷ୍କାର କରାଯାଇଥିଲା, ଯାହା ପ୍ରଥମ ଆନିମେଶନ ଉପକରଣକୁ ଜନ୍ମ ଦେଇଥିଲା। ଷ୍ଟପ୍ ମୋଶନ ଟେକ୍ନିକ୍ ବ୍ୟବହାର କରିଥିବା ପ୍ରଥମ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବ୍ରିଟିଶ୍ ଚଳଚ୍ଚିତ୍ର ନିର୍ମାତା ଜେମ୍ସ ଷ୍ଟୁଆର୍ଟ ବ୍ଲାକ୍‌ଟନ, ଯିଏକି ଆମେରିକୀୟ ଆନିମେଶନର ପିତା ଭାବରେ ବିବେଚିତ ହୋଇଥିଲେ। ୧୯୦୦ ମସିହାରେ 'ଆକର୍ଷଣୀୟ



ଚିତ୍ରାଙ୍କନ' ନାମକ ପ୍ରଥମ ଆନିମେଟେଡ ଚଳଚ୍ଚିତ୍ର ନିର୍ମାଣ କରିବାର ଶ୍ରେୟ ତାଙ୍କୁ ମିଳିଥିଲା। ୧୯୦୬ ମସିହାରେ ସେ ଏକ ମୂକ ଆନିମେଶନ ଫିଲ୍ମ 'ହାସ୍ୟାସ୍ପଦ ଚେହେରା' ନିର୍ମାଣ କରିଥିଲେ। ତେବେ ଫ୍ରାନ୍ସର କାର୍ଟୁନିଷ୍ଟ ଏମିଲ କୋହଲଙ୍କୁ ଆନିମେଶନର ଜନକ ବୋଲି ବିବେଚନା କରାଯାଏ। ଆନିମେଶନ କଳାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନକୁ ସ୍କ୍ରିନିଂ, ପ୍ରଦର୍ଶନୀ, କର୍ମଶାଳା ଓ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜନ ପାଇଁ ନିମନ୍ତ୍ରଣ କରାଯାଏ, ଯାହା ଆନିମେଟେଡ ଚଳଚ୍ଚିତ୍ରର କଳାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥାଏ। ଏହି ଅବସରରେ ପୂର୍ଣ୍ଣାଙ୍ଗ ଆନିମେଶନ ଚଳଚ୍ଚିତ୍ର ଏବଂ ଆନିମେଟେଡ ସର୍ଟସ୍‌ରେ ବାଲି, କାଗଜ ଏବଂ କମ୍ପ୍ୟୁଟର ବ୍ୟବହାର କରି ଚିତ୍ରାଙ୍କନ, ଚିତ୍ରକଳା, ଆନିମେଟେଡ କଣ୍ଢେଇ ଏବଂ ଅନ୍ୟାନ୍ୟ ବସ୍ତୁ ସମେତ ଅନେକ କୌଶଳ ପ୍ରଦର୍ଶନ ହୁଏ। କିଛି ଆନିମେଟେଡ ଚଳଚ୍ଚିତ୍ର ସାଂସ୍କୃତିକ ଅଭିବ୍ୟକ୍ତି ଏବଂ ଯୋଗାଯୋଗ ପାଇଁ ଏକ ସମୃଦ୍ଧ ସୁଯୋଗ ବୋଲି ବିବେଚନା କରାଯାଏ। ଆନିମେଶନ ହେଉଛି କ୍ରମାଗତ ଚିତ୍ର, ମଡେଲ କିମ୍ବା କଣ୍ଢେଇ ଚିତ୍ରଣ କରିବାର ଏକ ପଦ୍ଧତି, ଯାହା ଏକ କ୍ରମରେ ଗତିର ଭ୍ରମ ସୃଷ୍ଟି କରେ। ଏକ ଧାରାବାହିକ ଚିତ୍ର ଦ୍ୱାରା ନିର୍ମିତ ଅଭିନୟକୁ 'ଆନିମେଶନ' କୁହାଯାଏ। ପାରମ୍ପରିକ ଆନିମେଶନ ହେଉଛି ଚଳଚ୍ଚିତ୍ରରେ ବ୍ୟବହୃତ ଆନିମେଶନର ଏକ ପୁରାତନ ରୂପ। ଆଲାଦିନ, ଦ ଲାଇନ କିଙ୍ଗ୍ ଏବଂ ପୁରୁଣା କାର୍ଟୁନ ଏହାର ଉତ୍ତମ ଉଦାହରଣ।

ମୋଶନ ଗ୍ରାଫିକ୍ସ ଆନିମେଶନ ହେଉଛି ଡିଜିଟାଲ ଗ୍ରାଫିକ୍ସ, ଯାହା ପ୍ରାୟତଃ ବିଜ୍ଞାପନ ଏବଂ ଚଳଚ୍ଚିତ୍ରରେ ଦର୍ଶକଙ୍କୁ କିଛି କହିବା ପାଇଁ ବ୍ୟବହୃତ ହୁଏ। ତେବେ ଆଜିକାଲି ଆନିମେଶନ ଫିଲ୍ମର ପରିସର କେବଳ କାର୍ଟୁନ ଫିଲ୍ମରେ ସୀମିତ ନ ରହି ଇଞ୍ଜିନିୟରିଂ, ମେଡିକାଲ, କ୍ରୀଡ଼ା, ଶିଳ୍ପ, ମଡେଲିଂ ଆଦି ବିଭିନ୍ନ କ୍ଷେତ୍ରରେ ମଧ୍ୟ ଆନିମେଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି କାରଣରୁ ଏବେ ଆନିମେଶନ କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ପ୍ରଚୁର ସମ୍ଭାବନା ରହିଛି। ଆଜିକାଲି କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଆନିମେଶନର ଚାହିଦା ରହିଛି ଏବଂ ଆନିମେଶନରେ ପ୍ରଶିକ୍ଷଣ ନେବା ପରେ କାର୍ଟୁନ, ବିଜ୍ଞାପନ, ଫିଲ୍ମ ଓ ଟିଭି ଧାରାବାହିକ ଭଳି ଗ୍ଲାମରର ଏକ ଚମତ୍କାର ଦୁନିଆ ଦ୍ୱାରା ମଧ୍ୟ କ୍ୟାରିୟର ତିଆରି ହୋଇପାରେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଏଇ ଭାରତରେ

ଦେଶ ବିକାଶର ଆଧାର ହେଉଛି ଗାଁ, ଯାହାକୁ ଅନୁଭବ କରିଛନ୍ତି ତେଲଙ୍ଗାନାର ସରପଞ୍ଚ ଗଡ୍‌ଜେ ମୀନାକ୍ଷୀ। ତାଙ୍କ ଉଦ୍ୟମରେ ଆଡିଲାବାଦ ଜିଲାର ମୁଖରା କେ. ଗାଁ ଭାରତର ସମସ୍ତ ଗ୍ରାମ ପଞ୍ଚାୟତ ପାଇଁ ଆଦର୍ଶ ପାଲଟିଛି। ପାହାଡ଼ ଓ ଜଙ୍ଗଲ ଘେରା ଏହି ଏହି ଗାଁର ଲୋକେ ସେମାନଙ୍କ ବର୍ଜ୍ୟ ପରିଚାଳନା କରୁଛନ୍ତି, ଯାହା ପାହାଡିଆ ଅଞ୍ଚଳକୁ ସ୍ୱଚ୍ଛ ରଖୁଛି। ପଞ୍ଚାୟତ ତରଫରୁ ପ୍ରତ୍ୟେକ ପରିବାରକୁ ଦୁଇଟି ଡଷ୍ଟବିନ୍ ଦିଆଯାଇଛି ଏବଂ ସଂଗୃହୀତ ବର୍ଜ୍ୟରୁ ଜିଆଖତ ପ୍ରସ୍ତୁତ କରାଯାଇ ତାହାକୁ ବିକ୍ରି କରାଯାଉଛି। ସେହିପରି ପ୍ଲାଷ୍ଟିକ ବର୍ଜ୍ୟରୁ ମଧ୍ୟ ଉପାର୍ଜନ ହେଉଛି। ଗାଁର ପ୍ରତି ପରିବାର ସୌରଶକ୍ତି ଉତ୍ପାଦନ କରି ବ୍ୟବହାର କରୁଛନ୍ତି। ପ୍ରତ୍ୟେକ ପରିବାରକୁ ପିଇବା ପାଣି ଯୋଗାଇ ଦିଆଯାଇଛି। ଏତେସବୁ କାର୍ଯ୍ୟ କରିଥିବା ମୀନାକ୍ଷୀ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି। ୨୦୧୯ରେ ସେ ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ପଞ୍ଚାୟତର ବିକାଶରେ ମନ ଦେଇଥିଲେ। ସେତେବେଳେ ଗାଁରେ ୨୦ଟି ପାଇଖାନା ଥିବାବେଳେ ଏବେ ସମସ୍ତ ପରିବାରରେ ପାଇଖାନା ହୋଇସାରିଛି। ମଶା ନିୟନ୍ତ୍ରଣ ଲାଗି ପ୍ରତି ପରିବାର ପାଇଁ ସେ ସକ୍‌ପିଟ ନିର୍ମାଣ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୦ ନଭେମ୍ବର ୧୯୭୫**

- ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏସ୍.ବି. ଚାଉନ ରାଜ୍ୟର ପ୍ରଥମ ମହିଳା ସମବାୟ ସମିତି ଉଦ୍‌ଘାଟନ କରିଛନ୍ତି।
- ପ୍ରାଥମିକ ଶିକ୍ଷାଠାରୁ ଉପାଧି ସ୍ତରର ଶିକ୍ଷା ପର୍ଯ୍ୟନ୍ତ ଯୋଗକୁ ଶିକ୍ଷା ସିଲାବସ୍ ଅନ୍ତର୍ଭୁକ୍ତ କରାଯିବ ବୋଲି ସରକାରୀ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।
- ପଣ୍ଡିଚେରୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ମରିକାର ଦ୍ରାବିଡ ମୁନେତ୍ର କାଜଗମରୁ ଇସ୍ତଫା ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲାଗୋରୁଙ୍କ ଯୋଗୁ ସମସ୍ୟା ବଢ଼ିଯାଉଛି

ମହାଶୟ,

ପୁରୀ ସହର ସମେତ ଜିଲାର ୧୧ଟି ବ୍ଲକର ଗ୍ରାମାଞ୍ଚଳରେ ବୁଲାଗୋରୁଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି। ଗୋଧନର ବିକାଶ ଓ ପର୍ଯ୍ୟାପ୍ତ ପରିଚାଳନା କରା ନ ଗଲେ କୃଷକଙ୍କ ଆୟ ଦୁଇଗୁଣା ବଢ଼ିବା ପ୍ରାୟତଃ ଅସମ୍ଭବ। ବୁଲା ଗୋରୁଗାଈଙ୍କ ମଧ୍ୟରେ ମୁଖ୍ୟତଃ ହଡ଼ା, ଷଣ୍ଢ, ଅଣ୍ଡିରା ବାଛୁରି ଓ କ୍ଷୀର ଦେଉ ନ ଥିବା ଗାଈ ଥାଆନ୍ତି। ଗତ କିଛି ଦଶନ୍ଧି ଧରି ଦେଶୀଗାଈଙ୍କୁ ଆମେ ଅବହେଳା କରିଛେ ଓ ଅଧିକ କ୍ଷୀର ଦେଉଥିବା ଜର୍ସି ଆଦି ଗୋପାଳନକୁ ଅତ୍ୟଧିକ ଧ୍ୟାନ ଦେଉଛେ। ଯାନ୍ତ୍ରିକ କୃଷିକୁ ଆପଣେଇ ବଳଦର ବ୍ୟବହାର କମାଇଛେ। ବୁଲାଗୋରୁଙ୍କ ଉତ୍ପାତ ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳର ଏକ ପ୍ରମୁଖ ସମସ୍ୟା। ଭାରତରେ ବୁଲାଗୋରୁଙ୍କ ସଂଖ୍ୟା ୫୦ ଲକ୍ଷରୁ ଅଧିକ। ବୁଲାଗୋରୁଙ୍କ କାରଣରୁ ରାସ୍ତାରେ ଦୁର୍ଘଟଣା ଘଟେ। ରାତ୍ରିର ଅନ୍ଧାରରେ ଏମାନେ ଧାନ, ବିରି, ମୁଗ ଓ ଅନ୍ୟାନ୍ୟ ଫସଲ ଖାଇଯାଉଥିବାର ଚାଷୀମାନେ ଅଭିଯୋଗ କରିବା ସ୍ୱାଭାବିକ। କେନ୍ଦ୍ର ସରକାର ରାଷ୍ଟ୍ରୀୟ ଗୋକୁଳ ମିଶନ ଅଧୀନରେ ଗୋଶାଳା ସଂଖ୍ୟା ବୃଦ୍ଧି ତଥା ସେଗୁଡ଼ିକୁ ସହାୟତା ପ୍ରଦାନ କରିଆସୁଥିଲେ ମଧ୍ୟ ରାଜ୍ୟରେ ତାହା ଯଥେଷ୍ଟ ହେଉନାହିଁ। ବର୍ତ୍ତମାନ ରାଜ୍ୟସରକାର ଉତ୍ତରପ୍ରଦେଶ ସରକାରଙ୍କ ପରି ଆଗ୍ରହୀ କୃଷକ ଓ ପଶୁପାଳକଙ୍କୁ ବୁଲା ଗୋରୁଗାଈଙ୍କୁ ପାଳିବା ପାଇଁ ଗୋରୁପିଛା ମାସିକ ୯୦୦ ଟଙ୍କା ପ୍ରୋତ୍ସାହନ ଅର୍ଥ ମଞ୍ଜୁର କଲେ ସମସ୍ୟାର ସମାଧାନ ହୋଇପାରନ୍ତା। ରାଜ୍ୟରେ ପଞ୍ଚାୟତସ୍ତରରେ ଗୋଶାଳା ଖୋଲାଯିବା ଆବଶ୍ୟକ।

–ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଚମକି ମରମତଳେ
ଚାହେଁ ମୁଁ ନିରେଖି
ଜୀର୍ଣ୍ଣ ବିକଳ ପ୍ରାଣେ
ଛୁଇଁଗଲା ସେ କି ?
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଥାନା ପରିଦର୍ଶନ କରି ତଦନ୍ତ କଲେ କମିଶନ

ଭୁବନେଶ୍ୱର,୧୯।୧୧
(ସତ୍ୟଜିତ୍ ରାଉତ)

ଚର୍ଚ୍ଚିତ ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସ ମଙ୍ଗଳବାର ଥାନା ଯାଇ ତଦନ୍ତ କରିଛନ୍ତି। ଭରତପୁର ଥାନାରେ ସେପ୍ଟେମ୍ବର ୧୪(ଶନିବାର) ବିଳମ୍ବିତ ରାତିରେ କ'ଣ ସବୁ ଘଟିଥିଲା ତାହା ପଚରାଉଚରା କରି ବୁଝିଛନ୍ତି। ତେବେ ପରେ ପଥରଗାଡ଼ିଆ ନିକଟ ରାସ୍ତାକୁ ଯାଇ ୭ ଅସାମାଜିକ ଯୁବକ ଘଟାଇଥିବା କାଣ୍ଡ ବିଷୟରେ କମିଶନ ତଦନ୍ତ କରିବେ ବୋଲି ସୂଚନା ମିଳିଛି। ଆସନ୍ତା ନଭେମ୍ବର ୨୬ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି କହିଛନ୍ତି।

ଅପରାହ୍ନରେ କମିଶନ ଜଷ୍ଟିସ୍ ଦାସ ଥାନାରେ ପହଞ୍ଚିବା ପରେ ପ୍ରଥମେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ସେମାନଙ୍କ ଓକିଲଙ୍କ ସହ ପହଞ୍ଚିଥିଲେ। ସେମାନଙ୍କ ସହ ଉକ୍ତ ରାତିରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ କିଭଳି ବ୍ୟବହାର ଓ ନିର୍ଯାତନା ଦେଇଥିଲେ ତାହା ଗୋଟିଗୋଟି କରି ବର୍ଣ୍ଣନା କରିଥିଲେ। ଏହାପରେ ନିଲମ୍ବିତ ଇନ୍‌ସ୍ପେକ୍ଟର ଦୀନକୃଷ୍ଣ ମିଶ୍ର, ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସାଗରିକା ରଥ, ଏଏସ୍‌ଆଇ ସଲିଳମୟୀ ସାହୁ ଓ କନ୍‌ଷ୍ଟେବଲ ବଳରାମ ହାଁସଦା ଥାନାକୁ ଆସି କମିଶନଙ୍କ ସମ୍ମୁଖରେ ଉପସ୍ଥିତ ରହି ଘଟଣା ରାତିର କାହାଣୀ ବର୍ଣ୍ଣନା କରିଥିଲେ। କମିଶନ ଉଭୟ ପକ୍ଷଙ୍କ ବୟାନ ଶୁଣିବା ସହ ଅଧିକ ପଚରାଉଚରା ମଧ୍ୟ କରିଥିଲେ। ତେବେ ଏନେଇ କମିଶନ ଗଣମାଧ୍ୟମରେ କହିଛନ୍ତି, ଘଟଣାଦିନ କେଉଁଠି କଣ ଘଟିଥିଲା, ସେନେଇ ଉଭୟ ପକ୍ଷଠାରୁ ବୁଝାଯାଇଛି। ଏହି ଘଟଣାକୁ ୨ମାସ ବିତିଥିବାବେଳେ ସାକ୍ଷ୍ୟପ୍ରମାଣ ପାଇଁ ଘଟଣାସ୍ଥଳ ପରିଦର୍ଶନ ହୋଇନାହିଁ ବରଂ ଆସିଥିବା ସତ୍ୟପାଠଗୁଡ଼ିକୁ ଭଲଭାବେ ଜାଣିବା ପାଇଁ ଥାନାକୁ ଆସି ବୁଝିଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ ରାତିର ରାସ୍ତାରେ ଦୁର୍ବ୍ୟବହାର ଅଭିଯୋଗକୁ ନେଇ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଆସିଥିଲେ। ହେଲେ ସେଠାରେ ପୋଲିସର ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ତତ୍କାଳୀନ ଥାନା ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏଥିସହ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେବା ସହ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।




**ଭରତପୁର ଥାନା ନିର୍ଯାତନା ଘଟଣା**

- ଘଟଣା ରାତିର କାହାଣୀ ବର୍ଣ୍ଣନା କଲେ ଆର୍ମି ଅଫିସର, ବାନ୍ଧବୀ
- ନିଲମ୍ବିତ ଆଇଆଇସିଙ୍କ ସହ ୪ ପୋଲିସ କର୍ମଚାରୀ ମଧ୍ୟ ବୟାନ ଦେଲେ

# ୨୯ରେ ଓଡ଼ିଶା ଆସିବେ ମୋଦି, ଶାହା

ଭୁବନେଶ୍ୱର, ୧୯।୧୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୯ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିପାରନ୍ତି। ଓଡ଼ିଶାରେ ୨୯ରୁ ଭୁବନେଶ୍ୱରଠାରେ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ଲାଗି ଉଭୟେ ମୋଦି ଏବଂ ଶାହା ଆସିବେ ବୋଲି ଭାଜପା ନେତା ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଏନେଇ ସରକାରୀ ସ୍ତରରେ କିଛି ଚୂଡ଼ାନ୍ତ ହୋଇନାହିଁ। ଖୁବ୍‌ଶୀଘ୍ର ଏନେଇ ସରକାରୀ ଭାବେ ସୂଚନା ଦିଆଯିବ ବୋଲି ସେ କହିଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଦିନିକିଆ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ଏବଂ ଶାହା ଯୋଗଦେବାକୁ ଥିବାବେଳେ ସେମାନଙ୍କ ଗସ୍ତ ନେଇ ବିସ୍ତୃତ ସୂଚୀ ଏ ପର୍ଯ୍ୟନ୍ତ ଆସିନାହିଁ।

# ୬ରେ ମୟୂରଭଞ୍ଜ ଆସିବେ ରାଷ୍ଟ୍ରପତି

ବାରିପଦା,୧୯।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୬ ତାରିଖରେ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସିବେ। ୩ରୁ ୭ ତାରିଖ ପର୍ଯ୍ୟନ୍ତ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ରାଷ୍ଟ୍ରପତି ଡିସେମ୍ବର ୩ ତାରିଖରେ ରାଷ୍ଟ୍ରପତି ଭବନରୁ ବାହାରି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଏୟାରପୋର୍ଟରେ ପହଞ୍ଚିବେ। ୩ ଦିନ ଧରି ଭୁବନେଶ୍ୱର ଓ ପୁରୀଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ୬ ତାରିଖ ପୂର୍ବାହ୍ନ ୧୧ଟାରେ ମୟୂରଭଞ୍ଜ ଜିଲା ବାଦାମପାହାଡ଼ସ୍ଥିତ ରଙ୍ଗାମାଟିଆ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ଜନ୍ମମାଟି ଉପରବେଡ଼ା ଯିବେ। ସେଠାରେ ରାଷ୍ଟ୍ରପତି ପାଠପଢୁଥିବା ଉପରବେଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଭାବବିନିମୟ କରିବେ। ସେଠାରୁ ବାହାରି ନିଜ ବାପଘରକୁ ଯାଇ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ। ଅପରାହ୍ନ ୩ଟାରେ ବାହାରି ସଡ଼କ ପଥରେ ରାଇରଙ୍ଗପୁରସ୍ଥିତ ବାସଭବନରେ ପହଞ୍ଚିବେ। ପରେ ଉପଖଣ୍ଡ ଚିକିତ୍ସାଳୟରେ ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ ସହ ରାଇରଙ୍ଗପୁରସ୍ଥିତ ମହିଳା ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ସେଠାରୁ ବାହାରି ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଗଣେଶଙ୍କୁ ଆଳତି କରିବେ। ପରେ ରାଇରଙ୍ଗପୁରସ୍ଥିତ ବାସଭବନରେ ରାତ୍ରଯାପନ କରିବେ। ତା' ପରଦିନ ବିଭିନ୍ନ ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ ପରେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

# ଓଡ଼ିଶା ରାଜ୍ୟମୁକ୍ତ ବିଶ୍ୱବିଦ୍ୟାଳୟକୁ ନାକ୍ ମାନ୍ୟତା

ସମ୍ବଲପୁର,୧୯।୧୧ (ଭବାନୀ ଶଙ୍କର ଭୋଇ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟକୁ ନାକ୍ ପକ୍ଷରୁ ବି-୧ ମାନ୍ୟତା ମିଳିଛି। ଚଳିତବର୍ଷ ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ନେବା ପରେ ସମ୍ବଲପୁର ଗୋଶାଳ ନିକଟ ବଡସିଂହାରୀଠାରେ ନିଜସ୍ୱ କୋଠାରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ କରିଛି। ୨୦୧୫ ମସିହାରେ ସ୍ଥାପିତ ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ନାକ୍ ମାନ୍ୟତା ସମସ୍ୟା ନେଇ ଗତବର୍ଷ ଅନେକ ପାଠ୍ୟକ୍ରମର ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ ଉଠିଥିଲା। ତେବେ ନାକ୍ ଟିମ୍ ପରିଦର୍ଶନ କରି ଫେରିବା ପରେ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିଛି। ନାକ୍ ମାନ୍ୟତା ପାଇବା ପରେ ଉଚ୍ଚତର ପାଠ୍ୟକ୍ରମ ପାଇଁ ନାମଲେଖା ପୁଣିଥରେ ଆରମ୍ଭ ହୋଇଛି। ସ୍ନାତକୋତ୍ତର ପାଠ୍ୟକ୍ରମରେ ଇତିହାସ, ରାଜନୀତି ବିଜ୍ଞାନ, ପବ୍ଲିକ ଆଡମିନିଷ୍ଟ୍ରେଶନ ଏବଂ ଅର୍ଥନୀତି ପାଇଁ ନାମଲେଖା ଜାରି ରହିଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ ୨୯୫୯ ଛାତ୍ରୀଛାତ୍ର ଅନୁଷ୍ଠାନରେ ନାମ ଲେଖାଇ ସାରିଛନ୍ତି। ଫେବୃୟାରୀ ୨୦୨୫ସୁଦ୍ଧା ୩୦ ହଜାର ଛାତ୍ରୀଛାତ୍ରଙ୍କୁ ଗ୍ରହଣ କରିବାର ଆଶା ସହିତ ଅନୁଦାନ ଆୟୋଗ ଅନୁଷ୍ଠାନରେ ଦାଖଲ ହୋଇଥିବା ୨୦ଟି ନୂତନ ୟୁଜି ଓ ପିଜି ପ୍ରୋଗ୍ରାମ ପ୍ରଚଳନ ଅପେକ୍ଷାରେ ରହିଛି। ଜୁଲାଇ ୨୦୨୫ ଶିକ୍ଷାବର୍ଷ ଭିତରେ ୫୦ହଜାର ଛାତ୍ରୀଛାତ୍ରଙ୍କୁ ଗ୍ରହଣ କରିବା ଲକ୍ଷ୍ୟ ରଖାଯାଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ଡିଜିଟାଲ ମାର୍କେଟିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସାଇବର ସିକ୍ୟୁରିଟି, କମ୍ୟୁନିକେଶନ ସ୍କିଲ ଇନ୍ ଇଂଲିଶ, ଅର୍ଥନୀତି ଏବଂ ଫାଇନାନ୍ସିଆଲ ଆକାଉଣ୍ଟିଂରେ ଅନଲାଇନ୍ ଦକ୍ଷତାମୂଳକ କ୍ରେଡିଟ ଆଧାରିତ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇ ନିଯୁକ୍ତିମୂଳକ ପାଠ୍ୟକ୍ରମ ଉପରେ ଯୋଜନା ରଖିଛି। ନାକ୍ ମାନ୍ୟତା ପାଇବା ପରେ ବିଶ୍ୱ ବିଦ୍ୟାଳୟ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇବ ବୋଲି କୁଳପତି ଆଶା ପ୍ରକଟ କରିଛନ୍ତି।



**ସ୍ନାତକୋତ୍ତର ସହ ଅନ୍ୟାନ୍ୟ ପାଠ୍ୟକ୍ରମ ପାଇଁ ନାମଲେଖା ଜାରି**

# ଜଳିଗଲା ଗୋରୁ ବୋଝେଇ ଗାଡ଼ି

ଉଦଳା,୧୯।୧୧
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପୋଡ଼ାଡିହା ଛକରେ ଏକ ଗୋରୁ ବୋଝେଇ ଗାଡ଼ିରେ ନିଆଁ ଲାଗି ଗୋଟିଏ ଗୋରୁ ପୋଡ଼ି ମରିଥିବା ବେଳେ ୭ ଗୋରୁ ଉଦ୍ଧାର ହୋଇଛନ୍ତି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ଅଞ୍ଚଳରୁ ସୋମବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୮ଟି ଗୋରୁ ବୋଝେଇ ହୋଇ ଚୋରା ଚାଲାଣ ହେଉଥିବା ବେଳେ ପୋଡ଼ାଡିହା ଛକ ନିକଟରେ ଗାଡ଼ିଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଭ୍ୟାନ୍‌ରେ ନିଆଁ ଲାଗି ଯାଇଥିଲା। ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିବା ବେଳେ ସ୍ଥାନୀୟ ଲୋକେ ୭ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ଏକ ଗୋରୁ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ଦେଖିବାକୁ ମିଳିଥିଲା। ପିକ୍‌ଅପ୍ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ତେବେ ଗୋ ଚାଲାଣକାରୀମାନେ ଅନ୍ଧାର ରାତିର ସୁଯୋଗ ନେଇ ପିକ୍‌ଅପ୍ ଭ୍ୟାନକୁ ଏକ ଟ୍ରାକ୍ଟରରେ ଲଦି ଜେସିବି ସହାୟତାରେ ଠେଲି ଠେଲି ଦୁର୍ଘଟଣାସ୍ଥଳରୁ ଅନ୍ୟତ୍ର ନେଇଯାଇଥିବା ସୂଚନା ମିଳିଛି।


ପୋଡ଼ି ଯାଇଥିବା ପିକ୍‌ଅପ୍ ଭ୍ୟାନ୍।







# ଚାଷୀଙ୍କୁ ଡକା ନ ଯିବାରୁ ବିଧାୟକଙ୍କ ଉଦ୍‌ବେଗ

- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ
- ଡିସେମ୍ବର ୧୭ରୁ ଧାନକିଣା ଆରମ୍ଭ

ରାୟଗଡ଼ା,୧୯।୧୧(ଆଶିଷ ରଞ୍ଜନ ପଣ୍ଡା)



ବୈଠକରେ ଜିଲାପାଳ, ବିଧାୟକଙ୍କ ସହ ଅନ୍ୟ ଅଧିକାରୀ।

ରାୟଗଡ଼ା ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଚାଷୀ ପ୍ରତିନିଧିଙ୍କୁ ବୈଠକକୁ ଡକାଯାଇ ନ ଥିବା ନେଇ ଆରମ୍ଭରୁ ଝଡ଼ ସୃଷ୍ଟି ହୋଇଥିଲା। ବୈଠକ ପ୍ରାରମ୍ଭରେ କୃଷି, ସମବାୟ ଓ ଯୋଗାଣ ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା। ରାୟଗଡ଼ା ଓ କାଶୀପୁର ବ୍ଲକ୍ ସମେତ ରାୟଗଡା ସହରରୁ ଜଣେ ମଧ ଚାଷୀ ପ୍ରତିନିଧିଙ୍କୁ କୃଷି ବିଭାଗ ବୈଠକ ସମ୍ପର୍କରେ ସୂଚନା ଦିଆଯାଇନାହିଁ। ଜିଲାର ୧୧ ବ୍ଲକ ଓ ୩ ସହରରୁ ମାତ୍ର ୫ ଜଣ ଚାଷୀଙ୍କୁ ବୈଠକକୁ ଡକାଯାଇଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ଜିଲାର ୩ ବିଧାୟକ। କେଉଁ କାରଣରୁ ସବୁ ବ୍ଲକ୍‌ରୁ ଚାଷୀ ପ୍ରତିନିଧିଙ୍କୁ ଡକାଯାଇନାହିଁ ବୋଲି ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ପ୍ରଶ୍ନ କରିଥିଲେ। ହେଲେ କୃଷି ଅଧିକାରୀ ଏହାର ଉତ୍ତର ଦେଇପାରି ନ ଥିଲେ। ଏହାପରେ ବୈଠକରେ ଅଧ୍ୟକ୍ଷତା କରୁଥିବା ଜିଲାପାଳ ପାରୁଲ ପଟୱାରି ହସ୍ତକ୍ଷେପକରି ସେ ମଧ ଜିଲା କୃଷି ବିଭାଗ ଅଧିକାରୀଙ୍କୁ ଏହିଭଳି ତ୍ରୁଟି ନ କରିବା ପାଇଁ କହିଥିଲେ।

ବୈଠକରେ ଆସନ୍ତା ଡିସେମ୍ବର ୧୭ରୁ ଜିଲାର ସମସ୍ତ ଅଞ୍ଚଳରେ ଧାନମଣ୍ଡି ଖୋଲିବା ନେଇ ନିଷ୍ପତ୍ତି ହୋଇଥିଲା। ତେବେ କେବଳ ପଦ୍ମପୁର ବ୍ଲକ୍‌ରେ ୨୪ ତାରିଖରେ ଆରମ୍ଭ ହେବ। ଚଳିତ ବର୍ଷ ୯ ଲକ୍ଷ ୪୩ ହଜାର ୭୦୧ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଧାର୍ଯ୍ୟ ହୋଇଛି। ୨୧ ହଜାର୧୪୬ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବ। ଜିଲାର ୧୨୨ଟି ମିଲ୍ ଚଳିତବର୍ଷ ଧାନ କିଣାରେ ସାମିଲ ହେବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ୧୩ ଲ୍ୟାମ୍ପ ଓ ଗୋଟିଏ ଏମ୍‌ପିସିଏସ୍ ୪୩ଟି ମଣ୍ଡିରେ ଧାନ କିଣିବାକୁ ଅନୁମତି ମିଳିଛି। ତେବେ ଧାନ କିଣାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ କହିଥିଲେ। ଧାନ ବିକ୍ରି ପରେ ଚାଷୀ ତୁରନ୍ତ ଟଙ୍କା ପାଇବା ଉପରେ ସେ ଅଧିକ ଗୁରୁତ୍ୱ ଦେଇଥିଲେ। ଏଣେ ଜିଲାର ୩ ସୀମାରେ ଆର୍‌ଏମ୍‌ସି ତରଫରୁ ପୋଲିସ ସହାୟତାରେ ଯାଞ୍ଚ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମଣ୍ଡିରେ ମିଲରଙ୍କ କଥା ଚଳିବ ନାହିଁ। ସରକାରଙ୍କ ନିୟମ ପ୍ରକାରେ ସମସ୍ତ କାର୍ଯ୍ୟ କରିବାକୁ ବିଧାୟକମାନେ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲାପାଳ କୀରଣଦୀପ କୌର ସାହୋଟା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁପ୍ରସାଦ କର, ଡିଆର୍‌ସିଏସ୍ କରୁଣାକର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ

**ଗ୍ୟାସ୍ ଟାଙ୍କି ଫାଟିବା ଘଟଣା**

ରାୟଗଡ଼ା,୧୯।୧୧(ଆଶିଷ ରଞ୍ଜନ ପଣ୍ଡା)

ଗ୍ୟାସ ଟାଙ୍କି ଫାଟିବା ଘଟଣାରେ ମଙ୍ଗଳବାର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଥିବା ଡି.ଶିବାଙ୍କ ମୃତ୍ୟୁ ଘଟିଛି। ଏହା ପୂର୍ବରୁ ଗତ ୧୫ ତାରିଖରେ ଦିନ ମିଣିଆଙ୍କ ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

ପ୍ରକାଶ ଥାଉକି, ଶିବା, ଧର୍ମା ମିଣିଆକା ଓ ଦିନ ମିଣିଆକା ରାଣୀଗୁଡ଼ା ଫାର୍ମ ଅଞ୍ଚଳର ହାତିପଥର ନିକଟସ୍ଥ ଏକ ସାହିରେ ଘର ଭଡ଼ା ନେଇ ରହୁଥିଲେ। ଗତ ଶୁକ୍ରବାର ଭୋର ସମୟରେ ଦୁଇ ଜଣ ବ୍ୟକ୍ତି ଶୋଇଥିବା ବେଳେ ଅନ୍ୟ ଜଣେ କୌଣସି କାମ ପାଇଁ ଗ୍ୟାସ୍ ସିଲିଣ୍ଡର ଅନ୍ କରିବା ସମୟରେ ଲିକେଜ୍ ଥିବାରୁ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗି ଫାଟି ଯାଇଥିଲା। ଫଳରେ ୩ଜଣ ଗୁରୁତର ଆହତ ହୋଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଗୁରୁତର ରହିଥିବାରୁ ଦିନ ଏବଂ ଧର୍ମାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିନଙ୍କ ମୃତ୍ୟୁ ଘଟିଥିଲା। ହେଲେ ଧର୍ମା ମିଣିଆକାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ଶିବାଙ୍କ ପରିବାର ଲୋକେ ତାଙ୍କୁ ବିଶାଖାପାଟଣା ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିବାବେଳେ ପରିବାରବର୍ଗ ତାଙ୍କ ମରଶରୀରକୁ ରାୟଗଡ଼ା ଆଣି ସତ୍କାର କରିଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୭୬ ପ୍ରକଳ୍ପ ପ୍ରଦର୍ଶିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପଦ୍ମପୁର, ୧୯।୧୧ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସର ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଇଓ ହୃଷୀକେଶ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର୍‌ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା, ବୃନ୍ଦରାଜ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ନିରଞ୍ଜନ ସାହୁ ଏବଂ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ରଶ୍ମିତା ସ୍ୱାଇଁ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଉକ୍ତ ବିଜ୍ଞାନ ପ୍ରଦର୍ଶନୀରେ ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ବରିଷ୍ଠ ବର୍ଗରେ ୭୬ଟି ଏବଂ ବାଲ୍ ବୈଜ୍ଞାନିକ ବର୍ଗରେ ୩୬ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ସିଆର୍‌ସିସି ଏବଂ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଇଓ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଚୟନ ହୋଇଥିବା ଶ୍ରେଷ୍ଠ ପ୍ରକଳ୍ପ ଆଗାମୀ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ ବୋଲି ଅତିଥି ମତପୋଷଣ କରିଥିଲେ।

**ସଂକ୍ଷେପରେ**

### ଜି.ଉଦୟଗିରିରେ ୬.୬ ଡିଗ୍ରୀକୁ କମିଲା ତାପମାତ୍ରା

ଜି.ଉଦୟଗିରି,୧୯।୧୧ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରିରେ ଦିନକୁ ଦିନ ସର୍ବନିମ୍ନ ତାପମାତ୍ରା କମିବାରେ ଲାଗିଛି। ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୬.୬ ଡିଗ୍ରୀ ଥିବା କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ରେକର୍ଡ କରାଯାଇଛି। ରବିବାର ୭.୮ଡିଗ୍ରୀ ଥିବା ବେଳେ ସୋମବାର ୭.୨ ଡିଗ୍ରୀ ସେଲ୍‌ସିୟସ ଥିଲା। ପ୍ରତ୍ୟେହ ତାପମାତ୍ରା କମିବା ଫଳରେ ନାହିଁ ପ୍ରବଳ ଶୀତ ଅନୁଭୂତ ହେଉଛି। ଶୀତ ସାଙ୍ଗକୁ ଘନ କୁହୁଡ଼ି ଜନଜୀବନକୁ ପ୍ରଭାବିତ କରିଛି।

### ଜଙ୍ଗଲରୁ ୧୪ କାଠଗଣ୍ଡି ଜବତ

ମୋହନା,୧୯।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ବନାଞ୍ଚଳରେ ସୋମବାର ଅପରାହ୍ନରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଘଞ୍ଚ ଜଙ୍ଗଲରୁ ୧୪ଟି କାଠ ଗଣ୍ଡି ଜବତ କରିଛନ୍ତି। ସେଥିମଧ୍ୟରେ ୧୧ଟି ଶାଗୁଆନ ଓ ୩ଟି କସି କାଠ ଗଣ୍ଡି ରହିଛି। ବନଖଣ୍ଡ ଅଧିକାରୀ ଏସ.ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଷୋୟୀଙ୍କ ତତ୍ତ୍ୱାବଧାନରେ ପାଟ୍ରୋଲିଂ ଚାଲିଥିବା ବେଳେ ଖାରିଚୁଆଁ ଘଞ୍ଚ ଜଙ୍ଗଲରୁ ଏସବୁ କାଠଗଣ୍ଡି ଜବତ ହୋଇଛି। କାଠ ମାଫିଆମାନେ ଏହାକୁ ଚଲାଣ କରିବା ପାଇଁ ଲୁଚାଇ ରଖିଥିଲେ। ପାଟ୍ରୋଲିଂରେ ଅଡ଼ବା ବନପାଳ ସନ୍ତୋଷ ପାଣିଗ୍ରାହୀ, ମୋହନା ବନପାଳ ଦେବାଶିଷ ଶତପଥୀ, ଲକ୍ଷ୍ମୀକାନ୍ତ ପାତ୍ର,ବନରକ୍ଷୀ ଗଙ୍ଗାଧର ଭୂୟାଁ,ବନ୍ଧିଆ ଗମାଙ୍ଗ, ରାଜକିଶୋର ସାହୁ, ଦମୟନ୍ତି ଗୌଡ଼ଙ୍କ ସମେତ ଜଙ୍ଗଲ ସୁରକ୍ଷା ବାହିନୀର ସମସ୍ତ କର୍ମଚାରୀ ସାମିଲ ଥିଲେ।

## ଲୋକଙ୍କ ଆୟ ବଢ଼ିବା ସହ ଆତ୍ମନିର୍ଭରଶୀଳ ହେବେ

**୨ଦିନିଆ ଜିଲା ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ**

ରାୟଗଡ଼ା,୧୯।୧୧(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ରେଲୱେ ପଡ଼ିଆରେ ଜିଲାସ୍ତରୀୟ ୨ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ନିମନ୍ତେ ସବୁ ପ୍ରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ସାଧାରଣ ଲୋକ ଏବଂ ଚାଷୀଙ୍କ ଆୟ ଦୁଇଗୁଣିତ ହେବା ସହ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଆପଲସ୍ୱାମୀ ମତ ରଖିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ଓ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ପାଳନକୁ ବ୍ୟବସାୟ ଭିତ୍ତିରେ ଗ୍ରହଣ କରି ବେକାରି ସମସ୍ୟା ଦୂରୀଭୂତ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା ଓ ଅନ୍ୟ ବ୍ଲକ୍‌ର ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ସମେତ ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା ଓ ଅନ୍ୟମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ୩୧ଟି ଷ୍ଟଲରେ ମାଛଚାଷଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ପ୍ରାଣୀ ଚାଷ ଓ ସୁରକ୍ଷା ଷ୍ଟଲ ସମେତ ବିଭିନ୍ନ ଗୋଖାଦ୍ୟ ଷ୍ଟଲ୍ ଲାଗିଛି।

## ବସଷ୍ଟାଣ୍ଡ ବିଶ୍ରାମ କକ୍ଷରୁ ମହିଳାଙ୍କ ମୃତଦେହ ଜବତ

ବ୍ରହ୍ମପୁର , ୧୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ପରିସର ଯାତ୍ରୀ ବିଶ୍ରାମ କକ୍ଷ (ରେଷ୍ଟ ସେଡ଼)ରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ପାଟପୁର ଥାନା ଅନ୍ତର୍ଗତ ରତ୍ନ ମଣିପୁର ଗ୍ରାମର ସୁଷମା ସାହୁ(୪୨)। ତାଙ୍କ ମୃତ୍ୟୁର କାରଣ ଜଣାପଡିନଥିବା ବେଳେ ତାଙ୍କର ଶ୍ୱାସ ରୋଗ ଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ପୋଲିସ ନଂ. ୭୧୧/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରି ସୁଷମାଙ୍କ ଭାଇ ପ୍ରେମ ଶଙ୍କର ସାହୁଙ୍କୁ ମୃତଦେହ ହସ୍ତାନ୍ତର କରିଛି। ସୁଷମା ତାଙ୍କ ସ୍ୱାମୀ ଠାରୁ ଅଲଗା ହୋଇ ଭାଇଙ୍କ ପାଖରେ ରହୁଥିଲେ। କିଛିଦିନ ତଳେ ସେ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ମଙ୍ଗଳବାର ସେ ବସ ଯୋଗେ ବ୍ରହ୍ମପୁର ଫେରିଥିଲେ। ହେଲେ ମଧ୍ୟାହ୍ନରେ ଜଣେ ମହିଳା ବସଷ୍ଟାଣ୍ଡ ରେଷ୍ଟ ସେଡ଼ରେ ପଡ଼ିରହିଥିବା ଦେଖି କିଛି ଯାତ୍ରୀ ବସଷ୍ଟାଣ୍ଡ ପରିସରରେ ଥିବା ଫାଣ୍ଡି ପୋଲିସକୁ ଜଣାଇଥିଲେ। ପୋଲିସ ମହିଳାଙ୍କୁ ଉଦ୍ଧାର କରି ଏମକେସିଜି ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ମହିଳାଙ୍କ ନିକଟରେ ଥିବା ଏକ ବ୍ୟାଗ ଭିତରୁ ମିଳିଥିବା ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ ଆଧାରରେ ସେଠାକାର ପୋଲିସ ସହ ଯୋଗାଯୋଗ କରିଥିଲା। ପରେ ତାଙ୍କ ଭାଇ ବ୍ରହ୍ମପୁର ମେଡିକାଲ ଆସି ପୋଲିସ ଉପସ୍ଥିତିରେ ଭଉଣୀର ମୃତଦେହ ଚିହ୍ନଟ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ୧୮ଏକର ଜମିରୁ ୫୪ ହଜାର ଗଞ୍ଜେଇ ଗଛ ନଷ୍ଟ

**ଗଞ୍ଜେଇଚାଷର ମୂଳୋତ୍ପାଟନ ପାଇଁ ଆକ୍ସନ ମୁଡ୍‌ରେ ପୋଲିସ**

ପଦ୍ମପୁର, ୧୯।୧୧ (ପ୍ରଶାନ୍ତ କୁମାର କର)


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ଦୁର୍ଗମ ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ଗଞ୍ଜେଇ ଚାଷର ମୂଳ ଉତ୍ପାଟନ କରାଯିବା ସହ ଲୋକଙ୍କୁ ଏଥିରୁ ନିବୃତ୍ତ ରହିବାକୁ ପ୍ରୟାସ ଆରମ୍ଭ ହୋଇଛି। ପଦ୍ମପୁର ବ୍ଲକର ନୂଆଗଡ଼ ପଞ୍ଚାୟତର ଦୁର୍ଗମ ଗାଁ ଆଶାରଗୁଡ଼ି ଜଙ୍ଗଲରେ ଗତ ୨ଦିନ ଧରି ପଦ୍ମପୁର ପୋଲିସର ଏକ ଟିମ୍ ସହ ଗୁଡ଼ାରି ଓ କେନ୍ଦୁଗୁଡା ପୋଲିସର ମିଳିତ ସହଯୋଗରେ ପ୍ରାୟ ୧୮ଏକର ଅଞ୍ଚଳରେ ଚାଷ ହୋଇଥିବା ୫୪ ହଜାର ଗଛକୁ ପୋଲିସ ନଷ୍ଟ କରିଛି। ଏହାର ଆନୁମାନିକ ମୂଲ୍ୟ ୫ କୋଟି ୪୦ଲକ୍ଷର ଊର୍ଦ୍ଧ୍ୱ ହେବ ବୋଲି ପଦ୍ମପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ ସୂଚନା ଦେଇଛନ୍ତି। ସମ୍ମିଳନୀରେ ପଦ୍ମପୁର ଥାନା ଆଇଆଇସି ରଞ୍ଜନ କୁମାର ମାଝୀ, ଗୁଡ଼ାରି ଥାନା ଆଇଆଇସି ସମର୍ପିତା ସ୍ୱାଇଁ,କେନ୍ଦୁଗୁଡା ଆଉଟ ପୋଷ୍ଟ ଅଧିକାରୀ ଝସକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜେଇଚାଷ ଏବଂ ବେଆଇନ ବିକ୍ରିରୁ ନିବୃତ୍ତ ରହିବାକୁ ଲୋକଙ୍କୁ ସଚେତନ କରାଯାଉଛି ବୋଲି ଏସ୍‌ଡିପିଓ ନାୟକ କହିଛନ୍ତି।

## ମିଛ କହି ଧରାପଡ଼ିଲେ ଠକୁଥିବା ଯୁବକ

ଖଜୁରୀପଡ଼ା,୧୯।୧୧( ବିଦୁର ବେହେରା)

କନ୍ଧମାଳ ଜିଲା ଚକାପାଦ ବ୍ଲକରେ ଗରିବ ନିରୀହ ଲୋକଙ୍କୁ ବିଭିନ୍ନ ସରକାରୀ ସହାୟତା ଓ ଘର ଦେବା ନାଁରେ ଟଙ୍କା ଠକି ନେଉଥିବା ଜଣେ ଯୁବକଙ୍କୁ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ବ୍ଲକର ତଟାଗୁଡ଼ା ଗ୍ରାମର ରାଜ କୁମାର ବେହେରା ନିଜକୁ ଚକାପାଦ ବ୍ଲକ ଭାଜପା ଯୁବ ସଭାପତି ଥିବା ପରିଚୟ ଦେଇ କେନ୍ଦ୍ରୀୟ ଯୋଜନାରେ ଗରିବ ଲୋକଙ୍କୁ ଘର ଯୋଗାଇ ଦେବାକୁ କହି ପ୍ରଧାନପଡା ଗ୍ରାମର ଦୁର୍ବାସା ସାହାଣୀ ଏବଂ ମଲ୍ଲିକପଡା ଗ୍ରାମର ମନମାରି ମଲ୍ଲିକଙ୍କଠାରୁ ଯଥାକ୍ରମେ ୧୫ ହଜାର ଓ ୨ହଜାର ଟଙ୍କା ନେଇଥିଲେ। ଦୀର୍ଘ ଦିନ ଧରି ଗୃହ ନ ମିଳିବାରୁ ଏନେଇ ଆଡାସିପଡା ସରପଞ୍ଚ ବ୍ରଜମୋହନ କହଁରଙ୍କୁ ଦୁର୍ବାସା ଜଣାଇଥିଲେ। ରାଜ କୁମାରଙ୍କୁ ମଙ୍ଗଳବାର ସରପଞ୍ଚ କହଁର ଡାକିଥିଲେ। ଖବରପାଇ ପୋଲିସ ଓ କେତେଜଣ ଭାଜପା କର୍ମୀ ସରପଞ୍ଚଙ୍କ ଘରଠାରେ ପହଞ୍ଚିଥିଲେ। ପଚରାଉଚରା ବେଳେ ରାଜକୁମାର ଭାଜପାର ବ୍ଲକ ସଭାପତି ନ ଥିବା କହିଥିଲେ। ଏ ନେଇ ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କୁ ପଚାରିବାରୁ, ଏତଲା ହେବା ପରେ ମାମଲା ରୁଜୁ କରାଯିବ ବୋଲି କହିଥିଲେ।


ଦାରିଦ୍ର୍ୟ ଯୋଗୁ ମାତ୍ର ୨୦ହଜାର ଟଙ୍କାରେ ମା'ବାପା ନିଜର ନବଜାତ ଶିଶୁକନ୍ୟାକୁ ବିକ୍ରି କରିବା ଘଟଣାରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡ଼ା ବସ୍ତିରେ ଶିଶୁ ମଙ୍ଗଳ କମିଟିର ସଦସ୍ୟମାନେ ତଦନ୍ତ କରୁଛନ୍ତି।

## ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ହଳଦିଆପଦର – ଗୋବିନ୍ଦବିହାର ରେଳଧାରଣରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ତାଙ୍କ ବୟସ ୩୫ରୁ ୪୦ ହେବ ବୋଲି ଅନୁମାନ କରାଯାଉଛି। ପ୍ରାଥମିକ ତଦନ୍ତରୁ ଯୁବକ ଜଣକ ଚଳନ୍ତା ଟ୍ରେନରୁ ଖସି ପଡିଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପରେ ୪ଦିନ ପର୍ଯ୍ୟନ୍ତ ଶବ ସଂରକ୍ଷଣ ଗୃହରେ ରଖାଯିବ ବୋଲି ପୋଲିସ କହିଛି।

## ସରିଲା ଖେଳାଳି ନିଲାମ ପ୍ରକ୍ରିୟା

**ଜିପିଏଲ୍ ସିଜନ-୪ କ୍ରିକେଟ ଟୁର୍ନାମେଣ୍ଟ**

ଗୁଡାରି, ୧୯।୧୧ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରିରେ ଜିପିଏଲ ସିଜନ-୪ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ମଙ୍ଗଳବାର ଖେଳାଳି ନିଲାମ ପ୍ରକ୍ରିୟା ସମାପ୍ତ ହୋଇଛି। ମଙ୍ଗଳବାର ସହରର ପୁରୁଣା ଖେଳାଳିମାନେ ଅତିଥି ଭାବେ ଯୋଗଦେଇ ଏହି ନିଲାମ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ଆସନ୍ତା ୧୫ ତାରିଖରୁ ସ୍ଥାନୀୟ ମିନି ଷ୍ଟାଡ଼ିୟମରେ ସମସ୍ତ ମ୍ୟାଚ ଖେଳାଯିବ। ୧୨ ଓଭର ବିଶିଷ୍ଟ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୮ ଗୋଟି ଦଳ ଭାଗ ନେଇଥିବା ଜଣାପଡ଼ିଛି। ଜଣାଶୁଣା ଖେଳାଳି କେଶବ ବେହେରାଙ୍କୁ ୩୭୦୦ ଟଙ୍କାରେ କିଣାଯାଇଥିବା ବେଳେ ଅନ୍ୟତମ ଖେଳାଳି ନିଖିଲ ଚିକୁଙ୍କୁ ୩୬୦୦ ଟଙ୍କା ଏବଂ ଷ୍ଟାଇଲିସ ଖେଳାଳି କିରଣ ପଣ୍ଡାଙ୍କୁ ୩୫୦୦ ଟଙ୍କାରେ କିଣାଯାଇଛି। ସ୍ଥାନୀୟ ୟୁଥ ଆଇକନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ନିଲାମ ପ୍ରକ୍ରିୟାରେ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ନିଲାମ ପ୍ରକ୍ରିୟା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

## ଚାଷୀଙ୍କ ଉତ୍ତମ ଭବିଷ୍ୟତ ପାଇଁ ପ୍ରୟାସକରେ ସମବାୟ ବିଭାଗ

**ଜିଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ**

ରାୟଗଡ଼ା,୧୯।୧୧(ଆଶିଷ ରଞ୍ଜନ ପଣ୍ଡା)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ମଙ୍ଗଳବାର ସମବାୟ ବିଭାଗ ପକ୍ଷରୁ ଜିଲାସ୍ତରୀୟ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ଜାତୀୟ ସମବାୟ ୟୁନିୟନ ସମବାୟ ଶିକ୍ଷାକ୍ଷେତ୍ର ପୁରୀର ସଭାପତି ଡ. ହେମନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ, ଭାଜପା ଜାତୀୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ କାଳିରାମ ମାଝି ଓ ଭାଜପା ନେତା ବସନ୍ତ ଉଲାକା ଏବଂ ପୂର୍ବତନ ସମବାୟ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡ଼ୁକା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବବିଲତା ଶ୍ରୁଫ୍ ଓ ଅଧ୍ୟାପକ ୱାଇ.ଭି.ସାଇ ମାଧବ ପ୍ରମୁଖ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ 'ସମବାୟ ସମସ୍ତଙ୍କ ଉତ୍ତମ ଭବିଷ୍ୟତ ଗଠନ କରେ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ସମବାୟ ବିଭାଗ କିଭଳି ଚାଷୀ ଓ ଜନସାଧାରଣଙ୍କ ଉତ୍ତମ ଭବିଷ୍ୟତ ପାଇଁ ନିରନ୍ତର ପ୍ରୟାସ କରିଥାଏ ସେ ଉପରେ ଅତିଥି ଓ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ଓ ରଚନା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ରାୟଗଡ଼ା ସମବାୟ ସମିତି ସମୂହ ଉପ ନିବନ୍ଧକ ସୀତାପତି କରୁଣାକର ମାଝିଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ କମିଶନରଙ୍କୁ ଚିଠି ଲେଖିଲେ ଏମ୍‌ପି

ମାଲକାନଗିରି, ୧୯।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପର୍ଯ୍ୟଟନ ବିକାଶର ଭିତ୍ତିଭୂମି ଥିଲେ ମଧ ଏହି ସବୁ ପର୍ଯ୍ୟଟନ ସ୍ଥଳୀ ଉନ୍ନତମାନର ହୋଇ ନ ଥିବାରୁ ଜିଲାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉନାହିଁ। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ରାଜ୍ୟ ପର୍ଯ୍ୟଟନ କମିଶନରଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି, ମାଲକାନଗିରି ଜିଲା ବାଲିମେଳା, ଚିତ୍ରକୋଣ୍ଡା, ମାଲକାନଗିରି, ମୋଟୁ, ସତୀଗୁଡା ଓ ସୀତାକୁଣ୍ଡ ଅଞ୍ଚଳରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଉନ୍ନତୀକରଣ କରାଯାଉ। ଏଠାରେ ଗେଷ୍ଟ ହାଉସ୍, କଟେଜ, ନୌବିହାର, ଶିଶୁ ଉଦ୍ୟାନ, ବଣଭୋଜୀସ୍ଥଳ, ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଅତିକମରେ ୩୦୦ ଦର୍ଶକଙ୍କ ପାଇଁ ପେଣ୍ଡାଲ ଓ ଭବନ, ପାନୀୟଜଳ, ଜଳଖିଆ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟଉପକରଣ ନିମନ୍ତେ ଷ୍ଟଲ ନିର୍ମାଣ, ଉଦ୍ୟାନ, ପାର୍କିଂସ୍ଥଳ, ପକ୍କା ରାସ୍ତା, ବିଭିନ୍ନ ଜୀବଜନ୍ତୁ ଓ ଜିଲାର ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଓ ଐତିହ୍ୟ ପରମ୍ପରର ପ୍ରତିମୂର୍ତ୍ତି ନିର୍ମାଣ, ମାଲକାନଗିରି ସଦର ମହକୁମା ମଲ୍ଲିକେଶ୍ୱର ମନ୍ଦିରର ଉନ୍ନତୀକରଣ ଆଦି ବିଷୟରେ ଚିଠିରେ ଦର୍ଶାଇଛନ୍ତି।

### ସାହିତ୍ୟ ବିନ୍ଧାଣୀ ସମ୍ମାନ ପାଇଲେ କବି ଦୀନବନ୍ଧୁ ବେକ



ମାଲକାନଗିରି, ୧୯।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଶିଖପାଲ୍ଲୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦୀନବନ୍ଧୁ ବେକଙ୍କୁ ସାହିତ୍ୟ ବିନ୍ଧାଣୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗତ ରବିବାର ରାୟଗଡା ବାସନ୍ତୀ କଲ୍ୟାଣ ମଣ୍ଡପରେ ଲକ୍ଷ୍ମୀପୁର ସାହିତ୍ୟ ପରିଷଦ ବାର୍ଷିକ ଉତ୍ସବରେ ସମ୍ମାନୀତ କରିଥିଲେ। ଲକ୍ଷ୍ମୀପୁର ସାହିତ୍ୟ ପରିଷଦ ସଭାପତି ଡ.ମହାଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ସମ୍ମାନୀତ ଅତିଥି ଭାବେ ରାୟଗଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଟୁନୀ ହୁଇକା, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଓ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଉପସ୍ଥିତ ଥିଲେ।

### ଲଗେଜ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

ଜୟପୁର, ୧୯।୧୧ (ପର୍ବିନ ପାଣିଗ୍ରାହୀ)

ଭବାନୀପାଟଣାରୁ କୋରାପୁଟ ଜିଲା ଜୟପୁର ଅଭିମୁଖେ ଆସୁଥିବା ଏକ ଲଗେଜ ଭ୍ୟାନ ଭାରସାମ୍ୟ ହରାଇ ମଙ୍ଗଳବାର ସକାଳ ୬ଟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରବଳ କୁହୁଡ଼ି ଯୋଗୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଥିବା ବେଳେ ଡ୍ରାଇଭର ଗୁରୁତର ଥିବା ଜଣାପଡ଼ିଛି।

# ଅପପୁଷ୍ଟି ମୁକାବିଲା ପାଇଁ ମିଡିଆ ରାଉଣ୍ଡ ଟେବୁଲ ବୈଠକ

ମାଲକାନଗିରି, ୧୯।୧୧ (ଦୁର୍ଯ୍ୟୋଧନ ପାତ୍ର)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ମାଲକାନଗିରି ଜିଲାରେ ୟୁନିସେଫ୍ ଏବଂ ଜିଲା ସାମାଜିକ କଲ୍ୟାଣ ବିଭାଗ ମିଳିତ ସହଯୋଗରେ ଅତିଶୟ ପୁଷ୍ଟିହୀନ (ସାମ୍-ଏସ୍‌ଏଏମ୍)ର ସମାଧାନ ପାଇଁ ମିଡିଆ ରାଉଣ୍ଡ ଟେବୁଲ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ନୀତି ନିର୍ମାତା ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏକତ୍ରିତ ହୋଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ସଚେତନ କରାଇବା ଏବଂ ଅଞ୍ଚଳରେ ଅପପୁଷ୍ଟିର ମୁକାବିଲା ପାଇଁ ଜନସଚେତନତା ସହ ସେମାନଙ୍କ ଭୂମିକା ଉପରେ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା।

ଜିଲା ସମାଜ ମଙ୍ଗଳ ଅଧିକାରୀ ତେରୋସ୍କୋଭା ମଲ୍ଲିକ୍ କାର୍ଯ୍ୟକ୍ରମ ଆରମ୍ଭକରି କହିଥିଲେ, ଅପପୁଷ୍ଟିର ମୁକାବିଲା ପାଇଁ ସ୍ଥାୟୀ ସମାଧାନ କରିବା ଆମର ଲକ୍ଷ୍ୟ। ଜିଲାରେ ଅତିଶୟ ଅପପୁଷ୍ଟି ସମସ୍ୟା ରହିଛି। ପ୍ରାୟ ୪୬% ପିଲା ବୟସ ଅନୁଯାୟୀ ଉଚ୍ଚତା କମ୍, ୧୯% ପିଲା ଉଚ୍ଚତା ଅନୁଯାୟୀ ଓଜନ କମ୍ ଏବଂ ୫୨% ପିଲା ବୟସ ଅନୁଯାୟୀ ଓଜନ କମ୍ (ଏନ୍‌ଏଫ୍‌ଏଚ୍‌ଏସ୍-୫)ର ଶିକାର ହୋଇଛନ୍ତି। ଗଣମାଧ୍ୟମ ସହଯୋଗରେ ଆମେ ମାଲକାନଗିରିରେ ଅପପୁଷ୍ଟି ହ୍ରାସ କରିବାରେ ସହାୟକ ହୋଇପାରିବା ବୋଲି କହିଥିଲେ।

ୟୁନିସେଫ୍ ପ୍ରତିନିଧିମାନେ ସାମ୍-ଏସ୍‌ଏଏମ୍ ପରିଚାଳନା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ସୂଚନା ଦେବା ସହ ଜିଲାସ୍ତରରେ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଅପପୁଷ୍ଟ ଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସାର ଗୁରୁତ୍ୱ ବିଷୟରେ କହିଥିଲେ। ୟୁନିସେଫ୍ ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ମାଲକାନଗିରିରେ ସାମ୍-ଏସ୍‌ଏଏମ୍ ପରିଚାଳନା କାର୍ଯ୍ୟକ୍ରମକୁ ସମର୍ଥନ କରିବାରେ ୟୁନିସେଫ୍‌ର ଭୂମିକା ବିଷୟରେ ସୂଚନା ଦେଇଥିଲେ।

ଗଣମାଧ୍ୟମର ସମର୍ଥନ ସହ ଆମେ ଆଶା କରୁଛୁ ଏହି ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଉନ୍ନତ ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟ ଅଭ୍ୟାସ ଦିଗରେ ଲୋକଙ୍କୁ ଏକତ୍ରିତ କରିପାରିବୁ। କାର୍ଯ୍ୟକ୍ରମରେ ବିସ୍ତୃତ ଆଲୋଚନା ଏବଂ ପ୍ରଶ୍ନ-ଉତ୍ତର ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା। ଡିଏସ୍‌ଡବ୍ଲ୍ୟୁଓ ଏବଂ ୟୁନିସେଫ୍ ଟିମ୍ ସହ ଗଣମାଧ୍ୟମର ପ୍ରତିନିଧିମାନେ ଆଲୋଚନା କରିଥିଲେ। ତେବେ ଗଣମାଧ୍ୟମ ପ୍ରତିନିଧିମାନେ ଜିଲାରେ ପୁଷ୍ଟିକର ଖାଦ୍ୟକୁ ନେଇ ପ୍ରଶ୍ନ କରିବା ସହ ତୃଣମୂଳସ୍ତରରୁ ଏହି କାର୍ଯ୍ୟକୁ ତଦାରଖକଲେ ଶିଶୁମାନେ ଠିକ୍‌ଭାବେ ଏହାର ସୁଫଳ ପାଇପାରିବେ ବୋଲି କହିଥିଲେ।

# ମୁଣ୍ଡବିହୀନ ମୃତଦେହ ଜବତ ଘଟଣା, ୬ କୋର୍ଟ ଚାଲାଣ

ମାଲକାନଗିରି, ୧୯।୧୧ (ଦୁର୍ଯ୍ୟୋଧନ ପାତ୍ର)

କାଲିମେଳା ଥାନା ଏମ୍‌ଭି ୫୭ ଗ୍ରାମ ନିକଟ ପୋଟେରୁ ନଦୀରୁ ଗତ ୧୪ ତାରିଖରେ ଏକ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାରେ କାଲିମେଳା ପୋଲିସ ୬ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ଓର୍କେଲ ଥାନା ସୁର୍ଲୁକୋଣ୍ଡା ଗ୍ରାମର ପଦିଆ ମାଡକାମି (୪୭) ଗ୍ରାମରେ ଗୁଣି ଗାରେଡ଼ି କରୁଥିବା ସନ୍ଦେହକରି ସେହି ଗ୍ରାମର ପଦିଆ ସୋଡ଼ି ଗତ ୮ ତାରିଖରେ ପଦିଆ ମାଡକାମି ନିଜ ଜମିରେ ଶୋଇଥିବା ସମୟରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ କାଟିଦେଇଥିଲେ। ପରେ ସେହି ଗ୍ରାମର ରାମା ପଡ଼ିଆମି, ମୁନା ପଡ଼ିଆମି, ପଦିଆ ପଡିଆମି, ରାମା ପୋଡ଼ିୟମ ଓ ଇର୍ମା ପଡିଆମି ମିଶି ଉକ୍ତ ମୃତଦେହକୁ ଏକ ଅଖାବସ୍ତାରେ ଭର୍ତ୍ତିକରି ପୋଟେରୁ ନଦୀରେ ଫିଙ୍ଗିଦେଇଥିଲେ। ଏହି ଅଖାବସ୍ତା ଗତ ୧୪ ତାରିଖରେ କାଲିମେଳା ଥାନା ଅନ୍ତର୍ଗତ ଏମ୍‌ଭି ୫୭ ଗ୍ରାମ ନିକଟ ନଦୀରେ ଭାସି ଆସିଥିବା ବେଳେ ଉକ୍ତ ବସ୍ତାକୁ କାଲିମେଳା ପୋଲିସ ଜବତକରି ଏକ ମାମଲା ରୁଜୁ ପରେ ତଦନ୍ତ କରିଥଲା। ତଦନ୍ତ କରିବା ପରେ ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

# ପଦ୍ମଗିରି ବିଦ୍ୟାଳୟରେ ତଦନ୍ତକଲେ ଜିଲା ମଙ୍ଗଳ ଅଧିକାରୀ

ମାଲକାନଗିରି, ୧୯।୧୧ (ଦୁର୍ଯ୍ୟୋଧନ ପାତ୍ର)



ଜିଲା ମଙ୍ଗଳ ଅଧିକାରୀ ଓ ଅନ୍ୟମାନେ ସ୍କୁଲରେ ବିଭିନ୍ନ ବିଷୟ ଯାଞ୍ଚ କରୁଛନ୍ତି।

ମାଲକାନଗିରି ଜିଲା ପଦ୍ମଗିରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ବିଦ୍ୟାଳୟକୁ ସୋମବାର ବିଧାୟକ ଓ ପ୍ରଶାସନିକ ଅଧିକାରୀ ଅଚାନକ ଗସ୍ତକରି ବିଭିନ୍ନ ବିଷୟରେ ସମୀକ୍ଷା କରି ଅବ୍ୟବସ୍ଥା ଦେଖି ପ୍ରଧାନ ଶିକ୍ଷକଙ୍କ ଉପରେ ଖପ୍ପା ହୋଇଥିଲେ। ମଙ୍ଗଳବାର ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଉପସ୍ଥାନ ଖାତା ଓ ଛାତ୍ରୀଛାତ୍ରଙ୍କ ଛାତ୍ରାବାସର କୌଣସି ଶୌଚାଳୟ ସଫା ହେଉ ନ ଥିବା ଆଦି ବିଷୟରେ ସମୀକ୍ଷା କରିଥିଲେ। ଛାତ୍ରୀଛାତ୍ରଙ୍କ ଭୋଜନ ପାଇଁ ଥିବା ଚାଉଳ ହେରଫେର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବସ୍ତା ଚାଉଳ ଗାଏବ ଆଦି ଘଟଣାର ଯାଞ୍ଚ କରିଥିଲେ। ଏନେଇ ଜିଲା ମଙ୍ଗଳ ଅଧିକାରୀ ଆଚାରୀଙ୍କୁ ପଚାରିବାରୁ ସମସ୍ତ ବିଷୟରେ ତଦନ୍ତ କରାଯାଇଛି। ଚାଉଳ ହେରଫେର ହୋଇ ନାହିଁ, ଅନ୍ୟ ବିଷୟଗୁଡ଼ିକୁ ନେଇ ଆମେ ଏକ ରିପୋର୍ଟ ପ୍ରସ୍ତୁତକରି ଉପରିସ୍ଥ ଅଧିକାରୀଙ୍କୁ ଦେବୁ ବୋଲି ସେ କହିଛନ୍ତି।

## ଇନ୍ଦିରା ଗାନ୍ଧୀଙ୍କ ୧୦୭ତମ ଜୟନ୍ତୀ ପାଳିତ

ମାଥିଲି, ୧୯।୧୧ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଥିଲି କଂଗ୍ରେସ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୭ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଥିଲି ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ପାଢ଼ୀଙ୍କ ନେତୃତ୍ୱରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପାଢ଼ୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଦର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୌରୀ ବଟେ, ମୁକୁନ୍ଦ ନାୟକ, ଯୁବନେତା ତଥା ମାଥିଲି ସମିତି ସଭ୍ୟ ବାଲରାଜୁ କୋପେ, କମଳ ଲୋଚନ ନାୟକ, କିଆଙ୍ଗ ସରପଞ୍ଚ ଲକି ପୂଜାରୀ, ଖବରଦାତା ତଥା ଜିଲା ଜାତୀୟ କଂଗ୍ରେସ ସମ୍ପାଦକ ଏମ୍‌ଡି ଆକବର, ପୂର୍ଣ୍ଣଚନ୍ଦ୍ର ମହାରଣା, ଉମାକାନ୍ତ ସାହୁ ଓ ଇସା ଖାନ୍‌ଙ୍କ ସମେତ ଶହ ଶହ କଂଗ୍ରେସ କର୍ମୀ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# କବି ବଳରାମ ପୂଜାରୀଙ୍କ କୁଟୀରରେ ବୈଶାଖୀ ପରିବାର



କବି ବଳରାମ ପୂଜାରୀଙ୍କ ବାସଭବନରେ ବୈଶାଖୀ ପରିବାର ଦସସ୍ୟ।

ମାଲକାନଗିରି, ୧୯।୧୧ (ଗୌରୀଶଙ୍କର ପଣ୍ଡା)

ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମାରେ କୁଲାବିର, ନନ୍ଦପୁର ଓ ପାଡୁଆରେ ଥିବା ବୈଶାଖୀ ପରିବାର ମଙ୍ଗଳବାର ସ୍ୱର୍ଗତ କବି ବଳରାମ ପୁଜାରୀଙ୍କ ବାସଭବନକୁ ଆସି ତାଙ୍କ ସହଧର୍ମିଣୀ ଓ ପରିବାର ବର୍ଗଙ୍କୁ ସାକ୍ଷାତକରି ସମବେଦନା ଜଣାଇଥିଲେ। ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ପହଞ୍ଚି ସ୍ୱର୍ଗତ ପୂଜାରୀଙ୍କୁ ଏ ମାଟି, ଅଞ୍ଚଳବାସୀ, ଆଗାମୀ ଯୁବପିଢି କିପରିମନେ ରଖିବେ ସେଥିପାଇଁ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ପଣ୍ଡା ମତବ୍ୟକ୍ତ କରିଥିଲେ। ପରେ ବୈଶାଖୀ ପରିବାର ତରଫରୁ କବିଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳୀ ରଣା ଏବଂ ତାଙ୍କ ବାପାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିଙ୍କ ପରିବାର ତରଫରୁ ବୈଶାଖୀ ପରିବାରର କର୍ମକର୍ତ୍ତାଙ୍କୁ କବିଙ୍କ ଶେଷ ସୃଷ୍ଟି କୋଣ୍ଡାକାମ୍ଫେରୁ ଖୁଆଡ ଉପହାର ଦିଆ ଯାଇଥିଲା।

# ମାଥିଲି ବ୍ଲକ୍‌ରେ ବିଶ୍ୱ ଶୌଚାଳୟ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ମାଥିଲି, ୧୯।୧୧ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ରେ ମଙ୍ଗଳବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଡିଓ ହିମାଞ୍ଚଳ ମାଝି, ବିଆର୍‌ସିସି ଦିଲୀପ କୁମାର ଡାକୁଆ, ଏଇ ହୃଦୟରଞ୍ଜନ ବାଘ ଓ ଅନ୍ୟମାନେ ଯୋଗଦେଇ ପାଇଖାନା ବ୍ୟବହାରର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ଜିଲାରେ ୧ ଲକ୍ଷ ୨୮ ହଜାର ୪୯୪ ପାଇଖାନା ତିଆରି ହୋଇଥିଲା। ସେଥିରୁ ଅଧିକାଂଶ ଲୋକଙ୍କ କାମରେ ଲାଗୁନାହିଁ କିମ୍ବା ବ୍ୟବହାର କରୁନାହାନ୍ତି। ୨୦୧୪ରେ ସ୍ୱଚ୍ଛ ଭାରତ ଯୋଜନାରେ କେନ୍ଦ୍ର ସରକାର ପାଇଖାନା ତିଆରି ନିମନ୍ତେ ଲକ୍ଷ୍ୟ ରଖି ଆଇଏଚ୍‌ଏଚ୍‌ଏଲ୍ ଆରମ୍ଭ କରିଥିଲେ। ତେଣୁ ମାଥିଲି ବ୍ଲକ୍‌ରେ ୨୦୧୪ରୁ ୨୦୨୦ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ବ୍ୟକ୍ତିଗତ ଓ ଗୋଷ୍ଠୀ ପାଇଖାନା ନିମନ୍ତେ ଅନୁଦାନ ଆସିଥିଲା। ପ୍ରଥମ ପର୍ଯ୍ୟାୟରେ ୧୧୯୯୪ପାଇଖାନା ନିର୍ମାଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୭୩୭ଟି ନିର୍ମାଣ ହୋଇଛି। କିନ୍ତୁ ତାହା ଲୋକଙ୍କ କାମରେ ଆସୁ ନାହିଁ।

## ଦୁର୍ଘଟଣାରେ ଜଣେ ଗୁରୁତର

ମାଲକାନଗିରି, ୧୯।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ଏମ୍‌ଭି ୭୯ ଥାନା ଏମ୍‌ଭି ୧୨୬ ଘାଟିରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ସୋମବାର ରାତିରେ ପାନିମେଟଲା ଗ୍ରାମର ଗଙ୍ଗା ପଡ଼ିଆମୀ, କାର୍ତ୍ତିକ ପଡ଼ିଆମୀ, ଭୀମା ମାଡ଼ୀ ଓ ନୀଳ ମାଡ଼ୀ ଦୁଇଟି ବାଇକ୍‌ରେ ଜାତୀୟ ରାଜପଥରେ ଯାଉଥିବା ବେଳେ ଏମ୍‌ଭି ୧୨୬ ଘାଟି ରାସ୍ତାରେ ସମ୍ମୁଖରୁ ଏକ ଗାଡ଼ି ଆସିବାରୁ ଲାଇଟରେ କିଛି ଦେଖି ନ ପାରି ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ୪ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣା ପଡ଼ିଛି। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ କାଲିମେଳା ହସ୍ପିଟାଲକୁ ନେଇଥିଲେ, ପରେ ସେଠାରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

# ଜାତୀୟସ୍ତରୀୟ ଖେଳକୁଦରେ ଭାଗନେବାକୁ ଲକ୍ଷ୍ନୌ ଗଲେ ମସେ



କୋରୁକୋଣ୍ଡା, ୧୯।୧୧ (ଶିବଦତ୍ତ ସାହୁ)

ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ମସେ ଖରା ଜାତୀୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ କେନ୍ଦୁଝରରେ ଅନୁଷ୍ଠିତ ହେଇଥିବା ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଜିଲା ପକ୍ଷରୁ ଖେଳି ସଟପୁଟରେ ସ୍ୱର୍ଣ୍ଣ ଏବଂ ଡିସ୍କସ୍ ଥ୍ରୋରେ କାଂସ୍ୟ ପଦକ ପାଇ ଲଗାତାର ତୃତୀୟ ଥର ପାଇଁ ଜିଲାକୁ ଗୌରାବାନ୍ୱିତ କରିଥିଲେ।

ଜାତୀୟ ବିଦ୍ୟାଳୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବାକୁ ସୋମବାର ଲକ୍ଷ୍ନୌ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କ ସହିତ ବାଲିମେଳା ସରକାରୀ ବିଦ୍ୟାଳୟର ଖେଳ ଶିକ୍ଷକ ଭାଗୀରଥି ସାହୁ ମଧ୍ୟ ଯାଇଛନ୍ତି। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ବିଜ୍ଞାନ ସୁପ୍ରଭାଇଜର ସରୋଜ କୁମାର ରାଉତ, ଏମ୍‌ଭି ୨୭ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ, ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶିଳା କୁମାରୀ ହିଆଲ ଖରାଙ୍କୁ ସଫଳତା ପାଇଁ ଉତ୍ସାହିତ କରିବା ସହ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# 'ଆଜିର ନାରୀ ଲକ୍ଷ୍ମୀବାଈଙ୍କ ବୀରତ୍ୱର ପଥ ଅନୁସରଣ କରିବା ଉଚିତ'

ସୁନାବେଡ଼ା, ୧୯।୧୧ (କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ୱାଇଆର୍‌ସିର ମିଳିତ ଆନୁକୂଲ୍ୟରେ ସ୍ୱତନ୍ତ୍ରତା ସଂଗ୍ରାମର ମହା ନାୟିକା ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ପ୍ରସନ୍ନଜିତ ସିହ୍ନା ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଭାବେ ଯୋଗଦେଇ ଝାନ୍‌ସୀରାଣୀଙ୍କ ବୀରତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ନିଜ ମା' ଏବଂ ବଡ଼ ମା'ଙ୍କ ଉଦାହରଣ ଦେଇ ନାରୀମାନଙ୍କ ରୂପ ବର୍ଣ୍ଣନା କରିଥିଲେ। ଝାନ୍‌ସୀରାଣୀଙ୍କ ସାହସିକତାକୁ ମାଧ୍ୟମ ଭାବେ ନେଇ ବର୍ତ୍ତମାନର ନାରୀ ଅଧିକ ସଚେତନ ହେବା, ସହିଷ୍ଣୁତା ଗୁଣ ଗ୍ରହଣ କରିବା ସହ ଅନ୍ୟାୟକୁ ବିରୋଧକରି ସୁସ୍ଥ ସମାଜ ଗଠନ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ନାରୀ ଦଶଭୁଜା ଅବତାର ଗ୍ରହଣକରି ପୁରୁଷ ତୁଳନାରେ ଅଧିକ କ୍ଷମତା ଏବଂ ଶୃଙ୍ଖଳିତ ଭାବେ ଦେଶ ଗଠନ କରିବାରେ ସାମର୍ଥ୍ୟ ରଖିପାରେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ନାରୀ ଜଣେ ଜଣେ ଝାନ୍‌ସୀରାଣୀ ହୋଇ ଉନ୍ନତ ଓ ବିକଶିତ ରାଷ୍ଟ୍ର ଗଠନ କରିବାରେ ସଫଳ ହୋଇପାରିବେ ବୋଲି ଅଭିଭାଷଣରେ କହିଥିଲେ। ଅଧ୍ୟକ୍ଷ ଉଷାରାଣୀ ଦାସ ସଭା ପରିଚାଳନା ସ୍ୱାଗତ ଭାଷଣ ଦେଇଥିଲେ। ଝାନ୍‌ସୀରାଣୀ ଜୟନ୍ତୀ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଦେଇ ଛାତ୍ରୀମାନଙ୍କୁ ସିପାହୀ ବିଦ୍ରୋହରେ ଲକ୍ଷ୍ମୀବାଈଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ଓ ୱାଇଆର୍‌ସି ସ୍ୱେଚ୍ଛାସେବୀ ମନସ୍ୱିନୀ ପଣ୍ଡା ଓ ଅସୀମା କୁଲଦୀପ ନିଜକୁ ଝାନ୍‌ସୀରାଣୀ ବେଶରେ ସଜାଇ ତାଙ୍କ ଅଭିନୟ ପ୍ରଦର୍ଶନ କରିଥିଲେ। ୱାଇଆର୍‌ସି କାଉନସିଲର ତଥା ଇତିହାସ ଅଧ୍ୟାପିକା ସୁଶ୍ରୀ ଶୁଭଶ୍ରୀ ପରିଡ଼ା ଲକ୍ଷ୍ମୀବାଈଙ୍କ ସମ୍ପର୍କରେ ଅଧିକ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଶ୍ରମତୀ ବାସନ୍ତୀ ପଟ୍ଟନାୟକ ଓ ଅଧ୍ୟାପକ ଡ. ବାସୁଦେବ ସାହୁଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ସଭାରେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## କାଶୀନାଥ ପଟ୍ଟନାୟକଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚନ

ବୋରିଗୁମ୍ମା, ୧୯।୧୧ (ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ଶଶାହାଣ୍ଡି ପଞ୍ଚାୟତ ନୂଆଗାଁ ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ କାଶୀନାଥ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ୱର୍ଗତ କାଶୀନାଥଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, କୋଟପାଡ଼ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ସମ୍ମାନିତ ଅତିଥି ଭାବେ ରାମେଶ୍ୱର ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟା ମାଳତୀ ମାଝୀ, ମୁଖ୍ୟବକ୍ତା ଭାବେ ଅନ୍ତର୍ଯ୍ୟାମୀ ରଥ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ତାଙ୍କ ସାନ ଭାଇ ଭାସ୍କର ପଟ୍ଟନାୟକ ଓ ତାଙ୍କର ପରିବାର ବର୍ଗ, ସାନ ଭଉଣୀ ଶୈଳବାଳା, ବଡ଼ପୁଅ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ବୋହୂ ରେଣୁବାଳା ପଟ୍ଟନାୟକ, ନନ୍ଦିନୀ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ସାନ ପୁଅବୋହୂ ପ୍ରଦୀପ ପଟ୍ଟନାୟକ ଓ ଅନିତା ପଟ୍ଟନାୟକ, ଝିଆରୀ, ପୁତୁରା, ଭଣଜା ଭାଣିଜି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ କାଶୀନାଥଙ୍କ ଦ୍ୱିତୀୟ ପୁଅ ଲଳିତ ମୋହନ ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରିଥିଲେ।

# ନିଶାଠାରୁ ଦୂରେଇ ରହିବାକୁ ଗ୍ରାମବାସୀଙ୍କ ଶପଥ



ଗାଁରେ ଅଧିକାରୀ ଓ ଗ୍ରାମବାସୀ ଶପଥ ନେଉଛନ୍ତି।

ଡାବୁଗାଁ, ୧୯।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

### ୨୫ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା, ତାଲିମ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ୧୨ ପଞ୍ଚାୟତର ୨୫ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ତଥା ତାଲିମ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମସଭାରେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟଙ୍କୁ ପ୍ରଥମେ ସ୍ୱାଗତ କରାଯାଇଥିଲା। ଏଥିରେ ଭାରତର ସମ୍ବିଧାନ ମୁଖବନ୍ଧ ପଠନ, ସ୍ୱଚ୍ଛତା ପାଳନ ଓ ନିଶାସେବନ ନ କରିବା ପାଇଁ ଶପଥ ଗ୍ରହଣ କରାଯାଇଥିଲା। ଅତିଥିମାନେ ପେସା ଆଇନ, ଜଙ୍ଗଲ ଅଧିକାର ଆଇନ, ସ୍ଥାନୀୟ କରଣ ଦୀର୍ଘ ସ୍ଥାୟୀ ଓ ସଂକଳ୍ପ ବିଷୟରେ ମନ୍ତବ୍ୟ ଦେଇଥିଲେ। ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ଓ ପଞ୍ଚାୟତ ଉନ୍ନୟନ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ପ୍ରତି ଗ୍ରାମରେ ୧୦ଟି ଲେଖାଏ ଚାରାରୋପଣ କରାଯାଇଥିଲା। ଚଳିତ ମାସ ୨୨ ତାରିଖରେ ୨୪ଟି ଗ୍ରାମରେ ଗ୍ରାମସଭା ଅନୁଷ୍ଠିତ ହେବ। ଏଥିରେ ବିଡିଓ ଶରତ ମାଝି, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନେଟୀ, ସହକାରୀ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ଅଙ୍ଗନୱାଡି ସୁପରଭାଇଜର ରୋଜାଲିନ ପ୍ରଧାନ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଭଗବାନ ମାଝି, ଦକ୍ଷତା ବ୍ଲକ୍ ସହଭାଗୀ ମୋନାଲ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ, ପର୍ଶୁରାମ ମାଳୀ, ଅର୍ଜୁନ ଭତ୍ରା, ହଳଧର ଜାନୀ, ଦିବ୍ୟଶଙ୍କର ପୂଜାରୀ, ରୂପାଲୀ ମଣ୍ଡଳ, କାମିନୀ ହରିଜନ, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ସଭ୍ୟାସଭ୍ୟ, ଏଡିଇଓ, ଜିଆର୍‌ଏସ୍, ଏମ୍‌ବିକେ, ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଅଳ୍ପ ଖର୍ଚ୍ଚ, ସହଜରେ ଫସଲ ଅମଳ କରିପାରିବେ ଚାଷୀ

କୋରାପୁଟ/ଜୟପୁର,୧୯।୧୧
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଇକ୍ରିସାଟ ମିଳିତ ଅନୁକୁଲ୍ୟରେ ମଙ୍ଗଳବାର କୋରାପୁଟ ବ୍ଲକର ମାଛରା ଗ୍ରାମଠାରେ ପୁଷ୍ଟି ଶସ୍ୟଫସଲ କାଟିବା ପାଇଁ ଶକ୍ତିଚାଳିତ ଫସଲକଟା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ ଭି. କିର୍ତ୍ତୀ ଭାସନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। କୃଷକମାନେ ଅଳ୍ପ ସମୟରେ, ସହଜରେ, ଅଳ୍ପ ଖର୍ଚ୍ଚରେ ଓ ଅଳ୍ପ ପରିଶ୍ରମରେ ଫସଲ କାଟିବା ପାଇଁ ଶକ୍ତିଚାଳିତ ଫସଲ କଟା ଯନ୍ତ୍ର ସାହାଯ୍ୟରେ କ୍ଷୁଦ୍ରଶସ୍ୟଗୁଡିକୁ ଅମଳ କରିପାରିବେ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଏହି ସବୁ ଯନ୍ତ୍ର ଦ୍ୱାରା ମାଣ୍ଡିଆ, ସୁଆଁ ଓ କାଙ୍ଗୁ ଭଳି କ୍ଷୁଦ୍ରଶସ୍ୟଗୁଡିକ କଟାଯାଇପାରିବ ଏବଂ ଅମଳ କରାଯାଇପାରିବ ବୋଲି କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଇକ୍ରିସାଟ ସଂଗ୍ରାମ କେଶରୀ ସ୍ୱାଇଁ କହିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ଇକ୍ରିସାଟ କ୍ଷେତ୍ର ବୈଜ୍ଞାନିକ ଡ଼. ପ୍ରସାଦ କାମୁଡି, ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା, ଶ୍ରୀ ଅନ୍ନ ଅଭିଯାନ ଯୋଜନା ଅଧିକାରୀ ତାପସ ଚନ୍ଦ୍ର ରାୟ, କୃଷି ବିଭାଗର କର୍ମକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଓ କୃଷକମାନେ ଉପସ୍ଥିତ ଥିଲେ।

ଅଦ୍ୟାବଧି ସୁନ୍ଦରଗଡ ଓ ସମ୍ବଲପୁର ଜିଲାରେ ସୁଆଁ ତଥା କୋରାପୁଟ ଓ ଢେଙ୍କାନାଳ ଜିଲାରେ ମାଣ୍ଡିଆ ଫସଲ ଚାଷରେ ଧାଡି ବୁଣା କରିବା ପାଇଁ ଟ୍ରାକ୍ଟର ଚାଳିତ ମଞ୍ଜି ବୁଣା ଯନ୍ତ୍ର ପରୀକ୍ଷାମୂଳକ ଭାବରେ କ୍ଷେତ୍ର ପ୍ରଦର୍ଶନ ସରିଛି । ଏହା ସାହାଯ୍ୟରେ ମାତ୍ର ୨ଘଣ୍ଟାରେ ଜଣେ ଲୋକ ୧ ଏକର ଜମିରୁ ମାଣ୍ଡିଆ ଓ ସୁଆଁ ଫସଲକୁ କାଟି ଧାଡିରେ ସମାନ ଭାବରେ ଜମିରେ ପକାଇ ଦେଇପାରିବ। ମାତ୍ର


ଜିଲାପାଳ ଓ କୃଷି ଅଧିକାରୀମାନେ ମାଣ୍ଡିଆ ଚାଷ କ୍ଷେତ ପରିଦର୍ଶନ କରୁଛନ୍ତି ।

### ଶକ୍ତିଚାଳିତ ମାଣ୍ଡିଆ ଫସଲକଟା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ଏହି ଫସଲ କଟା କାମପାଇଁ ଦେଶୀୟ ପଦ୍ଧତିରେ ଏକର ପିଛା ୧୦ରୁ ୧୨ ଜଣ ଲୋକ ଲାଗିଥାନ୍ତି । ତେଣୁ ଅଧିକ ସମୟ, ଖର୍ଚ୍ଚ, ପରିଶ୍ରମ ହୋଇଥାଏ । ଏ ଦିଗରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଇକ୍ରିସାଟ ତରଫରୁ ମିଳିତଭାବରେ ଓଡିଶା ସରକାରଙ୍କର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ଓଡ଼ିଶାର ଡିପ ଜମିରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ସହଯୋଗରେ ମାଛରାଠାରେ ପୁଷ୍ଟି ଶସ୍ୟ ଫସଲ କାଟିବା ଓ ଅମଳ କରିବା ପାଇଁ ଆଧୁନିକ ଓ ଉନ୍ନତ କୃଷି ଯନ୍ତ୍ରପାତିର କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ପ୍ରକଳ୍ପ ସଂଯୋଜକ ନିରଞ୍ଜନ ଗୌଡ଼ ପରିଚାଳନା କରିଥିଲେ।

## ବିଏସ୍‌ଏନ୍‌ଏଲ୍ ଅଫିସରେ ନିଆଁଲାଗି ଜଳିଗଲା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର



ଜୟପୁର, ୧୯।୧୧(ପବନ ପାଣିଗ୍ରାହୀ)

ଜୟପୁର ଖ୍ରିଷ୍ଟିଆନପେଟା ସ୍ଥିତ ବିଏସଏନଏଲ ଅଫିସରେ ଅଗ୍ନିକାଣ୍ଡ ଘଟିଛି। ସକାଳ ୭ଟା ୩୦ରେ ଜୟପୁର ଦମକଳ ବିଭାଗ ଖବରପାଇ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଫିସ୍ ଷ୍ଟୋର ରୁମ୍‌ରେ ନିଆଁ ଲାଗି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମେସିନ ଆଦି ପୋଡି ଯାଇଛି। କେହି ଦୁର୍ବୃତ୍ତ ଏପରି କାଣ୍ଡ ଘଟାଇଥିବା ଦମକଳ ବାହିନୀ ଅନୁମାନ କରୁଛି। ଅସିଷ୍ଟାଣ୍ଟ ଫାୟାର ଅଫିସର ସୁରେଶ କୁମାର ବାରିକ, ମୁଖ୍ୟ ଆଗ୍ନିକ ଚିତ୍ତରଞ୍ଜନ ପାଣ୍ଡିଆ, ଗୁପ୍ତେଶ୍ୱର କଅଁର, ପବନ କୁମାର ଶବର , ସୁରେଶ କୁମାର ହାଲବା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ୭୯ ଜଣଙ୍କ ଚକ୍ଷୁ ପରୀକ୍ଷା, ୩୪ଙ୍କୁ ଚଷମା ବଣ୍ଟନ


ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି ।

ପଟ୍ଟାଙ୍ଗି,୧୯।୧୧(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତର ୫ ଗ୍ରାମବାସୀଙ୍କୁ ନେଇ ମଙ୍ଗଳବାର ଚକ୍ଷୁ ପରୀକ୍ଷା ହୋଇଥିଲା। ଏଥିରେ ଥୁରିଆ, କରଞ୍ଜଗୁଡ଼ା, ବାରାବନ୍ଧ, ଟାଉପଦର ଓ ମାଥଲାଆମ ଗ୍ରାମର ୭୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସେଥିରୁ ୩୪ ଜଣଙ୍କୁ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ଜିଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ଚଷମା ଦିଆଯିବା ସହ ୧୫ଜଣଙ୍କଠାରେ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି। ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁଙ୍କ ତତ୍ତ୍ୱାବଧାନ ତଥା ବିପିଏମ୍ ରଶ୍ମିତା ସୱାନ, ପିଏଚ୍‌ଇଓ ଆରତୀ ଗଡ଼ିଆ ଓ ସୁପରଭାଇଜର ସୁବ୍ରତ ଶର୍ମାଙ୍କ ନେତୃତ୍ୱରେ ଶିବିର ଆୟୋଜନ ହୋଇଥିଲା। ଦାମନଯୋଡ଼ି ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ। ଶିବିର ପରିଚାଳନାରେ ଆଶାକର୍ମୀ ମଥାମଣି ପାଙ୍ଗୀ,ବାସନ୍ତୀ ଖିଲ,ସୁନିତା ପାଙ୍ଗୀ ଓ ସଙ୍ଗୀତା ଖରା ପ୍ରମୁଖ ସହଯୋଗ କରିଥିଲେ ।

# ୧୧ରୁ ଖରିଫ ଧାନ ସଂଗ୍ରହ ଆରମ୍ଭ

କୋରାପୁଟ,୧୯।୧୧
(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତାବୃଦ୍ଧି ତାଲିମ କେନ୍ଦ୍ରର ସଭାଗୃହରେ ମଙ୍ଗଳବାର ଚଳିତ ଖରିଫ ଧାନ ସଂଗ୍ରହ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ଡିସେମ୍ବର ୧୧ରୁ ୧୧୧ଟି ମଣ୍ଡି ମାଧ୍ୟମରେ ଜିଲାରେ ଧାନ ସଗ୍ରହ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । କୋରାପୁଟ ଜିଲାପାଳ ଭି କିର୍ତ୍ତୀ ଭାସନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ ବିଧାୟକ ରୁପୁ ଭତ୍ରା , ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟାନାୟକ, କୋରାପୁଟ ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟା, କୋରାପୁଟ ଉପଜିଲାପାଳ ବେଣୁଧର ଶବର ଓ ଜୟପୁର ଉପଜିଲପାଳ ଏ ଶସ୍ୟା ରେଡ୍ଡି, କୋରାପୁଟ ଆରଏମ୍‌ସି ସମ୍ପାଦକ ଅରୁଣ କୁମାର ଜେନା , ଜୟପୁର ଆରଏମ୍‌ସି ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆଙ୍କ ସମେତ ଲ୍ୟାମ୍ପର ଏମ୍‌ଡିମାନେ ଯୋଗଦେଇଥିଲେ। ଡିଏଲପିସିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଚଳିତ ଖରିଫ ଋତୁରେ ଉତ୍ପାଦିତ

### ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଧାନ କିପରି ସଂଗ୍ରହ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା ।

ଚଳିତ ବର୍ଷ ଜିଲାରୁ ୨୧ ଲକ୍ଷ ୨୫ ହଜାର ୧୧୯ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାରେ ମୋଟ ୧୧୧ଟି ମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ସେଥିମଧ୍ୟରୁ ଜୟପୁର ସବଡିଭିଜନର ୫ଟି ବ୍ଲକରେ ୮୩ ଟି ମଣ୍ଡି ଓ କୋରାପୁଟ ସବଡିଭଜନରେ ଥିବା ୯ଟି ବ୍ଲକରେ ୨୮ଟି ମଣ୍ଡି କରାଯିବା ପାଇଁ ବୈଠକରେ ନିଷ୍ପତି ହୋଇଛି । ଚଳିତ ୨୦୨୪-୨୫ ଖରିଫ ବର୍ଷରେ ଜିଲାରେ ବର୍ତ୍ତମାନ ସୁଧା ପ୍ରାୟ ୩୯ ହଜାର ୩୩୩ ଜଣ ଚାଷୀ ଅନ୍‌ଲାଇନ ଜରିଆରେ ସେମାନଙ୍କ ନାମ ରେଜିଷ୍ଟ୍ରେସନ କରିଥିବାବେଳେ ସେମାନଙ୍କ ଜମି ରେକର୍ଡ ସାଟେଲାଇଟ ସର୍ଭେ ଦ୍ୱାରା ଯାଞ୍ଚ କରାଯାଉଥିବା ବୈଠକରେ ସୂଚନା ମିଳିଛି। ଚାଷୀଙ୍କ ଅସୁବିଧା ପାଇଁ ଯିଏ ଦାୟୀ ରହିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । କୋରାପୁଟ ଜିଲାର ଧାନ ବାହାରକୁ ଚାଲାଣ ଉପରେ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଇବା ସହିତ ଚାଷୀଙ୍କ ଧାନ ମଣ୍ଡିକୁ ଆଣିବାଠୁ ଓଜନ ହେବା ଯାଏ ତାଙ୍କୁ ସମସ୍ତ ସହାୟତା ଦେବାକୁ ପଟ୍ଟାଙ୍ଗି ବିଧାୟକ କାଡାମ ପ୍ରଶାସନକୁ ନିବେଦନ କରିଥିଲେ । ଚାଷୀ ଯେପରି କୌଣସି ପ୍ରକାରେ ଅସୁବିଧା ସମ୍ମୁଖିନ ନ ହେବେ ସେଥିନେଇ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ କୋଟପାଡ ବିଧାୟକ ରୁପୁ ଭତ୍ରା ନିବେଦନ କରିଥିଲେ। ଚଳିତ ବର୍ଷ ସାଧାରଣ ଏଫଏକ୍ୟୁ ମାନର ଧାନ କ୍ୱିଣ୍ଟାଲ ପ୍ରତି ୨୩୦୦ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଏଫଏକ୍ୟୁ ଗ୍ରେଡ ଏ ମାନର ଧାନ କ୍ୱିଣ୍ଟାଲ ପ୍ରତି ୨୩୨୦ ଟଙ୍କା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିବା ବୈଠକରେ ସୂଚନା ମିଳିଥିଲା। ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ କିପରି ସୁରୁଖୁରୁରେ ଶେଷ ହେବ ସେ ନେଇ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀ, ଲ୍ୟାମ୍ପସ ଅଧିକାରୀ ଓ ମିଲରଙ୍କ ସହଯୋଗ କାମନା କରିଥିଲେ । ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ବୈଠକକୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶମ୍ଭୁନାଥ ହରପାଳ ସହଯୋଗ କରିଥିଲେ ।

# ଜିଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର, ୧୯।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲାସ୍ତରୀୟ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଜୟପୁରସ୍ଥିତ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପାଳିତ ହୋଇଛି। କୋରାପୁଟ ବିଧାୟକ ରଘୁ ରାମ ମାଛ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ କୋରାପୁଟ ଡି.ଡି.ଏମ୍ ନାବାର୍ଡ ଦେବେନ୍ଦ୍ର କୁମାର ପ୍ରଧାନ, ବରିଷ୍ଠ ସମବାୟବିତ ତଥା ନିର୍ଦ୍ଦେଶକ ରମାକାନ୍ତ ରାଉଳ ଯୋଗ ଦେଇଥିଲେ। କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜୟପୁର ସମବାୟ ବିଭାଜନ ଉପନିବନ୍ଧକ ଭୀମସେନ ସାହୁ ସଭାକୁ ପୌରହିତ୍ୟ କରିଥିଲେ। ବ୍ୟାଙ୍କ ଉପାଧକ୍ଷ ଦୁରୁପତା ଭତ୍ରା, ସମ୍ପାଦକ ହରିଶ୍ଚନ୍ଦ୍ର ବନାଗାଡ଼ି,ଏସଆର୍‌ସିଏସ ଶିଶିର ଦାସ, ବିଦ୍ୟାଧର ବେହେରା, ସିସିଏମ୍ କୋରାପୁଟ ଅଧକ୍ଷ ସଞ୍ଜୟ କୁମାର ପାତ୍ର ମଞ୍ଚାସୀନ ଥିଲେ। ଏଠାରେ ଲାଲୁମଣି ସିଂ ଓ ସୁଧାଂଶୁ ପାଢୀଙ୍କୁ ବିଶିଷ୍ଟ ସମବାୟବିତ୍‌ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଗତ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମବାୟ ବିଭାଗ, ସମବାୟ ବ୍ୟାଙ୍କ ଏବଂ ବିଭିନ୍ନ ସମବାୟ ସମିତିର ଶ୍ରେଷ୍ଠ କର୍ମଚାରୀଙ୍କୁ ମଧ ପୁରରସ୍କୃତ କରାଯାଇଛି। ସମବାୟ ବ୍ୟାଙ୍କର ସୁଶାନ୍ତ କୁମାର ବେହେରାଙ୍କୁ ଶ୍ରେଷ୍ଠ ମ୍ୟାନେଜର, ଏବଂ ମନୋଜ କୁମାର ଦାସଙ୍କୁ ଶ୍ରେଷ୍ଠ ବ୍ରାଞ୍ଚ ମ୍ୟାନେଜର ଅନ୍ୟ ବିଭାଗର ସମବାୟ ସମିତିମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟ ଓ ଅବଦାନ ନିମନ୍ତେ ପୁରସ୍କୃତ କରାଯାଇଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WALK IN INTERVIEW : 24.11.2024 From 10 am to 2 pm**

**Campus Supervisor :** Qualification : +2, Desirable Experience: 01 year in any Housing Society, Salary : Rs. 18000/pm
**Accountant cum Office Assistant :** Qualification: +2 knowledge of MS-Word and MS-Excel with Accounting experience, Salary: Rs. 14000/pm,
**Plumber :** 01year Experience in any Housing Society, Salary : Rs. 12000/pm
**Note : (i) Salary is negotiable for eligible candidate**
**(ii) Free accommodation for self within Society**

Please forward your Resume: jvtbbsr@gmail.com / 9078740357 (Whatsapp)
Society : Jalvayu Tower, Niladri Vihar, BBSR-21

**WANTED**

Experienced **Female Nurse** Required for care of an elderly lady from a reputed family in Patna. Attractive boarding and lodging facilities provided. Family accommodation is not available. Salary ranges from **₹ 25,000/- to ₹ 50,000/- per month**, based on experience and efficiency. To apply, please give a missed call at **9693296611** and we will get back to you.

**WANTED**

JOB FOR MEN
ON SALARY BASIS,
EDUCATION BELOW 12TH
SALARY AFTER INTERVIEW
BETWEEN 11 A.M. TO 5 P.M.
**MOB : 9438128790**

See Career Appointment on every **Wednesday & Saturday**

**WALK-IN-INTERVIEW**

No. MM-249: Divisional Forest Officer, Deogarh Forest Division, invites applications from the Interested Candidates for engagement of One Wildlife Veterinarian in Deogarh Forest Division. The Walk-in-Interview is scheduled to be held on Dt.04.12.2024 at 11.00 A.M. in the Conference Hall of Deogarh Forest Division. The application form along with detail terms and conditions shall be available on the website **www.DeogarhW. Odisha.gov.in / www.Angul.nic.in** from Dt.20.11.2024 to 30.11.2024.

**Job Description and Details: The essential educational qualifications, remuneration and No. of Post is specified below:**

1. It is a resident Post. The selected candidate has to stay at Deogarh.
2. The candidate has to take care of assignments by DFO, Deogarh and as per the exigencies under Rourkela Circle.

| Sl. No. | Job Description | Name and Number of Posts | Educational Qualification | Consolidated Monthly Remuneration | Remarks |
|---|---|---|---|---|---|
| 1 | Veterinary Surgeon for Mobile Veterinary Services (MVS) unit in Deogarh Forest Division | Wildlife Veterinarian - 01 (One) Post | M.V.Sc./ BV.Sc. & A.H. | Rs.65,000/- inclusive of TA, DA etc. | Wildlife Veterinarians/Retired Veterinarians having experience in wildlife will be engaged by following due procedure |

OIPR-08041/11/0004/2425 Sd./- Divisional Forest Officer, Deogarh Forest Division

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A NO- 143 OF 2024**

**CANARA BANK, ROURKELA SME BRANCH ....APPLICANT**
**- VERSUS -**
**BIJAY KUMAR SAHU ...DEFENDANT**

1) **BIJAY KUMAR SAHU,** D/W/S/O.: LATE RAM KUMAR SAHU AT, BURUTOLA, DURGAMANDAP GALI, PO.: VEDAVYAS, P.S.: BRAHMANITARANG, ROURKELA, SUNDERGARH, ODISHA, PIN-769004

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 143 OF 2024** in the court of the Debts Recovery Tribunal, Cuttack for recovery of **Rs.20,80,439.38** only together with current and future interest, costs and other reliefs. The above mentioned defendant are therefore, directed to appear before this tribunal in person or through an Advocate or duly authorised agent, in support of this defense to show cause within **30 days** from the publication or on **30/01/2025** at **10.30 a.m** as to why reliefs prayed should not be granted.

Take notice in case of default the application will be heard and determined in their absence.

Given under my hand seal of this Tribunal on this **08th day of Nov 2024.**

**Sd/- (NIKHILA RANJAN PATI)**
**REGISTRAR**

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, BALANGIR**
Phone No. - 06652-232982 (Off), e-mail : mid_balangir@yahoo.co.in

**'e'-Procurement Notice**
**Bid Reference No. - SE-MID-BLGR-04/2024-25**
**No.-2745/MID//Date - 16.11.2024**

**No.A-574** : Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.

| | | |
|---|---|---|
| 1 | Name of the works | : Improvement / Repair of Civil works |
| 2 | No. of Works | : 4 (Four) Nos. |
| 3 | Estimated cost | : Varies from Rs. 34.65 lakh to Rs. 83.90 lakh only (Approx.) |
| 4 | Period of completion | : 02 (Two) to 03 (Three) Calendar months |
| 5 | Date and Time of availability of bid documents in the portal | : From Dt - 22.11.2024 at 10.00 A.M. to Dt - 03.12.2024 up to 5.00 P.M. |
| 6 | Last date / time of receipt of bids in the portal | : Dt - 03.12.2024 up to 5.00 P.M. |
| 7 | Date of opening of Technical Bid | : Dt - 04.12.2024 at 10.00 A.M. onwards |
| 8 | Date of opening of Financial Bid | : To be intimated later on |
| 9 | Date of lottery scheduled to be held (If required) | : Dt - 13.12.2024 at 11.00 A.M. in the O/o S.E.M.I.Division, Balangir |
| 10 | Name and address of the OIT | : O/o The Superintending Engineer, M.I.Division, Balangir, Near Sub-Collector Office, Balangir, Dist. - Balangir |
| 11 | Further details can be seen from the e-Procurement market place | : http://tendersodisha.gov.in |

OIPR-32063/11/0004/2425
**Sd./- Superintending Engineer**
**M.I.Division, Balangir**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: ୧୮୪୪୯ - IND-II-PH-୧୨୧୮ ତାରିଖ: ୧୩।୧୧।୨୦୨୪

**ବିଜ୍ଞାପନ**

No. CAD-1610: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ବାଲେଶ୍ୱର ଜିଲ୍ଲା, ବାଲିଆପାଳ ତହସିଲ ଅନ୍ତର୍ଗତ ଚଉମୁଖ ଗ୍ରାମରେ ସୁବର୍ଣ୍ଣରେଖା ନଦୀ ମୁହାଣ ନିକଟରେ ସର୍ବ ପାଣିପାଗ ବହୁମୁଖୀ ବନ୍ଦର (ପ୍ରଥମ ପର୍ଯ୍ୟାୟ) ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣି'' ତା୨୨।୧୦।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା, ବାଲିଆପାଳ ତହସିଲ ଅନ୍ତର୍ଗତ ଡଗରା ମୌଜାଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "Sunday Times" ଏବଂ ''ଧରିତ୍ରୀ''ରେ ତା୦୬।୧୦।୨୦୨୪ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ଆସୁଥିବା ଚକ୍ରବାତ (ସାଇକ୍ଲୋନ୍) ''ଦାନା'' ଯୋଗୁଁ ନିଆଯାଉଥିବା ପ୍ରସ୍ତୁତି ପଦକ୍ଷେପ ପାଇଁ ତା୨୨।୧୦।୨୦୨୪ରିଖରେ ହେବାକୁଥିବା ଉକ୍ତ ଜନଶୁଣାଣୀକୁ ସ୍ଥଗିତ କରାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୧୭।୧୨।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା, ବାଲିଆପାଳ ତହସିଲ ଅନ୍ତର୍ଗତ ଡଗରା ମୌଜାଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୧୨।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା, ବାଲିଆପାଳ ତହସିଲ ଅନ୍ତର୍ଗତ ଡଗରା ମୌଜାଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ବାଲେଶ୍ୱର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ବାଲେଶ୍ୱର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ବାଲେଶ୍ୱର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0123/2425 ସ୍ୱା./- ସଦସ୍ୟ ସଚିବ

**OFFICE OF THE PRINCIPAL, GOVT. POLYTECHNIC, GAJAPATI**
At: Betaguda, P.O.: Jhami, Via: Paralakhemundi, Dist.: Gajapati - 761201
E-mail: gpgajapati2013@gmail.com / website: www.gpgajapati.in
Letter No. 1921 Dt.19th Nov. 2024

**WALK-IN-INTERVIEW**
**ENGAGEMENT OF GUEST LABORATORY ASSISTANTS DURING THE SESSION 2024-25**

No. KK-239: Government Polytechnic, Gajapati, Paralakhemundi invites eligible & interested candidates to the Walk-in-Interview for empanelment/engagement as Guest Laboratory Assistants (GLA) in the disciplines of Engineering and allied subject for the session 2024-25 as per the date & time in the appended schedule.

| Sl. No. | Discipline | Nature of Engagement | Minimum Qualification | Date & Time of Interview |
|---|---|---|---|---|
| 01 | Civil Engineering | Guest Laboratory Assistant (GLA) | Three years regular diploma with First Division in respective branch from AICTE approved Diploma Institutions | 26.11.2024 09.30 A.M. onwards |
| 02 | Chemistry | Guest Laboratory Assistant (GLA) | First Division B.Sc. in Chemistry (Hons.) in (PCM) from a recognized university or its equivalent. | 26.11.2024 09.30 A.M. onwards |

- Interested candidates shall attend the interview with curriculum vitae and necessary documents and other testimonials in original in respect of their qualifications from HSC to the highest qualification in their possession. In addition, they must have Aadhaar & PAN Card with them during the time of Interview. They should have two photo copies of each document and two passport size photographs to produce before the interview board. The engagement is purely need based, part time and temporary.
- No T.A./D.A. shall be paid for appearing the Walk-in-Interview.
- The Authority reserves the right to withdraw/partial or full notification without assigning any reason.

N.B.: 1) Mere posssession of minimum qualification does not guarantee one's empanelment and engagement.
2) In case of un availability of suitable Diploma Candidates for Guest Laboratory Assistants (GLA), B.Tech in respective discipline shall be considered for engagement as Guest Laboratory Assistants.

OIPR-14070/11/0003/2425 Sd./- Principal, Govt. Polytechnic, Gajapati

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-326/4842 Date: 18.11.2024
No. CAD-1640
**'e'-Procurement Notice**
**TENDER CALL NOTICE NO.-CHEP-48/2024-25**

**C & P Head, CHEP, Chiplima invites percentage rate tenders in two parts** for the civil works mentioned below, from the Eligible Class of contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Sl. No. | Name of the Work | Estimated Cost / EMD | Cost of Tender Specification | Completion Period | Class of Contractor |
|---|---|---|---|---|---|
| 1 | Renovation of Water Supply System to NF with Provision of PVC Overhead Tank at CHEP, Chiplima | Rs.32,34,307.00 / EMD = Rs.32,350.00 | Rs.7,080.00 (Rs.6,000.00 + GST@18%) | 120 Days | C & B |
| 2 | Renovation of Drain from Qtr. No.E-4/8 Front to GM Office Front Road Side and Across the Colony Road of CHEP, Chiplima | Rs.7,80,864.00 / EMD = Rs.7,810.00 | Rs.4,720.00 (Rs.4,000.00 + GST@18%) | 45 Days | D & C |

1. Availability of bids **ONLINE**: **from 11:00 AM of dtd.21.11.2024 up to 05:00 PM of dtd.04.12.2024.**
2. The date & time of opening of tender: **At 11:30 AM of dtd.05.12.2024 for Sl. No.1. At 12:00 PM of dtd.05.12.2024 for Sl. No.2.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in.
**Sd/- C & P Head, CHEP, Chiplima**
**OIPR-04006/11/0046/2425**


ମହାରାଷ୍ଟ୍ର ବିଧାନସଭା ଭୋଟ ପୂର୍ବରୁ ମଙ୍ଗଳବାର ପୋଲିଂ ଅଫିସରମାନେ ମୁମ୍ବାଇରୁ ଇଭିଏମ୍ ଏବଂ ଅନ୍ୟ ନିର୍ବାଚନ ଉପକରଣ ସଂଗ୍ରହ କରି ନିଜ ବୁଥ୍ ଅଭିମୁଖେ ବାହାରିଛନ୍ତି।

# ଡବଲ ଇଞ୍ଜିନ ସରକାର ବାଲିଯାତ୍ରାକୁ ଜାତୀୟ ଉତ୍ସବ ମାନ୍ୟତା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର, ୧୯।୧୧(ଅନିଲ ଦାସ)

ଚଳିତବର୍ଷ ବାଲିଯାତ୍ରା କାର୍ଯ୍ୟକ୍ରମ ପରିଚାଳନାରେ ଅନେକ ବିଭ୍ରାଟ ହୋଇଥିବା ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି । ଶଙ୍ଖଭବନରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି ଓ ଦଳର ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଐତିହ୍ୟ ସହର କଟକରେ ପ୍ରତିବର୍ଷ ହେଉଥିବା ଐତିହାସିକ ବାଲିଯାତ୍ରା ପରିଚାଳନାରେ ଅନେକ ତ୍ରୁଟି ଦେଖିବାକୁ ମିଳିଛି, ଯାହା ବାଲିଯାତ୍ରାର ଗୌରବକୁ କ୍ଷୁଣ୍ଣ କରୁଛି। ବାଲିଯାତ୍ରା ଆୟୋଜନ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ହୋଇଥାଏ। ତେଣୁ ଖାମଖିଆଲ ଭାବେ ଏହାକୁ ଆୟୋଜନ କରି ଏହି ପ୍ରକାରର ତ୍ରୁଟି ହେବା ନିଶ୍ଚିତ ଭାବେ ଅକ୍ଷମଣୀୟ। ବାଲିଯାତ୍ରା ଆୟୋଜନରେ ହୋଇଥିବା ତ୍ରୁଟି ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି ବୋଲି ଲେନିନ୍ କହିଛନ୍ତି। ସେ କହିଛନ୍ତି, ଚଳିତବର୍ଷ ବାଲିଯାତ୍ରାରେ ୧୪ଟି ଦେଶର ପ୍ରତିନିଧି ଯୋଗଦେବେ ଓ ଏହାଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଏକ ପରିଚୟ ମିଳିବ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। କିନ୍ତୁ 'ଡବଲ ଇଞ୍ଜିନ ଡବଲ ବିକାଶ'ର ନାରା ଦେଇ ଆସିଥିବା ଭାଜପା ସରକାର ବାଲିଯାତ୍ରାକୁ ଏକ ଜାତୀୟ ଉତ୍ସବର ମାନ୍ୟତା ଦେଇଥିଲେ, ତାହା ଏକ ଉଚିତ ପଦକ୍ଷେପ ହୋଇଥା'ନ୍ତା। କୁମ୍ଭମେଳାକୁ ଜାତୀୟ ଉତ୍ସବର ମାନ୍ୟତା ମିଳିଛି ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି। ବାଲିଯାତ୍ରାକୁ ଜାତୀୟ ଉତ୍ସବ ଘୋଷଣା କରାଗଲେ, ଏହାର ଆୟୋଜନ ପାଇଁ କେନ୍ଦ୍ରରୁ ଆର୍ଥିକ ଅନୁଦାନ ମିଳିପାରିବ। ତେଣୁ ବାଲିଯାତ୍ରାକୁ ଜାତୀୟ ଉତ୍ସବ ମାନ୍ୟତା ପ୍ରଦାନ କରିବା ପାଇଁ ବିଜେଡି ଦାବି କରିଛି। ଗୋଟିଏ ପଟେ ବାଲିଯାତ୍ରାକୁ ଅନ୍ତର୍ଜାତୀୟ ପ୍ରତିଷ୍ଠା ହାସଲ କଥା କୁହାଯାଉଛି କିନ୍ତୁ ଆମେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନଙ୍କ ପାଇଁ ବ୍ୟାଟେରି ଗାଡ଼ି ଯୋଗାଡ଼ କରିବାରେ ସକ୍ଷମ ହୋଇପାରୁ ନାହେଁ। ରାଜ୍ୟର ଏକ ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଉପଯୁକ୍ତ ସମ୍ମାନ ଦିଆ ନ ଯାଇପାରିବା ଏକ ଲଜ୍ଜାଜନକ ବିଷୟ। ଆମେ ଜାଣିବାକୁ ପାଇଛୁ ଯେ ବାଲିଯାତ୍ରାର ଉଦ୍‌ଘାଟନ କାର୍ଯ୍ୟକ୍ରମର ନିମନ୍ତ୍ରଣ ପତ୍ରରେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ନାଁ ନ ଥିଲା, ଯାହା ଏକ ବିଡ଼ମ୍ବନା। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ଦିନ ରାତି ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ତା' ପରଦିନ ଓଡ଼ିଶାର ପ୍ରତିଷ୍ଠିତ କଳାକାର ଅସୀମା ପଣ୍ଡାଙ୍କୁ ରାତି ୧୦ ବାଜିଗଲା ବୋଲି ମଞ୍ଚ ଉପରୁ ପୋଲିସ ଦ୍ୱାରା ତାଗିଦ୍ କରି ଓହ୍ଲାଇ ଦିଆଯାଇଥିଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବାଲିଯାତ୍ରା କାର୍ଯ୍ୟକ୍ରମକୁ ରାତି ୧୨ଟା ପର୍ଯ୍ୟନ୍ତ ହେବାକୁ ସରକାର ଅନୁମତି ଦିଅନ୍ତୁ ବୋଲି ବିଜେଡି ଦାବି କରିଛି।

# ଡ୍ରେସ୍ କିଣାକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରଦୀପଙ୍କ ଟାର୍ଗେଟ୍

ନବରଙ୍ଗପୁର,୧୯।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଡ୍ରେସ୍ ଯୋଗାଣରେ କମିଶନ କାରବାରକୁ ନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀକରି ବିଜେଡି ନେତା ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ବର୍ଷିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପ୍ରଶାସନ ସହ ମିଶି ନିଜ ଜିଲାରେ କୁନିକୁନି ଛାତ୍ରୀଛାତ୍ରଙ୍କ ଟଙ୍କାକୁ ହରିଲୁଟ କରୁଥିବା ସେ ଅଭିଯୋଗ କରିଛନ୍ତି। ଜିଲାର ପାପଡ଼ାହାଣ୍ଡି, ଝରିଗାଁ ଓ ଉମରକୋଟ ବ୍ଲକ୍‌ର ବିଇଓ ଡ୍ରେସ୍ ପିଛା ୮୦ ଟଙ୍କା ଓ ଗଣଶିକ୍ଷା ମନ୍ତ୍ରୀ ବିଭିନ୍ନ ଦୋକାନୀଙ୍କଠାରୁ ଡ୍ରେସ୍ ବାବଦରେ ୧୫ ଲକ୍ଷ ଟଙ୍କା ଲାଞ୍ଚ ନେଇଛନ୍ତି ବୋଲି ପ୍ରଦୀପ ମାଝୀ ଅଭିଯୋଗ ଆଣିଛନ୍ତି, ଯାହାକୁ ନେଇ ନବରଙ୍ଗପୁରରେ ଚର୍ଚ୍ଚା ବଢ଼ିଛି। ଜିଲାରେ ସ୍କୁଲ ଡ୍ରେସ୍ ବଣ୍ଟନରେ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଥିବା ପ୍ରଦୀପ ଅଭିଯୋଗ କରିଛନ୍ତି।

୧ମରୁ ୮ମ ଶ୍ରେଣୀ ପିଲାଙ୍କୁ ସରକାର ସ୍କୁଲ ଡ୍ରେସ୍, ଜୋତା ଓ ଟ୍ରାକ୍ ସୁଟ ଯୋଗାଇ ଦେଉଛନ୍ତି। ପିଲା ପିଛା ୫ଶହ ଟଙ୍କା ଦିଆଯାଉଛି। କିନ୍ତୁ ନିମ୍ନମାନର ସାମଗ୍ରୀ ଯୋଗାଣକରି ଏହି ଟଙ୍କା ଲୁଟିଛନ୍ତି। ଜିଲାରେ ୨ଲକ୍ଷ ୧୧ ହଜାର ୫୦ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କୁ ଅଗଷ୍ଟ ୧୫ ମଧ୍ୟରେ ଡ୍ରେସ୍ ଯୋଗାଇବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କୁ ଏହା ମିଳିନାହିଁ ବୋଲି ପ୍ରଦୀପ ଅଭିଯୋଗ କରିଛନ୍ତି। ଝରିଗାଁ ବ୍ଲକ୍ ୨୪୫ ସ୍କୁଲ ରହିଛି। ଏସ୍‌ଏଚ୍‌ଜି ଓ ସ୍ଥାନୀୟ ଦୋକାନରୁ ୭ ସ୍କୁଲ ଡ୍ରେସ୍ କିଣିଛି। କିନ୍ତୁ ଅନ୍ୟ ୨୩୮ ଗୋଟି ସ୍କୁଲକୁ ଉମରକୋଟସ୍ଥିତ ଏକ ଦୋକାନରୁ ବିଇଓ ଡ୍ରେସ୍ କିଣିବା ପାଇଁ ବାଧ୍ୟ କରୁଥିବା ପ୍ରଦୀପ କହିଛନ୍ତି। ଶିକ୍ଷକମାନଙ୍କୁ ବ୍ଲକ୍ ଶିକ୍ଷା ବିଭାଗ ଅଧିକାରୀମାନେ ଚାପ ପକାଉଥିବା ଅଭିଯୋଗ କରିଛନ୍ତି। ଘଟଣାର ଠିକ୍ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବିଜେଡି ଆନ୍ଦୋଳନ କରିବ। ସମସ୍ତ ତଥ୍ୟ ଭିଜିଲାନ୍ସ ତଦନ୍ତ ପାଇଁ ଦିଆଯିବ ବୋଲି ପ୍ରଦୀପ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ, ବିଜେଡି ନଗର ସଭାପତି ପ୍ରମୋଦ ରଥ, ସରୋଜ ପାତ୍ର, ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ ମାଝୀ ଆଣିଥିବା ଅଭିଯୋଗ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ପ୍ରଦୀପ ନିଜେ ଦୁର୍ନୀତିଗ୍ରସ୍ତ ସରକାରରେ ଯାଇମିଶିଥିଲେ କହିଛନ୍ତି। ବିଇଓଙ୍କ ଟଙ୍କା ନେଉଥିବା ସମ୍ପର୍କରେ ତାଙ୍କ ନିକଟରେ ସେଭଳି କିଛି ଅଭିଯୋଗ ନ ଥିବା ମନ୍ତ୍ରୀ କହିଛନ୍ତି। କମିଟି ମାଧ୍ୟମରେ ଡ୍ରେସ କିଣା ପାଇଁ ଅନୁମତି ଦିଆଯାଇଛି। ଏସ୍‌ଏଚ୍‌ଜି ଓ ଏମ୍‌ଏସ୍‌ଇ ଡ୍ରେସ ଯୋଗାଇବେ। ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ଅଭିଯୋଗ ମନଗଢ଼ା ଓ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଝରିଗାଁ ବିଇଓ ଜଗନ୍ନାଥ ଧାରୁଆ, ପାପଡ଼ାହାଣ୍ଡି ବିଇଓ ସୌମେନ୍ଦ୍ର ଭୌମିକ କହିଛନ୍ତି।

ପ୍ରଦୀପ ମାଝୀ ଯେଉଁ ଅଭିଯୋଗ କରିଛନ୍ତି ତାହାର ପ୍ରମାଣ ଦିଅନ୍ତୁ। ଅଯଥା ଅପମାନିତ କରାଯାଉଛି ବୋଲି ଉମରକୋଟ ବିଇଓ ବିକାଶଚନ୍ଦ୍ରସରକାରକହିଛନ୍ତି।

# ଅନାସ୍ଥାରେ ହାରିଲେ ସରପଞ୍ଚ

ଗାଇସିଲେଟ, ୧୯।୧୧(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ ଜିଲା ଗାଇସିଲେଟ ବ୍ଲକ ତାଲପାଲି ପଞ୍ଚାୟତର ସରପଞ୍ଚ ଊର୍ମିଳା ସେଠ ଅନାସ୍ଥା ଭୋଟ୍‌ରେ ହାରିଯାଇଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମଙ୍ଗଳବାର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ୍ ଗ୍ରହଣ କରାଯାଇଥିଲା। ୧୬ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ଜଣେ ୱାର୍ଡସଭ୍ୟଙ୍କ ଇତିମଧ୍ୟରେ ଦେହାନ୍ତ ହୋଇଥିବାବେଳେ ଅନ୍ୟ ୧୫ଜଣ ସରପଞ୍ଚ ସେଠଙ୍କ ବିରୋଧରେ ଭୋଟ୍ ଦେଇଥିଲେ।

# ମୁଁ ହେଲି ଅଧା ବିଜେଡି, ଅଧା କଂଗ୍ରେସ: ସୁର ରାଉତରାୟ

ତିର୍ତ୍ତୋଲ,୧୯।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲଠାରେ ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଚାଲିଛି। ଏହି ମହୋତ୍ସବର ମଙ୍ଗଳବାର ଚତୁର୍ଥ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ଯୋଗଦେଇ ଡ଼. ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରି ଓଡ଼ିଶାର ବିକାଶରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ, ମୋର ଗୋଟିଏ ପୁଅ ବିଜେଡିରେ ଆଉ ଗୋଟେ କଂଗ୍ରେସରେ ରହିଛି। ତେଣୁ ମୁଁ ହେଲି ଅଧା ବିଜେଡି ଆଉ ଅଧା କଂଗ୍ରେସ। ସୁରଙ୍କ କଥା ଶୁଣିବା ପରେ କାର୍ଯ୍ୟକ୍ରମରେ ମଜାଳିଆ ପରିବେଶ ସୃଷ୍ଟି ହୋଇଥିଲା।

# ସିଙ୍ଗାପୁର ଆଇଟିଇଇଏସ୍ ନବୀନଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିଲା: ପ୍ରୀତିରଞ୍ଜନ

ଭୁବନେଶ୍ୱର, ୧୯।୧୧ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁରସ୍ଥିତ ଯେଉଁ ଆଇଟିଇଇଏସ୍ ପରିଦର୍ଶନ କରିଛନ୍ତି, ତାହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିଲା। ବିଜୁ ଜନତା ଦଳ ତରଫରୁ ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହା କହିଛନ୍ତି। ନବୀନଙ୍କ ଉଦ୍ୟମରେ ୨୦୧୭ ନଭେମ୍ବରରେ ଏହି ସଂସ୍ଥା ସହ ଓଡ଼ିଶା ସରକାର ଏକ ଏମ୍‌ଓୟୁ କରିଥିଲେ । ସେହି ଅନୁସାରେ ଯୁବତୀ ଯୁବକଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ୨୦୨୩ରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏମ୍‌ଓୟୁ କରାଯାଇଥିଲା, ଯାହା ଅନୁଯାୟୀ, ୯ଟି ଇନୋଭେଶନ ପ୍ରୋଗ୍ରାମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଆଉ ଥରେ ଏମ୍‌ଓୟୁ କରାଯାଇଥିଲା ଓ ସେହି ଅନୁସାରେ ଓଡ଼ିଶାର ଯୁବତୀଯୁବକମାନେ ପ୍ରଶିକ୍ଷଣ ପାଇ ଆସୁଛନ୍ତି। ଦକ୍ଷତା ବିକାଶର ଇକୋ ସିଷ୍ଟମକୁ ବିଶ୍ୱସ୍ତରୀୟ କରିବା ପାଇଁ ନବୀନଙ୍କ ଉଦ୍ୟମରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମଙ୍ଗଳବାର ସିଙ୍ଗାପୁରସ୍ଥିତ ଆଇଟିଇଇଏସ୍‌କୁ ପରିଦର୍ଶନରେ ଯାଇଥିଲେ ଓ ସେଠାରେ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଏହି ପ୍ରଶଂସାର ପ୍ରକୃତ ହକ୍‌ଦାର ହେଉଛନ୍ତି ନବୀନ। ଉଭୟ ମୁଖ୍ୟମନ୍ତ୍ରୀ ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ ଆମେ ମନେ ପକାଇ ଦେବାକୁ ଚାହୁଁଛୁ ଯେ, ୨୦୧୭ରେ ସ୍ୱାକ୍ଷର ହୋଇଥିବା ଏମ୍‌ଓୟୁ ପରେ ରାଜ୍ୟରେ ଆଇଟିଇଇଏସ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ବିଶ୍ୱ ଶିଳ୍ପ ବଜାରର ଆବଶ୍ୟକତା ଅନୁଯାୟୀ ଏହି ପ୍ରଶିକ୍ଷଣ ମାଧ୍ୟମରେ ରାଜ୍ୟରେ ଦକ୍ଷତା ବିକାଶ କରିବା ପାଇଁ ଏହି ଉଦ୍ୟମ କରାଯାଇଥିଲା ବୋଲି ଘଡେଇ କହିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.46/ET/SBP/ENGG/ 2024-25, ତା.13.11.2024ରିଖ

(1)ଇ-ଟେଣ୍ଡର ସଂ.27-eT-DENE-SBP-24

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନସ୍ଥ ଝାରସୁଗୁଡ଼ା ରୋଡ୍-ସରଲା-କେରେଜାଙ୍ଗ ସେକ୍ସନରେ TTR(FS+TWS+ WCMSC)-7 ସେଟ୍, TTR(FS)-8 ସଂଖ୍ୟକ, TTR(CMSC)-22 ସେଟ୍, SEJ-9 ସେଟ୍, GJ-47 ସଂଖ୍ୟକ ଏବଂ TFR-64.216 Tkm ର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 92,29,216.36, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,84,600/- ।

(2)ଇ-ଟେଣ୍ଡର ସଂ.28-eT-DENE-SBP-24

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନସ୍ଥ CTR(S)-4.945 Tkm ଏବଂ TRR(S)-15.579 Tkm ର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,80,76,117.34, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,90,400/- ।

କାର୍ଯ୍ୟ ଶେଷ ହେବା ଅବଧି: 12 (ବାର)ମାସ (ଉଭୟ ଟେଣ୍ଡର ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.10.12.2024ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର

PR-734/P/24-25



## ODISHA PUBLIC SERVICE COMMISSION, CUTTACK

**NOTICE**

**No. 6565/P.S.C., Dt. 19.11.2024**

**No.D-180** : It is for information of all **21(07-w)** provisionally qualified candidates for recruitment to the posts of Lecturers in **Chemistry**, pursuant to Advt. No. 01 of 2023-24 that, **Document verification & Interview (Personality Test)** for the said post will be held on **03.12.2024** respectively, in the Office of the Commission, at 19, Dr. P.K. Parija Road, Cuttack - 753001 as per the programme mentioned below :

| Sl. No. | Roll No. of Candidates | Date of Document Verification & Interview (Personality Test) | Team | Time of Reporting by the Candidates | Time of document verification | Time of Interview (Personality Test) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 100098, 100148, 200025, 200029, 200117, 300134, 300197, 300198, 300255, 300357, 300368, 300463 = 12 candidates | 03.12.2024 | Team - 1 | 08.00 A.M. | 08.30 A.M. | 10.30 A.M. |
| | 300528, 300540, 300615, 300619, 300674, 400078, 400106, 400246, 500088 = 09 candidates | | | 12.00 P.M. | 12.30 P.M. | 2.30 P.M. |

The candidates are required to produce following original documents along with self-attested photocopies of all certificates/documents at the time of document verification failing which their candidature will be rejected.

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. or equivalent certificate** in support of declaration of age.
4. **Intermediate/+2/Diploma examination Certificate** issued by the concerned Board/Council.
5. **B.Sc.** Degree Certificate from a recognized university.
6. **M.Sc.** Degree Certficate from a recognized University, wherever applicable.
7. **Marksheets** of the above examinations passed (HSC to M.Sc. Degree).
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of online application, wherever applicable.
11. **SEBC** Certificate issued by the Competent Authority within the last three years by the closing date of submission of application, whereever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of permanent disability i.e 40% or more) issued by the concerned Medical Board, whereever applicable.
14. Sports Identity Card/Certificate issued by the Director of Sports, Odisha, whereever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
16. **Four recent passport size photographs (unsigned and unattested)**, which has been uploaded with online application form.
17. **No Objection Certificate** (in case of in-service candidates), whereever applicable.
18. **Document in support of Identity**. (Aadhaar/DL/PAN Card/Voter ID Card).
19. Any other document as mentioned in Para-10 of Advt. No. 01 of 2023-24.

**NOTE** : THE CANDIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0094/2425** **Sd./- Secretary**



## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ : ବାଲେଶ୍ୱର
ପୋଲିସ୍ ଲାଇନ୍ ଛକ ନିକଟ, ଓଟି ରୋଡ୍, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ**, ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ସୋରୋ ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ଉମାକାନ୍ତ ବାରିକ, ପିତା: ସ୍ୱ କାହ୍ନୁ ଚରଣ ବାରିକ / ସହ-ଋଣଗ୍ରହୀତା: ଶ୍ରୀ ଉଜ୍ଜ୍ୱଳ କୁମାର ବାରିକ, ପିତା: ଶ୍ରୀ ଉମାକାନ୍ତ ବାରିକ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଶକୁନ୍ତଳା ବାରିକ, ସ୍ୱାମୀ: ଶ୍ରୀ ଉମାକାନ୍ତ ବାରିକ, ସମସ୍ତଙ୍କ ଠିକଣା ସା/ପୋ: କେଶରୀପୁର, ସୋରୋ, ଜିଲ୍ଲା: ବାଲେଶ୍ୱର - ୭୫୬୦୪୬ | ୨୪.୦୭.୨୦୨୪ ସୁଦ୍ଧା ଟ.୧୫,୭୭,୨୨୦.୮୬ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୨୪.୦୭.୨୦୨୪ / ୧୪.୧୧.୨୦୨୪ | ଶ୍ରୀ ଉଜ୍ଜ୍ୱଳ କୁମାର ବାରିକ, ପିତା: ଶ୍ରୀ ଉମାକାନ୍ତ ବାରିକଙ୍କ ନାମରେ ବନ୍ଧକ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୫୭/୧୨୪୫, ପ୍ଲଟ୍ ନଂ.: ୧୪୦୪/୩୧୨୬/୩୫୮୭, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: କେଶରୀପୁର, ତହସିଲ: ସୋରୋ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, କିସମ: ଘରବାରୀ, ସବ୍ ରେଜିଷ୍ଟ୍ରାର ଅଫିସ୍: ସୋରୋ, ପଞ୍ଜୀକୃତ ବିକ୍ରୟ ଦଲିଲ୍ ନଂ.: ୧୦୧୪୧୯୦୨୨୩୬, ତା: ୧୨.୦୯.୨୦୧୯ |
| ଋଣଗ୍ରହୀତା: ଶ୍ରୀ ସଂଜତ କୁମାର ପୁହାଣ, ପିତା: ବାଞ୍ଛାନିଧି ପୁହାଣ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସାବିତ୍ରୀବାଳା ପୁହାଣ, ସ୍ୱାମୀ: ଶ୍ରୀ ସଂଜତ କୁମାର ପୁହାଣ, ଉଭୟଙ୍କ ଠିକଣା- ସା: ବାଲିକିତିରଣ, ପୋ: ଚିତଲ, ଅନନ୍ତପୁର, ସୋରୋ, ଜିଲ୍ଲା: ବାଲେଶ୍ୱର-୭୫୬୦୪୬ | ୦୮.୦୮.୨୦୨୪ ସୁଦ୍ଧା ଟ.୮,୨୦,୬୮୦.୧୮ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୫.୦୯.୨୦୨୪ / ୧୪.୧୧.୨୦୨୪ | ଶ୍ରୀ ସଂଜତ କୁମାର ପୁହାଣ, ପିତା: ବାଞ୍ଛାନିଧି ପୁହାଣଙ୍କ ନାମରେ ବନ୍ଧକ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୮୦/୯୦୭, ଖାତା ନଂ.: ୧୨୪/୧୩୩, କ୍ଷେତ୍ର: ଏକର୦.୦୬ ଡିସିମିଲି, ମୌଜା: ବାଲିକିତିରଣ, ତହସିଲ: ସୋରୋ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, କିସମ: ଘରବାରୀ, ସବ୍ ରେଜିଷ୍ଟ୍ରାର ଅଫିସ୍: ସୋରୋ, ପଞ୍ଜୀକୃତ ବିକ୍ରୟ ଦଲିଲ୍ ନଂ.: ୧୦୧୪୧୭୦୧୫୨୦, ତା: ୦୫.୦୭.୨୦୧୭, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରଫୁଲ୍ଲ ପୁହାଣଙ୍କ ସମ୍ପତ୍ତି, ଦକ୍ଷିଣ: ପ୍ରକାଶ ଚନ୍ଦ୍ର ପୁହାଣଙ୍କ ସମ୍ପତ୍ତି, ପୂର୍ବ: ବ୍ରଜମୋହନ ପୁହାଣଙ୍କ ସମ୍ପତ୍ତି, ପଶ୍ଚିମ: ରାସ୍ତା |

ସ୍ଥାନ: ବାଲେଶ୍ୱର, ତାରିଖ : ୧୯.୧୧.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



## MALKANGIRI RURAL PRODUCER COMPANY LIMITED

CIN-U01400OR2021PTC036187
REGD. OFFICE ADDRESS - NEAR OLD DNK MEDICAL RIGHT SIDE OF WARE HOUSE, MALKANGIRI - 764045

Letter No. 281/MRPCL/Mkg/2024 Date : 19.11.2024

**TENDER CALL NOTICE**
**MRPCL MALKANGIRI**

A Turnkey project on processing of turmeric powder is to be established at Chitrakonda to facilitate the FPO WSHG members limited to 8 lakhs. All the interested & reputed eligible agency/registered firm/ manufacturer/private entrepreneurs are invited to submit their bids for supply of equipment/machineries to set up the complete processing unit for value addition of turmeric (Finger to powder and packaging) latest by 19th November 2024. For details of the requirement/any clarification on this project cell number 8018844592/8927963989 may be contacted.

Sd./- Sabita Kumari Sahoo, Director, MRPCL, Malkangiri
Sd./- Hemarani Biswas, Director, MRPCL, Malkangiri



## ODISHA STATE SEEDS CORPORATION LTD.

(A GOVERNMENT UNDERTAKING)
SANTARAPUR, BHUBANESWAR - 751002
Tel - MD 0674 - 2340573, E Mail - mdossc ltd456@gmail.com

**TENDER No. OSSC/ENGG-102/2024**

**No.CAD-1637** : Managing Director, Odisha State Seeds Corporation Ltd. invites item wise rate Tender in double cover system through **ONLINE MODE ONLY** for purchase of producer labels as below.

| | | |
|---|---|---|
| 1 | Name of Work | Purchase of producer labels for the year 2024-25 |
| 2 | No. of work | One |
| 3 | Bid cost | **Rs. 6,720.00/-** |
| 4 | EMD | **Rs. 46,400/-** |
| 5 | Availability of Bid Documents in Portal | 11.00 hours on dt. 21.11.2024 to 17.00 hours on dt. 27.11.2024 |
| 6 | Last date of receipt of tender in portal | 17.00 hours on dt. 27.11.2024 |
| 7 | Date/Time of opening of Bid | 10.30 hours on dt. 28.11.2024 |

Further details can be seen from the website https://tendersodisha.gov.in. Any addendum/Corrigendum/ Cancellation can also be seen in the said website.

OIPR-01106/11/0055/2425 Sd./- Managing Director



## ORMAS

No.i-300

Odisha Rural Development and Marketing Society
Panchayati Raj and Drinking Water Department

**OFFICE OF THE ZILLA PARISHAD, NAYAGARH, ODISHA-752070**

Phone No. 06753-252512,
Email : dsmsnayagarh@gmail.com, www.ormas.org

Letter No. : 380/DSMS Date : 18.11.2024

**TENDER CALL NOTICE**

Sealed tenders are invited from intending authorized firms / agencies / tent houses for tent & allied works for the Pallishree Mela to be organized at Stadium Ground, Nayagarh from 24th to 28th December 2024.

The tender papers along with detail specifications of the works may be downloaded from Nayagarh District website i.e. http://nayagarh.odisha.gov.in which was hoisted on 18.11.2024. The sealed tenders will be received up to 2 P.M. on 2nd December 2024 at the office of ORMAS, Zilla Parishad, Nayagarh

Sd./- Deputy CEO, ORMAS, ZP, Nayagarh

OIPR-19262/11/0002/2425



## OFFICE OF THE MUNICIPAL COUNCIL: SONEPUR

e-mail:sonepurm.hud@nic.in

ବିଜ୍ଞାପନ ସଂଖ୍ୟା:୪୦୮୯ — ତାରିଖ:୧୬.୧୧.୨୦୨୪

**ବିଜ୍ଞାପନ**

**No.C-1021:** ପୂର୍ବରୁ ସୋନପୁର ପୌର ପରିଷଦକୁ ODF ସହର ଭାବେ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏ ନେଇ ସୋନପୁର ପୌର ପରିଷଦକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ମଧ୍ୟ ମିଳିଥିଲା । ବର୍ତ୍ତମାନ ସୋନପୁର ପୌର ପରିଷଦ ସହରକୁ ବାହ୍ୟ ମଳମୁକ୍ତ ତ୍ୟାଗ ସହରରେ ପରିଣତ କରିବା ଦିଗରେ ସୋନପୁର ପୌର ପରିଷଦ ଆଉ ଏକ ଆଗକୁ ବଢ଼ିଛି ସୋନପୁର ପୌର ପରିଷଦକୁ ODF+ ସହର ଭାବେ ଘୋଷଣା କରିବାକୁ ଯାଉଅଛି । ସୋନପୁର ପୌର ପରିଷଦର ବିଭିନ୍ନ କ୍ଷେତ୍ରସ୍ତରୀୟ ଅଧିକାରୀ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଇବା ପରେ ତଥା ସୋନପୁର ପୌର ପରିଷଦ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନିର୍ମାଣ ପରେ ସୋନପୁର ପୌର ପରିଷଦ ODF+ ସହର ଭାବେ ଘୋଷଣା କରିବାକୁ ଯାଉଅଛି । ଏ ନେଇ କେନ୍ଦ୍ର ସରକାରଙ୍କ ନିୟମକୁ ଅନୁସରଣ କରି ବର୍ତ୍ତମାନ ସହରରେ ବିଭିନ୍ନ ସ୍ଥାନରେ ଶୌଚାଳୟ କରାଯାଇ ISOର ମାନ୍ୟତା ମଧ୍ୟ ପାଇଛି । ଆଗକୁ କୌଣସି ବ୍ୟକ୍ତିବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ପାଇଁ ଦିଆଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଖୋଲାରେ ମଳତ୍ୟାଗ କରିବାର ଦେଖାଯାଏ ତାଙ୍କଠାରୁ ଟ.୧୦୦/-ଙ୍କା (ଏକଶତ ଟଙ୍କା) ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ଡ୍ରେନ ମଧ୍ୟକୁ କିମ୍ବା ଖୋଲା ସ୍ଥାନରେ ଛାଡନ୍ତି ତେବେ ତାଙ୍କଠାରୁ ଟ.୫୦୦/- ଙ୍କା (ପାଞ୍ଚଶତ ଟଙ୍କା) ଜରିମାନା ଆଦାୟ କରାଯିବ । ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି /ପ୍ରସ୍ତାବ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଲିଖିତ ଭାବେ ଜଣାଇପାରିବେ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୋନପୁର ପୌର ପରିଷଦ

OIPR-13098/11/0020/2425

# ଆଣବିକ ଯୁଦ୍ଧ ଆଶଙ୍କା ବଢ଼ିଲା

**■ନୂଆ ଆଣବିକ ସିଦ୍ଧାନ୍ତରେ ସ୍ୱାକ୍ଷର କଲେ ପୁଟିନ୍ ■ପାରମ୍ପରିକ ଅସ୍ତ୍ରର ଜବାବ ଅଣୁଅସ୍ତ୍ରରେ ଦେବ ରୁଷିଆ**


ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍


ରୁଷିଆର ବ୍ରିଆନ୍‌ସ୍କକୁ ଟାର୍ଗେଟ କରି ୟୁକ୍ରେନ୍ ଏଟିଏସିଏମ୍‌ଏସ୍ ମିଶାଇଲ ଛାଡୁଛି।

ମସ୍କୋ,୧୯।୧୧

ଆମେରିକା ଯୋଗାଇଥିବା ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଦ୍ୱାରା ରୁଷିଆ ଉପରେ ଆକ୍ରମଣ ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍‌କୁ ଅନୁମତି ଦେବା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହାର ଦୃଢ଼ ଜବାବ ଦେଇଛନ୍ତି। ୟୁକ୍ରେନ୍ ଆକ୍ରମଣର ୧,୦୦୦ତମ ଦିନରେ ପୁଟିନ୍ ମଙ୍ଗଳବାର ସଂଶୋଧିତ ଆଣବିକ ସିଦ୍ଧାନ୍ତରେ ସ୍ୱାକ୍ଷର କରିଛନ୍ତି। ଅଣୁଅସ୍ତ୍ର କ୍ଷମତା ବିଶିଷ୍ଟ କୌଣସି ଦେଶର ସମର୍ଥନରେ ତାଙ୍କ ଦେଶ ଉପରେ କେହି ପାରମ୍ପରିକ ଆକ୍ରମଣ କଲେ ଏହାକୁ ମିଳିତ ଆକ୍ରମଣ ବିବେଚନା କରାଯିବ ବୋଲି ପୁଟିନ୍ କହିଛନ୍ତି। ରୁଷିଆ ଉପରେ ଆକାଶମାର୍ଗରୁ କୌଣସି ବଡ଼ ଧରଣର ଆକ୍ରମଣ ହେଲେ ଏହାର ଜବାବ ଆଣବିକ ଅସ୍ତ୍ରରେ ଦିଆଯିବ। ଆଣବିକ ଆକ୍ରମଣ ପାଇଁ ପୁଟିନ୍ ପ୍ରସ୍ତୁତ ଥିବା ଏଥିରୁ ପ୍ରତିଫଳିତ ହୋଇଛି। ଗତ ସେପ୍ଟେମ୍ବରରେ ପୁଟିନ୍ ଯୁଦ୍ଧ ସ୍ଥିତି ସମୀକ୍ଷା ବୈଠକରେ ମଧ୍ୟ ଆଣବିକ ସିଦ୍ଧାନ୍ତରେ ପରିବର୍ତ୍ତନ ହେବା କଥା ଘୋଷଣା କରିଥିଲେ। ଏବେ ସଂଶୋଧିତ ସିଦ୍ଧାନ୍ତରେ ପୁଟିନ୍ ସ୍ୱାକ୍ଷର କରିବା ପରେ ଆଣବିକ ଯୁଦ୍ଧ ଆଶଙ୍କା ବୃଦ୍ଧି ପାଇଛି। ଏଥିପାଇଁ ନାଟୋ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ନାଗରିକମାନଙ୍କୁ ସତର୍କ କରାଇଛନ୍ତି। ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ସୁଇଡେନ୍ ସରକାର ଏହାର ଜନସାଧାରଣଙ୍କ ପାଇଁ ପାମ୍ପଲେଟ୍ ଜାରି କରି ପ୍ରସ୍ତୁତ ରହିବାକୁ କହିଥିବାବେଳେ ନରୱେ ମଧ୍ୟ ଏହାର ନାଗରିକମାନଙ୍କୁ ଅନ୍ତତଃ ସପ୍ତାହେ ପାଇଁ ଜରୁରୀ ସାମଗ୍ରୀ ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛି।

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଦାୟିତ୍ୱ ନେବାକୁ ଆଉ ମାତ୍ର ୨ ମାସ ବାକି ଥିବାବେଳେ ବାଇଡେନ୍ ପ୍ରଶାସନ ଏହାର ନୀତିରେ ଉଲ୍ଲେଖନୀୟ ପରିବର୍ତ୍ତନ କରିଛନ୍ତି। ରୁଷିଆ ଭିତରେ ଆମେରିକା ନିର୍ମିତ ଏଟିଏସିଏମ୍‌ଏସ୍ ମିଶାଇଲ ଆକ୍ରମଣ କରିବା ପାଇଁ ଆମେରିକା ପ୍ରଥମ ଥର ଲାଗି ୟୁକ୍ରେନ୍‌କୁ ଅନୁମତି ଦେଇଛି। ଆମେରିକା କଟକଣା ହଟାଇବାର ଦିନକ ପରେ ୟୁକ୍ରେନ୍ ରୁଷିଆ ଉପରକୁ ୬ଟି ଏଟିଏସିଏମ୍‌ଏସ୍ କ୍ଷେପଣାସ୍ତ୍ର ଛାଡ଼ିଲାଣି। ରୁଷିଆ ସେନା ସେଥିରୁ ୫ଟିକୁ ଖସାଇ ଦେଇଥିବା ବେଳେ ଅନ୍ୟଟି ନଷ୍ଟ ହୋଇଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ସୋମବାର ମଧ୍ୟରାତ୍ରରେ ବ୍ରିଆନ୍‌ସ୍କସ୍ଥିତ ରୁଷିଆର ସାମରିକ ଅସ୍ତ୍ର ଭଣ୍ଡାରକୁ ଟାର୍ଗେଟ କରି ୟୁକ୍ରେନ୍ ମିଶାଇଲ ମାଡ଼ କରିଥିବା କହିଛି। ଟାର୍ଗେଟରେ ଥିବା ଅଞ୍ଚଳରେ ଅନେକ ବିସ୍ଫୋରଣ ଶୁଣିବାକୁ ମିଳିଥିବା ୟୁକ୍ରେନ୍ ଜେନେରାଲ ଷ୍ଟାଫ୍ ରିପୋର୍ଟରେ କୁହାଯାଇଛି।

ୟୁକ୍ରେନ୍‌ର ଉତ୍ତର ସୀମାରେ ରୁଷିଆ ରାଷ୍ଟ୍ରପତି ଉତ୍ତର କୋରିଆ ସୈନ୍ୟଙ୍କୁ ମୁତୟନ କରିବା ପରେ କିଭ୍‌କୁ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ବ୍ୟବହାର ପାଇଁ ବାଇଡେନ୍ ପ୍ରଶାସନ ସୋମବାର ଅନୁମତି ଦେଇଥିଲେ। ଏହା ୟୁକ୍ରେନ୍-ରୁଷିଆ ଯୁଦ୍ଧରେ ଆଉ ଏକ ପର୍ଯ୍ୟାୟ ଉତ୍ତେଜନା ସୃଷ୍ଟି କରିବ ବୋଲି ମସ୍କୋ କହିଛି।

## ସଂକ୍ଷେପରେ

### ଭାରତ ଆସିବେ ପୁଟିନ୍

ନୂଆଦିଲ୍ଲୀ,୧୯।୧୧

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଖୁବ୍‌ଶୀଘ୍ର ଭାରତ ଗସ୍ତରେ ଆସିବେ ବୋଲି କ୍ରେମ୍‌ଲିନ ପ୍ରେସ୍ ସଚିବ ଡିମିଟ୍ରି ପେସ୍କୋଭ୍ ମଙ୍ଗଳବାର ଘୋଷଣା କରିଛନ୍ତି। ତାଙ୍କ ଗସ୍ତ ତାରିଖ ଚୂଡ଼ାନ୍ତ ହୋଇ ନ ଥିବାବେଳେ ଆସନ୍ତାବର୍ଷ ସେ ଆସିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ପୁଟିନ୍‌ଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ଦୀର୍ଘଦିନର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ। ଇତିମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଥର ରୁଷିଆ ଗସ୍ତରେ ଗଲେଣି। ଏବେ ଆମ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ନେଇ ଖୁବ୍‌ଶୀଘ୍ର ତାରିଖ ଚୂଡ଼ାନ୍ତ ହେବ ବୋଲି ପେସ୍କୋଭ୍ କହିଛନ୍ତି।

### ଭାଜପା ନେତା ଟଙ୍କା ବାଣ୍ଟିବା ନେଇ ଏତଲା


ବିନୋଦ ତାୱଡେ

ମୁମ୍ବାଇ,୧୯।୧୧

ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଦିନକ ପୂର୍ବରୁ ହାଇଡ୍ରାମା ଦେଖିବାକୁ ମିଳିଛି। ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ବିନୋଦ ତାୱଡେ ପାଲ୍‌ଘର ଜିଲାର ଭିରାରସ୍ଥିତ ଏକ ହୋଟେଲରେ ଭୋଟରମାନଙ୍କୁ ଟଙ୍କା ବାଣ୍ଟୁଥିବା ଅଭିଯୋଗ ହୋଇଛି। ତାୱଡେଙ୍କ ଉପସ୍ଥିତିରେ ନାଲାସୋପରାର ଭାଜପା ପ୍ରାର୍ଥୀ ରାଜନ ନାଏକ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ବାଣ୍ଟୁଥିଲେ ବୋଲି ବହୁଜନ ବିକାଶ ଅଘାଡ଼ି ଅଭିଯୋଗ କରିଛି। ବହୁଜନ ବିକାଶ ଅଘାଡ଼ି ବିଧାୟକ କ୍ଷିତିଜ ଠାକୁର ତାଙ୍କ ସମର୍ଥକମାନଙ୍କ ସହ ହୋଟେଲରେ ପହଞ୍ଚିବା ପରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ସମର୍ଥକମାନେ ତାୱଡେଙ୍କୁ ଘେରାଉ କରି ସ୍ଲୋଗାନ ଦେଇଥିଲେ। ବୈଠକ ସ୍ଥଳରୁ ନଗଦ ଅର୍ଥ ଥିବା ଲଫାପା ଏବଂ ଡାଇରି ମିଳିଥିବା ଅଭିଯୋଗ ହୋଇଛି। ଏନେଇ ତାୱଡେଙ୍କ ନାଁରେ ଏତଲା ଦାଏର ହୋଇଛି।

## ୨୪ରେ ସର୍ବଦଳୀୟ ବୈଠକ ଡାକିଲା କେନ୍ଦ୍ର

**୨୫ରୁ ସଂସଦର ଶୀତ ଅଧିବେଶନ**

ନୂଆଦିଲ୍ଲୀ, ୧୯।୧୧

ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା ୨୪ରେ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଛନ୍ତି। ନଭେମ୍ବର ୨୪ ପୂର୍ବାହ୍ନ ୧୧ଟାରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ସଂସଦୀୟ କାର୍ଯ୍ୟ ମନ୍ତ୍ରୀ କିରେନ୍ ରିଜିଜୁ ମଙ୍ଗଳବାର ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହି ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଏଜେଣ୍ଡା ସମ୍ପର୍କରେ ବିରୋଧୀ ଦଳଗୁଡ଼ିକୁ ସୂଚନା ଦିଆଯିବା ସହ ସଂସଦରେ ବିଭିନ୍ନ ପ୍ରସଙ୍ଗକୁ ନେଇ ହେବାକୁ ଥିବା ବିତର୍କ ଉପରେ ଆଲୋଚନା ହେବ ବୋଲି ରିଜିଜୁ କହିଛନ୍ତି। ପ୍ରକାଶ ଯେ, ସଂସଦର ଶୀତକାଳୀନ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୨୦ରେ ସମାପ୍ତ ହେବ। ତେବେ ସଂସଦୀୟ କାର୍ଯ୍ୟର ଆବଶ୍ୟକତାକୁ ବିଚାରକୁ ନେଇ ଅଧିବେଶନର ଅବଧି କମ୍ କିମ୍ବା ବେଶି ହୋଇପାରେ।

# ଉଗ୍ରପନ୍ଥୀଙ୍କ ବିରୋଧରେ ଗଣ ଅଭିଯାନ ଦାବି

ଗୁଆହାଟୀ,୧୯।୧୧

ମଣିପୁରର ଜିରିବାମ୍ ଜିଲାରେ ୬ ଜଣ ନିରୀହ ଲୋକଙ୍କୁ କୁକି ଉଗ୍ରପନ୍ଥୀମାନେ ଅପହରଣ କରିନେଇ ହତ୍ୟା କରିବା ଘଟଣାରେ ଉତ୍ତେଜନା ଲାଗିରହିଥିବାବେଳେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଏନ୍‌ଡିଏ ବିଧାୟକମାନଙ୍କ ବୈଠକ ଡାକିଥିଲେ। ହତ୍ୟାକାଣ୍ଡ ପାଇଁ ଦାୟୀ କୁକି ଉଗ୍ରପନ୍ଥୀଙ୍କ ବିରୋଧରେ ଗଣ ଅଭିଯାନ ପାଇଁ ଆହ୍ୱାନ ଦେଇ ଏକ ୮ ସୂତ୍ରୀ ସଂକଳ୍ପ ବୈଠକରେ ଗୃହୀତ ହୋଇଛି। ଉକ୍ତ ଉଗ୍ରବାଦୀ ଗୋଷ୍ଠୀଙ୍କୁ ବେଆଇନ ସଂଗଠନ ଘୋଷଣା କରାଯିବାକୁ ଏଥିରେ ପ୍ରସ୍ତାବ ରହିଛି। ରାଜ୍ୟରେ ଶାନ୍ତି ସ୍ଥାପନ ସହ ତୁରନ୍ତ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ଜିରିବାମ୍ ହତ୍ୟାକାଣ୍ଡ ଘଟଣା ପରେ ଉତ୍ତ୍ୟକ୍ତ ଲୋକେ କେତେଜଣ ମନ୍ତ୍ରୀ ଓ ବିଧାୟକଙ୍କ ଘରେ ନିଆଁ ଲଗାଇବା ସହ ଭଙ୍ଗାରୁଜା ଓ ଲୁଟ୍‌ପାଟ କରିଥିଲେ। ଏହାକୁ ବୈଠକରେ ସବୁ ବିଧାୟକ ନିନ୍ଦା କରିଛନ୍ତି। ସେହିପରି ୬ ଥାନା ଅଞ୍ଚଳରେ ଲଗାଯାଇଥିବା ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ)ର ସମୀକ୍ଷା କରାଯିବାକୁ ବିଧାୟକମାନେ ଦାବି କରିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ନ ହେଲେ ଏନ୍‌ଡିଏ ବିଧାୟକମାନେ ରାଜ୍ୟବାସୀଙ୍କ ସହ ପରାମର୍ଶ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ନ୍ୟାଶନାଲ ପିପୁଲ୍ସ ପାର୍ଟି(ଏନ୍‌ପିପି) ସମର୍ଥନ ପ୍ରତ୍ୟାହାର କରିନେବା ପରେ ଏନ୍‌ଡିଏ ବିଧାୟକଙ୍କ ସଂଖ୍ୟା ୪୬କୁ ଖସିଆସିଛି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୨୭ ବିଧାୟକ ଯୋଗ ଦେଇଥିବାବେଳେ ୧୮ ଜଣ ଅନୁପସ୍ଥିତ ରହିଥିଲେ।

**ମଣିପୁର ଏନ୍‌ଡିଏ ବିଧାୟକଙ୍କ ବୈଠକରେ ସଂକଳ୍ପ ଗୃହୀତ**

### ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

ନୂଆଦିଲ୍ଲୀ,୧୯।୧୧(ପି.ଟି.)


ମଲ୍ଲିକାର୍ଜୁନ ଖାର୍ଗେ

ମଣିପୁରରେ ସ୍ଥିତି ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ଏପରିସ୍ଥଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖି ତାଙ୍କ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି। ସେ କହିଛନ୍ତି, ୧୮ ମାସ ହେଲା ମଣିପୁରରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାରେ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଜନସାଧାରଣ ଯେପରି ନିଜ ଘରେ ମର୍ଯ୍ୟାଦାର ସହ ସୁରକ୍ଷିତ ଭାବେ ଶାନ୍ତିରେ ରହିପାରିବେ ତାହା ସୁନିଶ୍ଚିତ କରାଇବା ପାଇଁ ରାଷ୍ଟ୍ରପତି ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଖାର୍ଗେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଥାଇଲାଣ୍ଡରେ ୮୦ ଘଣ୍ଟା ଫସିଲେ ୧୦୦ ଭାରତୀୟ ଯାତ୍ରୀ

ବ୍ୟାଙ୍କକ୍, ୧୯।୧୧

**ଏୟାର ଇଣ୍ଡିଆ ବିମାନରେ ବୈଷୟିକ ତ୍ରୁଟି**




ଥାଇଲାଣ୍ଡର ଫୁକେଟରେ ଏୟାର ଇଣ୍ଡିଆର ପ୍ରାୟ ୧୦୦ ଯାତ୍ରୀ ୮୦ ଘଣ୍ଟାରୁ ଅଧିକ ସମୟ ଧରି ଫସି ରହିଛନ୍ତି। ଗତ ୧୬ରେ ଏୟାର ଇଣ୍ଡିଆର ବିମାନ 'ଏଆଇ୩୭୭'କୁ ଫୁକେଟରୁ ଦିଲ୍ଲୀ ଆସିବାକୁ ଥିଲା। ତେବେ ବିମାନରେ ବୈଷୟିକ ତ୍ରୁଟି ଦେଖାଯିବାରୁ ଏହାର ଉଡ଼ାଣକୁ ରଦ୍ଦ କରିଦିଆଯାଇଥିଲା। ଫଳରେ ଉକ୍ତ ବିମାନରେ ଦିଲ୍ଲୀ ଆସିବାକୁ ଥିବା ୧୦୦ ଯାତ୍ରୀ ୮୦ ଘଣ୍ଟାରୁ ଅଧିକ ସମୟ ଧରି ଫୁକେଟରେ ଫସି ରହିଛନ୍ତି। ଭାରତକୁ ଫେରି ପାରୁ ନ ଥିବାରୁ ସେମାନେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମାଧ୍ୟମରେ ଏୟାର ଇଣ୍ଡିଆ ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଏୟାର ଇଣ୍ଡିଆ ପ୍ରତିକ୍ରିୟା ରଖିଛି। ଫୁକେଟରେ ସମସ୍ତ ଯାତ୍ରୀଙ୍କର ରହଣି ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏୟାର ଇଣ୍ଡିଆର ଆଉ ଏକ ବିମାନରେ ଫସି ରହିଥିବା ଯାତ୍ରୀଙ୍କୁ ଦିଲ୍ଲୀ ଅଣାଯିବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।



ରିଓ ଡି ଜନେଇରୋରେ ଜି୨୦ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କ ଇଟାଲୀ ପ୍ରତିପକ୍ଷ ଜିଓର୍ଜିଆ ମେଲୋନି କରମର୍ଦ୍ଦନ କରୁଛନ୍ତି।

# ବିଷାକ୍ତ କୁହୁଡ଼ିରେ ଦିଲ୍ଲୀ ଅଣନିଃଶ୍ୱାସୀ

**୫୦୦ରେ ପହଞ୍ଚିଲା ଏକ୍ୟୁଆଇ**

ନୂଆଦିଲ୍ଲୀ,୧୯।୧୧



ଦିଲ୍ଲୀକୁ କ୍ରମାଗତ ୩ ଦିନ ହେଲା ବିଷାକ୍ତ ଧୂମକୁହୁଡ଼ିର ଘନ ଅସ୍ତରଣ ଘୋଡ଼ାଇ ରଖିଥିବାରୁ ଜନସାଧାରଣ ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ପ୍ରଦୂଷଣ ଅତ୍ୟନ୍ତ ସାଂଘାତିକ ହୋଇଥିବାବେଳେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୮୮ ରହିଛି। କେତେକ ସ୍ଥାନରେ ଏହା ୫୦୦ ଛୁଇଁଥିବା ଜଣାପଡ଼ିଛି। ତାପମାତ୍ରା ହ୍ରାସ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ପଡୋଶୀ ରାଜ୍ୟଗୁଡ଼ିକରେ ନଡ଼ାପୋଡ଼ି ଲାଗିରହିଥିବାରୁ ଥଣ୍ଡା ପବନ ଧୂଳି ଓ ଧୂଆଁକୁ ଧରି ରଖୁଛି। ଦିଲ୍ଲୀରେ ସୋମବାର ରାତି ତାପମାତ୍ରା ୧୨.୩ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଥିଲା।

କୁହୁଡ଼ି ଯୋଗୁ ଅଧିକ ଦୂର ପର୍ଯ୍ୟନ୍ତ ଦୃଶ୍ୟ ହେଉ ନ ଥିବାରୁ ୨୨ଟି ଟ୍ରେନ୍ ବିଳମ୍ବିତ ହୋଇଥିବାବେଳେ ୯ଟି ଟ୍ରେନ୍‌ର ସମୟ ପରିବର୍ତ୍ତନ କରାଯାଇଛି। ରବିବାର ଏକ୍ୟୁଆଇ ୪୯୪ରେ ପହଞ୍ଚିଥିବା ପରେ ସୋମବାର ସକାଳୁ ଦିଲ୍ଲୀରେ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି) ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଛି। ଫଳରେ ରାଜଧାନୀରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିବା ସହ ଅଣଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା କିମ୍ବା ସ୍ୱଚ୍ଛ ଇନ୍ଧନ ବ୍ୟବହାର କରୁ ନ ଥିବା ସମସ୍ତ ଟ୍ରକ୍‌କୁ ଦିଲ୍ଲୀରେ ପ୍ରବେଶ ଅନୁମତି ଦିଆଯାଇ ନାହିଁ। ଦିଲ୍ଲୀ ବାହାରେ ପଞ୍ଜୀକୃତ ହାଲୁକା ବ୍ୟବସାୟିକ ଯାନ ଉପରେ ମଧ୍ୟ କଟକଣା ଜାରି ହୋଇଛି।

### କୃତ୍ରିମ ବର୍ଷା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ିଲେ ଦିଲ୍ଲୀ ସରକାର

ନୂଆଦିଲ୍ଲୀ,୧୯।୧୧

ଦିଲ୍ଲୀରେ ବଢ଼ୁଥିବା ପ୍ରଦୂଷଣ ସଙ୍କଟର ମୁକାବିଲା ପାଇଁ କୃତ୍ରିମ ବର୍ଷା କରାଇବା ନିମନ୍ତେ ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ନିକଟକୁ ୪ ଥର ପତ୍ର ଲେଖିଲେଣି। ତେବେ କେନ୍ଦ୍ରରୁ ଏପର୍ଯ୍ୟନ୍ତ କୌଣସି ଜବାବ ମିଳି ନ ଥିବା ସେ କହିଛନ୍ତି। ବାୟୁ ପ୍ରଦୂଷଣ ଅତ୍ୟନ୍ତ ସାଂଘାତିକ ସ୍ଥିତିରେ ପହଞ୍ଚିଥିବାବେଳେ କୃତ୍ରିମ ବର୍ଷା ଏହାର ଏକମାତ୍ର ସମାଧାନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ହସ୍ତକ୍ଷେପ କରିବାକୁ ଗୋପାଳ ରାୟ ନିବେଦନ କରିଛନ୍ତି। କ୍ଲାଉଡ୍ ସିଡିଂ ଦ୍ୱାରା କୃତ୍ରିମ ବର୍ଷା ହୋଇଥାଏ। ଦିଲ୍ଲୀ ସରକାର ଏଥିପାଇଁ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଥିଲେ ମଧ୍ୟ କେନ୍ଦ୍ରର ମଞ୍ଜୁରୀ ବିନା ଏହା ହୋଇପାରିବ ନାହିଁ। ଏଥିପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ), ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ମଞ୍ଜୁରୀ ଆବଶ୍ୟକ।

# ସିସିଆଇ ନିଷ୍ପତ୍ତି ବିରୋଧରେ ଅପିଲ୍ କରିବ ମେଟା

ନୂଆଦିଲ୍ଲୀ, ୧୯।୧୧

**ହ୍ୱାଟ୍ସଆପ୍ ତଥ୍ୟ ଗୋପନୀୟତା ଉଲ୍ଲଂଘନ**




ଭାରତ ସରକାର ଓ ଆମେରିକୀୟ ଟେକ୍ନୋଲୋଜି କମ୍ପାନୀ ମେଟା ମଧ୍ୟରେ ପୁଣି ଥରେ ବିବାଦ ଆରମ୍ଭ ହୋଇଛି। ସୋମବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍‌ରେ ଡେଟା ଶେୟାରିଂକୁ ନେଇ ଭାରତ ସରକାରଙ୍କ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ପ୍ରମୁଖ ଜାତୀୟ ପ୍ରତିଯୋଗିତା ନିୟାମକ ସଂସ୍ଥା 'କମ୍ପିଟିସନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ)' ମେଟା ଉପରେ କଟାକଣା ଲଗାଇଥିଲା। ହ୍ୱାଟ୍ସଆପ୍‌ରେ କୌଣସି ୟୁଜର୍ସଙ୍କ ବ୍ୟକ୍ତିଗତ ତଥ୍ୟକୁ ୫ ବର୍ଷ ଯାଏ ମେଟା ନିଜର ବିଭିନ୍ନ ପ୍ଲାଟ୍‌ଫର୍ମରେ ବିଜ୍ଞାପନ ପାଇଁ ବ୍ୟବହାର କରିପାରିବ ନାହିଁ ବୋଲି ସିସିଆଇ ନିର୍ଦ୍ଦେଶ ଦେବା ସହ କମ୍ପାନୀ ଉପରେ ୨୫.୪ ମିଲିୟନ ଡଲାର (୨୧୩ କୋଟି ଟଙ୍କା) ଜରିମାନା ଲଗାଇଥିଲେ। ବ୍ୟବସାୟିକ ଲାଭ ପାଇଁ ୨୦୨୧ରେ ହ୍ୱାଟ୍ସଆପ୍ ପ୍ରାଇଭେସି ପଲିସିକୁ ଅପ୍‌ଡେଟ କରାଯାଇଥିବା ଦର୍ଶାଇ ସିସିଆଇ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା।

ତେବେ ସିସିଆଇର ଏହି ନିର୍ଦ୍ଦେଶରେ କମ୍ପାନୀ ସହମତ ନୁହେଁ ବୋଲି ମଙ୍ଗଳବାର ମେଟାର ଜଣେ ମୁଖପାତ୍ର କହିଛନ୍ତି। ସିସିଆଇ ପକ୍ଷରୁ ଲଗାଯାଇଥିବା ଜରିମାନାକୁ ଭୁଲ୍ ଦର୍ଶାଇ ମେଟା ଏହା ବିରୋଧରେ ଅପିଲ କରିବାକୁ ଯୋଜନା କରୁଥିବା ସେ କହିଛନ୍ତି। ହ୍ୱାଟ୍ସଆପରେ ଆସିଥିବା ଅପ୍‌ଡେଟ ଯୋଗୁ ଯେପରି କୌଣସି ଆକାଉଣ୍ଟ ଡିଲିଟ ନ ହୁଏ ଏବଂ ସେବା ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ମେଟା ପକ୍ଷରୁ ଦୃଷ୍ଟି ଦିଆଯାଇଥିଲା। ହ୍ୱାଟ୍ସଆପ୍‌ରେ ବୈକଳ୍ପିକ ବ୍ୟବସାୟିକ ସୁବିଧା ଆରମ୍ଭ ଲକ୍ଷ୍ୟରେ ଉକ୍ତ ଅପ୍‌ଡେଟ ରହିଥିଲା ବୋଲି ମେଟା କହିଛି।

## ଶିଶୁ ହସିଲେ ଦୁନିଆ ହସିବ

**ଆଜି ବିଶ୍ୱ ଶିଶୁ ଦିବସ**



**ଆ**ଜିର ଶିଶୁ ଭବିଷ୍ୟତର ନାଗରିକ ଓ ସେହି କ୍ରମରେ ଆଜିର ଶିଶୁଟିଏ ହସିଲେ ନିଶ୍ଚୟ ଆସନ୍ତାକାଲି ଦେଶ ହସିବ। ତେଣୁ ଦେଶରେ ଶିଶୁଟିଏ ସୁରକ୍ଷିତ ଭାବରେ ଓ ଖୁସିରେ ରହିବା ଦରକାର। କିନ୍ତୁ ସେଥିପାଇଁ ଆମେ ଓ ଆମ ସରକାର କେତେ ଯତ୍ନବାନ ତାହା ହେଉଛି ଆଜିର ମୁଖ୍ୟ ଆଲୋଚ୍ୟ ବିଷୟ।

ଜାତିସଂଘର ସାଧାରଣ ପରିଷଦ ୧୯୫୯ ନଭେମ୍ବର ୨୦ ଦିନ ଶିଶୁ ଅଧିକାର ସମ୍ପର୍କିତ ଘୋଷଣାନାମା ଓ ୧୯୮୯ ନଭେମ୍ବର ୨୦ରେ ଶିଶୁ ଅଧିକାର ସମ୍ପର୍କିତ ସମ୍ମିଳନୀକୁ ଗ୍ରହଣ କରିଥିବାରୁ ସମଗ୍ର ବିଶ୍ୱରେ ନଭେମ୍ବର ୨୦କୁ ବିଶ୍ୱ ଶିଶୁ ଦିବସ ଭାବେ ପାଳନ କରାଯାଏ। ଶିଶୁ ଦିବସ ପ୍ରଥମେ ଆମେରିକାର ଚେଲସିଆସ୍ଥିତ ଧର୍ମଯାଜକ ଡ. ଚାର୍ଲସ ଲିଓନାର୍ଡଙ୍କ ଦ୍ୱାରା ୧୮୫୭ରେ ଆରମ୍ଭ ହୋଇଥିଲା। ସେ ପ୍ରଥମେ ଶିଶୁମାନଙ୍କ ପାଇଁ ଏହି ଦିବସକୁ ରୋଜ ଡେ ପରେ ଫ୍ଲାୱାର ସଣ୍ଡେ ଓ ପରେ ପରେ ଶିଶୁ ଦିବସ ବୋଲି ନାମକରଣ କରିଥିଲେ। ଆମ ଦେଶରେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ନଭେମ୍ବର ୧୪ ଦିନ ଶିଶୁ ଦିବସ ପାଳନ କରାଯାଏ।

**ଫୁରସତ୍**

## ବିବାହ କରିବେ କୀର୍ତ୍ତି ସୁରେଶ

ଚେନ୍ନାଇ



ସାଉଥ୍ ଅଭିନେତ୍ରୀ କୀର୍ତ୍ତି ସୁରେଶ ଖୁବ୍‌ଶୀଘ୍ର ଅଭିନେତା ବରୁଣ ଧାୱନଙ୍କ 'ବେବି ଜନ୍' ଫିଲ୍ମ ସହ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ତେବେ ମଙ୍ଗଳବାର କୀର୍ତ୍ତିଙ୍କୁ ନେଇ ଏକ ଅପ୍‌ଡେଟ ସାମ୍ନାକୁ ଆସିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଡିସେମ୍ବର ଦ୍ୱିତୀୟ ସପ୍ତାହରେ କୀର୍ତ୍ତି ତାଙ୍କର ଦୀର୍ଘ ଦିନର ପ୍ରେମିକ ଆଣ୍ଟୋନି ଥାଟିଲଙ୍କୁ ବିବାହ କରିବେ। ଦୁବାଇର ଜଣାଶୁଣା ବ୍ୟବସାୟୀ ଆଣ୍ଟୋନିଙ୍କ ସହ ଗତ ୧୫ ବର୍ଷ ଧରି ସେ ରିଲେଶନଶିପ୍‌ରେ ଥିଲେ। ଉଭୟ କୀର୍ତ୍ତି ଏବଂ ଆଣ୍ଟୋନି ଗୋଆରେ ବିବାହ କରିବେ ବୋଲି ଏହି ରିପୋର୍ଟ କହିଛି।

ଗୋଆରେ କୀର୍ତ୍ତିଙ୍କର ଗ୍ରାଣ୍ଡ ଡେଷ୍ଟିନେଶନ ୱେଡିଂ ଆସନ୍ତା ମାସ ୧୧ ଏବଂ ୧୨ରେ ଅନୁଷ୍ଠିତ ହେବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ବିବାହରେ ଉଭୟ କୀର୍ତ୍ତି ଏବଂ ଆଣ୍ଟୋନିଙ୍କ ପରିବାରବର୍ଗଙ୍କ ସହ ନିକଟ ବନ୍ଧୁ ଓ ସମ୍ପର୍କୀୟ ଯୋଗଦେବେ। ଆଗାମୀ ଦିନରେ କୀର୍ତ୍ତିଙ୍କ ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଏହି ରିପୋର୍ଟ ଅନୁଯାୟୀ, ହାଇସ୍କୁଲରେ ଉଭୟ କୀର୍ତ୍ତି ଏବଂ ଆଣ୍ଟୋନି ଏକସଙ୍ଗେ ପଢୁଥିଲେ। ସେମାନଙ୍କ ବନ୍ଧୁତା ଧୀରେ ଧୀରେ ବଢ଼ିବାକୁ ଲାଗିଥିଲା। ପରେ ଉଭୟ ରିଲେଶନଶିପ୍‌ରେ ଆସିବାକୁ ନିଷ୍ପତି ନେଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା କୀର୍ତ୍ତି କୌଣସି ମଧ୍ୟ ସୋସିଆଲ ମିଡିଆ ପୋଷ୍ଟରେ ଆଣ୍ଟୋନିଙ୍କ ସହ ପ୍ରେମ ସମ୍ପର୍କକୁ ସାର୍ବଜନୀନ କରିନାହାନ୍ତି।

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୯।୧୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ନାରାୟଣପୁର ପୋଲିସ ନିକଟରେ ଜଣେ ମହିଳା ମାଓବାଦୀ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପରତାପୁର ଏରିଆ କମିଟି ସଦସ୍ୟା ଆଇତେ ନୁରେଟି ଓରଫ ନନ୍ଦିନୀ। ନାରାୟଣପୁର ଜିଲା ପୋଲିସ ଅଧୀକ୍ଷକ ପ୍ରଭାତ କୁମାର ଓ ଉପ ଅଧୀକ୍ଷକ ବିନୟ କୁମାରଙ୍କ ନିକଟରେ ସେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ୨୫ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଣାପଡିଛି।

# ମାଟିତଳୁ ମିଳିଲା ଶିଶୁପୁତ୍ର ମୃତଦେହ

### ମା', ବାପା ଅଟକ

ଚୌଦ୍ୱାର,୧୯।୧୧ (ଆଶୁତୋଷ ଦାସ)

କଟକ ଜିଲା ଚୌଦ୍ୱାର ପୌରପାଳିକା ୮ନଂ. ୱାର୍ଡ ବ୍ୟାଘ୍ରବାହିନୀ ମନ୍ଦିର ନିକଟ ଆଦିବାସୀ ବସ୍ତିରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୬ ମାସର ଶିଶୁପୁତ୍ରକୁ ତାଙ୍କ ମା', ବାପା ମାରିଦେଇ ଓଟିଏମ୍ ସ୍କୁଲ ପଛପଟ ଏକ ଜଙ୍ଗଲିଆ ସ୍ଥାନରେ ପୋତି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକଙ୍କ ଉପସ୍ଥିତିରେ ମାଟିତଳୁ ଶିଶୁପୁତ୍ରର ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଏହି ଘଟଣାରେ ପୋଲିସ ମୃତଶିଶୁର ମା' ସୋମବାରୀ ହେମ୍ବ୍ରମ ଓ ବାପା ରାଜୁ ହେମ୍ବ୍ରମଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୪) ରୁଜୁ ହୋଇଛି।



ମାଟିତଳୁ ଶିଶୁପୁତ୍ର ମୃତଦେହ ଉଦ୍ଧାର କରାଯାଉଛି।

ଅଭିଯୋଗ ଅନୁଯାୟୀ, ରବିବାର ରାତିରେ ଶିଶୁପୁତ୍ର ତାଙ୍କ ମା', ବାପାଙ୍କ ପାଖରେ ଶୋଇଥିବାବେଳେ ମୃତ୍ୟୁ ଘଟିଥିଲା। ପରେ ସେମାନେ ତରବରିଆ ଭାବେ କାହାକୁ କିଛି ନ ଜଣାଇ ମୃତଦେହକୁ ନେଇ ପୋତିଦେଇଥିଲେ। ତେଣୁ ଶିଶୁପୁତ୍ରଙ୍କୁ ତାଙ୍କ ମା'ବାପା ନିଶାସକ୍ତ ଅବସ୍ଥାରେ ହତ୍ୟା କରିଥିବା ଗ୍ରାମବାସୀ ଅଭିଯୋଗ କରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ସୋମବାରୀ ଓ ରାଜୁ କହିଛନ୍ତି, ପୁଅକୁ ଥଣ୍ଡା ଓ କଫ ହୋଇଥିଲା। ତେଣୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇବା ସହ ଔଷଧ ଖାଇବାକୁ ଦେଇଥିଲୁ। କଫ ଜାକିଦେବାରୁ ସୋମବାର ରାତିରେ ପୁଅର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଆମ ନାଁରେ ମିଥ୍ୟା ଅଭିଯୋଗ କରୁଛନ୍ତି। ଅପରପକ୍ଷରେ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ସୂଚନାଯୋଗ୍ୟ, ରାଜୁଙ୍କ ୫ଟି ଝିଅ ଥିବାବେଳେ ସେ ଏକମାତ୍ର ୬ମାସର ପୁଅକୁ ହରାଇ ବସିଛନ୍ତି।

## କାମାକ୍ଷାନଗର ଉପଜିଲାପାଳଙ୍କୁ ଗିରଫ କଲା ଭିଜିଲାନ୍ସ

### ପ୍ରକୃତ ଆୟଠାରୁ ଆୟବହିର୍ଭୂତ ସମ୍ପତ୍ତି ୧୩୦% ଅଧିକ

ଭୁବନେଶ୍ୱର/ଢେଙ୍କାନାଳ, ୧୯।୧୧ (ସତ୍ୟଜିତ୍ ରାଉତ/ରତନ ନାୟାର)



ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ପ୍ରକୃତ ଆୟଠାରୁ ୧୩୦ ପ୍ରତିଶତ ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ। ଭିଜିଲାନ୍ସ ଯାଞ୍ଚରୁ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟର ଗୁମର ଜଣାପଡ଼ିବା ପରେ ନାରାୟଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଏପରି କି ଏତେ ସମ୍ପତ୍ତି କେଉଁ ଉତ୍ସରୁ ଅର୍ଜନ କଲେ, ସେନେଇ ନାରାୟଣ ଭିଜିଲାନ୍ସକୁ କହିଥିବା ଉତ୍ତରରେ ତାଳମେଳ ରହିନାହିଁ। ଏ ସଂକ୍ରାନ୍ତରେ ଭିଜିଲାନ୍ସ ସେଲ୍ ଥାନାରେ ନାରାୟଣ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ପିସି (ଆମେଣ୍ଡମେଣ୍ଟ) ଆକ୍ଟ-୨୦୧୮ ଅନୁଯାୟୀ ଏକ ମାମଲା (ନଂ. ୧୩/୨୦୨୪) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ନାରାୟଣଙ୍କୁ ଗିରଫ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

କୋଡ଼ିଙ୍ଗା, ୧୯।୧୧ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଞ୍ଚଳର ଜଣେ ମୂକ ବଧିର ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତକରି ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଡମ୍ବରୁ ଗଣ୍ଡା (୩୦)। ପୋଲିସ ସୂଚନାନୁଯାୟୀ, ରବିବାର ରାତି ପ୍ରାୟ ୮.୩୦ରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଗାଁମୁଣ୍ଡର ଏକ ନିଛାଟିଆ ଜାଗାକୁ ଡାକିନେଇଥିଲେ। ସେଠାରେ ତାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲେ। ସେଠାରୁ ଫେରି ପୀଡ଼ିତା ଘଟଣା ସମ୍ପର୍କରେ ଘରେ ଜଣାଇଥିଲେ। ଯୁବତୀଙ୍କ ମା' କୋଡ଼ିଙ୍ଗା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। କାଡ଼ିଙ୍ଗା ଥାନା ପୋଲିସ କେସ୍ ନଂ. ୧୯୭/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ ଯାଞ୍ଚକରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଡାକ୍ତରୀ ମାଇନା କଲାପରେ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଉଲ୍ଲାସ ମାଝୀ କହିଛନ୍ତି।

## ଧରାପଡ଼ିଲେ ସ୍କୁଟି ଦିଦିଙ୍କ ସମେତ ୩

### ୫୫.୨୬ ଗ୍ରାମ୍ ବ୍ରାଉନସୁଗାର ଜବତ

ଜଳେଶ୍ୱର, ୧୯।୧୧(ନବୀନ ସାହୁ/ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ହାତରେ ଧରାପଡିଛନ୍ତି ବ୍ରାଉନସୁଗାର ବେପାରୀ ସ୍କୁଟି ଦିଦି ଓରଫ୍ ରୁକ୍‌ସାନା ବିବି(୨୪)। ପୂର୍ବରୁ ସେ ତାଙ୍କ ଭିଣୋଇଙ୍କ ସହ ମିଶି କାରବାର ଚଳାଉଥିଲେ। ୨ବର୍ଷ ପୂର୍ବରୁ ଭିଣୋଇ ଗିରଫ ହେବା ପରେ ରୁକ୍‌ସାନା ଏକ ସ୍କୁଟିରେ ଜଳେଶ୍ୱର ଏବଂ ବିଭିନ୍ନ ଅଞ୍ଚଳକୁ ଯାଇ ବ୍ରାଉନସୁଗାର କାରବାର ଜାରି ରଖିଛନ୍ତି। ଖବରପାଇ ଜଳେଶ୍ୱର ଏସ୍‌ଡିପିଓଙ୍କ ନେତୃତ୍ୱରେ ୧୫ଜଣିଆ ପୋଲିସ ଟିମ୍ ମଙ୍ଗଳବାର ଶେଖବାର୍ଡ ବସ୍ତିରେ ଅଚାନକ ଚଢ଼ାଉକରି ୫୫.୨୬ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ନଗଦ ୮ହଜାର ୭୦୦ ଟଙ୍କା ସହ ରୁକ୍‌ସାନା ଓ ତାଙ୍କ ମା' ବାପାଙ୍କୁ ଗିରଫ କରାଯାଇଥିବା ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ପୂର୍ବରୁ ସ୍କୁଟି ଦିଦି ତାର ଭିଣୋଇଙ୍କ ସହ ମିଶି ବାଂଲାଦେଶରୁ ଭାୟା ମୁର୍ଶିଦାବାଦ ଦେଇ ଜଳେଶ୍ୱରକୁ ବ୍ରାଉନସୁଗାର ଆଣି ବେପାର ଚଳାଉଥିଲେ। ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ତାଙ୍କ ଭିଣୋଇଙ୍କୁ ଗିରଫ କରିବା ସହ ହେରୋଇନ ଓ ନଗଦ ୧୦ଲକ୍ଷ ଟଙ୍କା ଏବଂ କାର୍‌କୁ ଜବତ କରିଥିଲା। ଭିଣୋଇଙ୍କ ଗିରଫ ପରେ



ଜବତ ବ୍ରାଉନ୍‌ସୁଗାର ସହ ଗିରଫ ଅଭିଯୁକ୍ତ।

ସ୍କୁଟି ଦିଦି ସ୍ୱାମୀଙ୍କ ସହ ମିଶି ପୁଣି ବେପାର ଆରମ୍ଭ କରିଥିଲେ। ଗତ ଦେଢ଼ବର୍ଷ ପୂର୍ବରୁ ସ୍ୱାମୀ ମଧ୍ୟ ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ଦ୍ୱାର ଗିରଫ ହୋଇଛନ୍ତି। ଏବେ ତାଙ୍କ ସ୍ୱାମୀ ଓ ଭିଣୋଇ ପଶ୍ଚିମବଙ୍ଗର ଆଲିପୁର କାରାଗାରରେ ଅଛନ୍ତି। ଖବରଦାତା ସମ୍ମିଳନୀରେ ଜଳେଶ୍ୱର ଏସ୍‌ଡିପିଓ ସାହୁ ଓ ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ତଣ୍ଟିଚିପି ଯୁବକଙ୍କୁ ହତ୍ୟା

ରାଜଗାଙ୍ଗପୁର, ୧୯।୧୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳର ୧୩ନଂ. ୱାର୍ଡ ବାରୁପଡ଼ା ପାଲନଖେତରେ ସୋମବାର ମଧ୍ୟରାତ୍ରରେ ଜଣେ ଯୁବକଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଛି। ମୃତକ ହେଲେ ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁରୁନିଆ ଫକରପଡ଼ାର କିଶୋର ଗନ୍ଧା(୪୨)। କିଶୋରଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

କିଶୋର ବାରୁପଡ଼ା ପାଲନଖେତରେ ବିବାହ କରି ପ୍ରାୟ ୨୦ବର୍ଷ ହେବ ଶ୍ୱଶୁର ଘରେ ରହିଆସୁଛନ୍ତି। ତାଙ୍କର ଗୋଟିଏ ପୁଅ, ଦୁଇଟି ଝିଅ। ସୋମବାର ରାତିରେ ସମସ୍ତେ ଖାଇସାରି ମୁଖ୍ୟଗେଟ ବନ୍ଦ କରି ଶୋଇପଡ଼ିଥିଲେ। ରାତି ପ୍ରାୟ ୧ଟାରେ କିଶୋରଙ୍କ ସ୍ତ୍ରୀ ଶୌଚ ଯିବା ପାଇଁ ଉଠିଥିଲେ। କିଶୋର ଘରେ ନ ଥିବା ଓ ମୁଖ୍ୟ ଗେଟ ଖୋଲା ଥିବା ଦେଖିଥିଲେ। ଖୋଜିବା ପରେ କିଶୋର ଘରଠାରୁ କିଛି ଦୂରରେ ଅଚେତ ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର କିଶୋରଙ୍କୁ ମୃତ ଘୋଷିତ କରିଥିଲେ। କିଶୋରଙ୍କ ବେକ ଓ ଛାତିରେ ନଖଦାଗ ରହିଥିବାରୁ ତାଙ୍କ ତଣ୍ଟିଚିପି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

## ଓପିଏଚ୍‌ଡବ୍ଲ୍ୟୁସି ଡିଜିଏମ୍ ସୁବାସ ପଣ୍ଡା ଗିରଫ

### ପ୍ରକୃତ ଆୟଠାରୁ ଆୟବହିର୍ଭୂତ ସମ୍ପତ୍ତି ୩୦୩% ଅଧିକ

ଭୁବନେଶ୍ୱର,୧୯।୧୧ (ସତ୍ୟଜିତ୍ ରାଉତ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି) ବ୍ରହ୍ମପୁର ଡିଭିଜନ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଭିଜିଲାନ୍ସ ମଙ୍ଗଳବାର ଗିରଫ କରିଛି। ଭିଜିଲାନ୍ସ ପକ୍ଷରୁ ହୋଇଥିବା ଯାଞ୍ଚ ପରେ ସୁବାସଙ୍କ ନିକଟରୁ ବିପୁଳ ପରିମାଣର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୩୦୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସୁବାସଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ

### ସ୍ତ୍ରୀଙ୍କ ନାମରେ ମଧ୍ୟ ମାମଲା

ପିସି (ଆମେଣ୍ଡମେଣ୍ଟ) ଆକ୍ଟ-୨୦୧୮ ଅନୁଯାୟୀ ଏକ ମାମଲା (ନଂ. ୨୪/୨୦୨୪) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ସୁବାସଙ୍କୁ ତାଙ୍କ ସ୍ତ୍ରୀ ସହଯୋଗ କରିଥିବା ଜଣାପଡ଼ିବା ପରେ ଭିଜିଲାନ୍ସ ତାଙ୍କୁ ମଧ୍ୟ ମାମଲାରେ ଅଭିଯୁକ୍ତ ଦର୍ଶାଇଛି। ସୁବାସଙ୍କୁ ଗିରଫ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚି ଚିୟାଁ ଶାରୀ,**
**ଚିକିଣିଆ ଭଣ୍ଡାରୀ,**
**ଚାହିଁ ଜଳକା ବିଟପୀ ନାରୀ**
**ଏ ବଡ଼ ମନ୍ଦା।**

ଅହରହ ରା କରୁଥିବା ଶାରୀକୁ କେହି ପସନ୍ଦ କରିନଥାନ୍ତି। ସେହିପରି ଚିକ୍କଣିଆ କଥା କହୁଥିବା ଭଣ୍ଡାରୀ ଓ ବିଟପୀ ନାରୀ, ଏମାନେ ସମସ୍ତେ ଖରାପ ସ୍ୱଭାବର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଲି ଯାଉଥାଏ ସରମକୁ,**
**କଥା ହେଉଥାଏ ଭରମକୁ,**
**ମରମ ଭିତରେ ଭିତରେ ଯାହା,**
**ସାକ୍ଷୀ ଦଉଥାଏ ଧରମକୁ।**

ଲାଜେଇ ଭୁଲେଇ ଭାଳେଇ କଥା ହେଉଥିଲେ ମଧ୍ୟ ବ୍ୟକ୍ତିର ମରମ ଯେଉଁଥିପାଇଁ ଦହି ହେଉଥାଏ, ସେ ତାହା ପ୍ରକାଶ କରିପାରି ନଥାଏ। ଖାଲି ଧର୍ମକୁ ସାକ୍ଷୀ ରଖି ଚାଲିଥାଏ। ପ୍ରଗାଢ଼ ପ୍ରେମ ପ୍ରତି ଗଭୀରତା ଅନୁଭବ କଲାବେଳେ ଏମିତି ଭାବନା ମନକୁ ଆସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

ନୂଆପଡ଼ା/କୋମନା,୧୯।୧୧ (ମକାରୁ ବେମାଲ/ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ଥାନା କଣ୍ଡେତରା ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କାଣ୍ଡେତରା ପଞ୍ଚାୟତର ସମିତିସଭ୍ୟା ରାମବତୀ ଶବରଙ୍କ ସ୍ୱାମୀ ଆସ୍କର ଶବର (୩୭)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର କାରଣ ଜଣାପଡି ନ ଥିବାବେଳେ ଗୁରୁତର ଆସ୍କରଙ୍କୁ ଚିକିତ୍ସା ପାଇଁ ରାୟପୁର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଆସ୍କର ସୋମବାର ରାତିରେ ନିକଟ ଗ୍ରାମକୁ ଧନୁଯାତ୍ରା ଦେଖିବାକୁ ଯାଇ ସକାଳ ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ପାଇ ନ ଥିଲେ। ସକାଳ ପ୍ରାୟ ୭ଟା ସମୟରେ ଲାଲଭଟା ଗାଁର ମହିଳାମାନେ ଶୌଚ ପାଇଁ ଯାଉଥିବା ସମୟରେ ଏକ ଆମ୍ବଗଛ ମୂଳରେ ମୁମୂର୍ଷୁ ଅବସ୍ଥାରେ ଜଣେ ବ୍ୟକ୍ତି ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକେ ଆସ୍କରଙ୍କୁ ଚିହ୍ନଟ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଆସ୍କରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଛି। ଆସ୍କରଙ୍କ ବାମହାତ ଭାଙ୍ଗିଯାଇଥିବା ବେଳେ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଉକ୍ତ ସ୍ଥାନରେ ରକ୍ତଛିଟା ପଡ଼ିଥିବା ବେଳେ ଠେଙ୍ଗା, ବାଡି ପଡ଼ିଥିବାରୁ କେହି ମରଣାତ୍ମକ ଆକ୍ରମଣ କରି ଫିଙ୍ଗି ଦେଇଥିବା ପରିବାର ଲୋକେ ଅନୁମାନ କରୁଛନ୍ତି। ତେବେ କେଉଁ କାରଣରୁ ଘଟଣା ଘଟିଛି ତାହା ଅସ୍ପଷ୍ଟ ରହିଛି। ଗୁରୁତର ଆସ୍କର ଠିକ୍ ଭାବରେ କଥା କହିପାରୁ ନାହାନ୍ତି। ତାଙ୍କ ପାଟି ଖୋଲିଲେ ଘଟଣା ଜଣାପଡିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇ ନାହିଁ।

## ୮ ମାଓବାଦୀ ଗିରଫ



ଗିରଫ ମାଓବାଦୀ

ମାଲକାନଗିରି, ୧୯।୧୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମଙ୍ଗଳବାର ୮ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଗିରଫମାନେ ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରିବା ପାଇଁ ଉସୁର-ଟେକ୍କେଟଲା ରାସ୍ତା ମଝିରେ ଆଇଇଡି ବୋମା ଖଞ୍ଜିବାକୁ ଯୋଜନା କରିଥିଲେ। ଜିଲା ରିଜର୍ଭ ଗାର୍ଡ ଏବଂ ସ୍ଥାନୀୟ ପୋଲିସ ଦ୍ୱାରା କରାଯାଇଥିବା ମାଓବାଦୀ ବିରୋଧୀ ଅପରେଶନ ସମୟରେ ଟେକମେଟଲା ଗ୍ରାମ ମଧ୍ୟରେ ୮ ମାଓବାଦୀଙ୍କୁ ଗିରଫ କରିଥିଲେ।

## ନାବାଳିକା ଅପହରଣ, ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୧୯।୧୧(ସଦାଶିବ ପ୍ରହରାଜ)

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ବିଚାରକରି ଅତିରିକ୍ତ ଜିଲାଜଜ୍ (ପୋକ୍ସୋ) ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ, ୩୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟେ ୧ ବର୍ଷ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ପ୍ରକାଶ ପାଇଛି। ୧୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ବିଚାରକରି ସେ ଏହି ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ହେଲେ ତେନ୍ତୁଳିଖୁଣ୍ଟି ଥାନା ଅଧୀନ କଣ୍ଟାଗାଁପଞ୍ଚାୟତ ଅଞ୍ଚଳର ସୁନାଧର ସେରା।

ସୂଚନାନୁଯାୟୀ, ପୀଡ଼ିତା ନାବାଳିକା ଗାଁର ଚନ୍ଦ୍ରିକା ଗୌଡ଼ଙ୍କ ଘରେ କୁଲି କାମ କରୁଥିଲେ। ଗତ ଜାନୁଆରୀ ୧୫ରେ ନାବାଳିକା ମଜୁରି ଟଙ୍କା ପାଇଁ ଚନ୍ଦ୍ରିକାଙ୍କ ଘରକୁ ଯାଇ ଆଉ ଫେରି ନ ଥିଲେ। ଅଭିଯୁକ୍ତ ସୁନାଧର ନାବାଳିକାଙ୍କୁ ଅପହରଣ କରିନେଇଥିବା ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଚ୍ଚିଦାନନ୍ଦ ସ୍ୱାଇଁ ପରିଚାଳନା କରୁଥିଲେ।

# ଅତିରିକ୍ତ ତହସିଲଦାରଙ୍କୁ ମାଡ଼ମାରିଲେ ମହିଳା

### ଜାତିଗତ ପ୍ରମାଣପତ୍ର ନ ମିଳିବାରୁ ଉତ୍ତେଜନା

ଦେଓଗାଁ,୧୯।୧୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ଜାତିଗତ ପ୍ରମାଣପତ୍ର ନିର୍ଦ୍ଧାରିତ ସମୟରେ ନ ମିଳିବା ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅଫିସରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରମାଣପତ୍ର ନ ମିଳିବାରୁ ଚାକିରି ହରାଇବାକୁ ପଡ଼ିଲା ବୋଲି ଅଭିଯୋଗକରି ଆବେଦନକାରୀଙ୍କ ପରିବାର ଲୋକେ ଓ ଗ୍ରାମର ମହିଳା ଅତିରିକ୍ତ ତହସିଲଦାର ସୋମକେଶ ନାୟକଙ୍କୁ କଲର ଧରି ମାଡ଼ ମାରିଥିବା ଦେଓଗାଁ ଥାନାରେ ଅଭିଯୋଗ ହୋଇଛି। ଏପରି କି ସାର୍ଟିଫିକେଟ ନ ଦେଲେ ତହସିଲ ଅଫିସ୍ ଛାଡିବେ ନାହିଁ ବୋଲି ଅଡ଼ିବସି ସେମାନେ ଅତିରିକ୍ତ ତହସିଲଦାରଙ୍କ କୋଠରି ସମ୍ମୁଖରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ପରିସ୍ଥିତି ଅଣାୟତ୍ତ ହେବା ଆଶଙ୍କା କରି ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଥିଲେ।

ପ୍ରକାଶ ଯେ, ଦେଓଗାଁ ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ଆର୍‌ଆଇ ଅଫିସ ଅଧୀନରେ ଥିବା ସତିଘାଟ ଗ୍ରାମର ବିବେକ ମେହେର ୧୯।୧୦।୨୦୨୪ରେ



ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ଏସ୍‌ଡିପିଓ।

ଜାତିଗତ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଏହାକୁ ତହସିଲଦାର କୌଣସି କାରଣରୁ ରଦ୍ଦକରିବା ପରେ ସେ ସେହି ମାସ ୨୯ ତାରିଖରେ ପୁଣି ଏକ ଆବେଦନ କରିଥିଲେ। କିନ୍ତୁ ଅତିରିକ୍ତ ତହସିଲଦାର ନାୟକ କୌଣସି କାରଣ ନ ଦର୍ଶାଇ ଜାତିଗତ ପ୍ରମାଣପତ୍ରକୁ ଦ୍ୱିତୀୟ ଥର ମଧ୍ୟ ବାତିଲକରି ଦେଇଥିଲେ। ଫଳରେ ଜାତିଗତ ପ୍ରମାଣପତ୍ର ନ ମିଳିବାରୁ ସିଆର୍‌ପିଏଫ୍‌ରେ ମିଳିବାକୁ ଥିବା ଚାକିରି ବିବେକ ପାଇପାରିଲେ ନାହିଁ ବୋଲି ପରିବାର ଲୋକେ ଅଭିଯୋଗକରି ତହସିଲ ଅଫିସ୍ ଆସି ଅତିରିକ୍ତ ତହସିଲଦାରଙ୍କ ଉପରେ ବର୍ଷିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବିବେକଙ୍କ ପରିବାର ଲୋକଙ୍କୁ ଅତିରିକ୍ତ ତହସିଲଦାର ନାୟକ କୁଆଡ଼େ ପ୍ରଥମେ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ତହସିଲ ଅଫିସ୍‌କୁ ଗ୍ରାମବାସୀଙ୍କ ସହ ଆସିଥିବା ମହିଳାମାନେ ଉତ୍କ୍ଷିପ୍ତ ହୋଇ ଅତିରିକ୍ତ ତହସିଲଦାରଙ୍କ କଲର ଧରି ମାଡ଼ ମାରିଥିବା ଚର୍ଚ୍ଚା ହେଉଥିବା ବେଳେ ଏନେଇ ଏକ ଭିଡିଓ ଭାଇରାଲ ହୋଇଛି। ଘଟଣା ଅଣାୟତ୍ତ ହେବାରୁ ଦେଓଗାଁ ଆଇଆଇସି ବୁଲୁ ମୁଣ୍ଡାଙ୍କ ସମେତ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଆନ୍ଦୋଳନକାରୀ ସାର୍ଟିଫିକେଟ୍ ନ ଦେଲେ ତହସିଲ କାର୍ଯ୍ୟାଳୟ ଛାଡ଼ିବେ ନାହିଁ ବୋଲି କହି ଧାରଣାରେ ବସି ରହିଥିଲେ। ପରେ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ୧ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଅତିରିକ୍ତ ତହସିଲଦାର କରିଥିବା ଦୁର୍ବ୍ୟବହାର ପାଇଁ କ୍ଷମା ମାଗନ୍ତୁ ବୋଲି ଧାରଣାରେ ବସିଥିବା ମହିଳାମାନେ ଜିଦ୍ ଧରିଥିଲେ। ପରେ ଏସ୍‌ଡିପିଓ ସାହୁ ୨ ଦିନ ସମୟ ମାଗି ସମସ୍ୟା ନେଇ ଜିଲା ପ୍ରଶାସନ ସହ ଆଲୋଚନାକରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଓହରିଥିଲେ। ଯଦି ୨ଦିନ ଭିତରେ ଏହାର ସମାଧାନ ନ ହୁଏ ତହସିଲ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସୋମେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୭୦ ଟ୍ରେନ୍‌ରେ ସଂଯୋଗ ହେବ ୧ ହଜାର ଦ୍ୱିତୀୟ ଶ୍ରେଣୀ କୋଚ୍

ଭୁବନେଶ୍ୱର,୧୯।୧୧
(ଅନୁରାଧା ମହାରଣା)

ରେଳଯାତ୍ରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଭାରତୀୟ ରେଳପଥ ପକ୍ଷରୁ ଯାତ୍ରୀସେବାକୁ ତ୍ୱରାନ୍ୱିତ କରାଯାଉଛି। ଏହି କ୍ରମରେ ଗତ ୩ମାସ ମଧ୍ୟରେ ବିଭିନ୍ନ ଟ୍ରେନରେ ସାଧାରଣ ବର୍ଗ (ଜିଏସ୍)ର ପ୍ରାୟ ୬୦୦ ନୂତନ ଅତିରିକ୍ତ କୋଚ୍ ସଂଯୋଗ କରାଯାଉଛି। ଏହି ସମସ୍ତ କୋଚ୍ ନିୟମିତ ଟ୍ରେନରେ ସଂଯୋଗ କରାଯାଇଛି। ଏଥିସହ ଚଳିତ ମାସ ଶେଷ ସୁଦ୍ଧା ପ୍ରାୟ ୩୭୦ ନିୟମିତ ଟ୍ରେନରେ ଏକ ହଜାରରୁ ଅଧିକ ସାଧାରଣ ବର୍ଗ କୋଚ୍ ସଂଯୋଗ କରାଯିବ। ରେଳ ଚଳାଚଳରେ ନୂତନ ଜିଏସ୍ କୋଚ୍ ସଂଯୋଗ ଦ୍ୱାରା ଦୈନିକ ପ୍ରାୟ ଏକଲକ୍ଷ ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏହାବ୍ୟତୀତ ଆସନ୍ତା ଦୁଇବର୍ଷ ମଧ୍ୟରେ ରେଳ ଚଳାଚଳରେ ବହୁ ସଂଖ୍ୟକ ଅଣ-ଏସି କୋଚ ଅନ୍ତର୍ଭୁକ୍ତ କରାଯିବ।

ସାଧାରଣ ବର୍ଗର ରେଳଯାତ୍ରୀଙ୍କ ପାଇଁ ନୂତନ ସୁବିଧା ବିଷୟରେ ରେଳ ବୋର୍ଡ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି।



ରେଳବାଇ କାର୍ଯ୍ୟନିର୍ବାହୀ (ସୂଚନା ଏବଂ ପ୍ରଚାର) ଦିଲୀପ କୁମାର କହିଛନ୍ତି ଯେ, ରେଳପଥର ସାଧାରଣ ପ୍ରାଥମିକତା ମଧ୍ୟରେ ସାଧାରଣ ବର୍ଗର ଯାତ୍ରୀ ଅଛନ୍ତି। ଏହି ବର୍ଗର ଯାତ୍ରୀଙ୍କୁ ସର୍ବାଧିକ ସୁବିଧା ଯୋଗାଇବା ପାଇଁ ରେଳପଥ ବିଭିନ୍ନ ଦିଗରେ କାର୍ଯ୍ୟ କରୁଛି। ରେଳବାଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କହିଛନ୍ତି ଯେ, ଆସନ୍ତା ଦୁଇବର୍ଷ ମଧ୍ୟରେ ୧୦ ହଜାରରୁ ଅଧିକ ଅଣ-ଶୀତତାପ ନିୟନ୍ତ୍ରିତ ସାଧାରଣ ଶ୍ରେଣୀ (ଜିଏସ୍) କୋଚ ରେଳ ଚଳାଚଳରେ ଅନ୍ତର୍ଭୁକ୍ତ ହେବ। ଏଥିମଧ୍ୟରୁ ୬ ହଜାରରୁ ଅଧିକ ଜିଏସ୍ କୋଚ ହେବାକୁ ଥିବାବେଳେ ଅବଶିଷ୍ଟ କୋଚ ଶୟନ ଶ୍ରେଣୀ ହେବ। ଏତେସଂଖ୍ୟକ ଅଣ-ଏସି କୋଚ ଅନ୍ତର୍ଭୁକ୍ତ ହେବା ସହିତ ସାଧାରଣ ଶ୍ରେଣୀର ପ୍ରାୟ ୮ଲକ୍ଷ ଯାତ୍ରୀ ରେଳ ଯୋଗେ ଯାତ୍ରା କରିପାରିବେ। ଜିଏସ୍ ବର୍ଗର ଏହି ନୂତନ ଉତ୍ପାଦିତ କୋଚଗୁଡିକ ଏଲ୍ଏଚ୍‌ବିର ହେବ। ଏହା ଯାତ୍ରାକୁ ଆରାମଦାୟକ ଓ ସୁବିଧାଜନକ ତଥା ନିରାପଦ ଏବଂ ଦ୍ରୁତ ଗତିରେ ସାହାଯ୍ୟ କରିବ। ଏହି ନୂତନ ଏଲ୍ଏଚ୍‌ବି କୋଚ୍‌ଗୁଡିକ ସାଧାରଣ ଆଇସିଏଫ୍ ରେଳ କୋଚ ଅପେକ୍ଷା ଅପେକ୍ଷାକୃତ ହାଲୁକା ଏବଂ ଶକ୍ତିଶାଳୀ ହୋଇଥିବାରୁ ଦୁର୍ଘଟଣା ହେଲେ ଏହି କୋଚଗୁଡ଼ିକରେ କମ୍ କ୍ଷତି ହେବ।

# ଏସ୍‌ବିଆଇ ହର୍ନିମାନ୍ ସର୍କଲ ଶାଖାର ଶତବାର୍ଷିକୀ ଉତ୍ସବ



ମୁମ୍ବାଇ,୧୯।୧୧

ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ(ଏସ୍‌ବିଆଇ)ର ମୁମ୍ବାଇସ୍ଥିତ ହର୍ନିମାନ୍ ସର୍କଲ ଶାଖାର ଶତବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏକ ୧୦୦ ଟଙ୍କିଆ ସ୍ମାରକୀ ମୁଦ୍ରା ସହିତ 'ଦି ଇଭଲ୍ୟୁଶନ ଅଫ୍ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ' ର ୫ମ ସଂସ୍କରଣକୁ ମଧ୍ୟ ଉନ୍ମୋଚନ କରିଛନ୍ତି, ଯେଉଁଥିରେ ୧୯୮୧ ରୁ ୧୯୯୬ ପର୍ଯ୍ୟନ୍ତର ବ୍ୟାଙ୍କ ଯାତ୍ରାର ଦସ୍ତାବିଜ ରହିଛି। ଏହି ଅବସରରେ ଆର୍ଥିକ ସେବା ବିଭାଗର ସଚିବ ଏମ୍. ନାଗରାଜୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଐତିହ୍ୟ ହର୍ନିମାନ୍ ସର୍କଲ ଶାଖାକୁ ୧୮୬୩ ରେ ତତ୍କାଳୀନ ବ୍ୟାଙ୍କ ଅଫ୍ ବମ୍ବେ ପକ୍ଷରୁ ଖୋଲାଯାଇଥିଲା। ଏହାର ଢାଞ୍ଚାକୁ ଗ୍ରେଡ୍୨ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଥିବାବେଳେ ଏହା ହେଉଛି ଭାରତୀୟ ବ୍ୟାଙ୍କ ଇତିହାସର ମୂଳଦୁଆ ଭାବେ ଦଣ୍ଡାୟମାନ ହୋଇଛି।

ଏ ନେଇ ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି, ଏସ୍‌ବିଆଇର ଉଲ୍ଲେଖନୀୟ ଯାତ୍ରା, ଏହାର ଆଇକନିକ୍ ଶାଖାର ଶତବାର୍ଷିକୀ ଉତ୍ସବରେ ପରିଣତ ହୋଇଛି, ଯାହା ଅଭିବୃଦ୍ଧି ଏବଂ ସେବାର ଏକ ଅସାଧାରଣ ପରମ୍ପରାକୁ ପ୍ରତିଫଳିତ କରୁଛି।

ଏସ୍‌ବିଆଇର ଅଧ୍ୟକ୍ଷ ସି.ଏସ୍. ସେଟ୍ଟି କହିଛନ୍ତି, ଏସ୍‌ବିଆଇ ଏହାର ଗୌରବମୟ ପରମ୍ପରାକୁ ପ୍ରତିଫଳିତ କରୁଥିବାବେଳେ ଆମେ ଭାରତର ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ହୋଇ ଗର୍ବ ଅନୁଭବ କରୁଛୁ। ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରୁଛୁ ଏବଂ ଏହି ଶିଳ୍ପକୁ ପୁନଃ ପରିକଳ୍ପିତ କରିଥିବା ପରିବର୍ତ୍ତନଶୀଳ ବ୍ୟାଙ୍କିଙ୍ଗ୍ ଉଦ୍ଭାବନର ଅଗ୍ରଣୀ ରହିଛୁ। ଏସ୍‌ବିଆଇ ଏକ ନୂତନ ଯୁଗ ଆରମ୍ଭ କରୁଥିବା ବେଳେ ଏହି ମାଇଲଖୁଣ୍ଟ ଆମର ସ୍ଥାୟୀ ପରମ୍ପରାର ପ୍ରମାଣ ଏବଂ ପ୍ରତ୍ୟେକ ଭାରତୀୟଙ୍କ ବିବିଧ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଆମର ଅତୁଟ ସମର୍ପଣକୁ ସୁଦୃଢ଼ କରୁଛି,ଯାହା ଆମକୁ ପ୍ରକୃତରେ 'ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବ୍ୟାଙ୍କରେ ପରିଣତ କରିଛି।

# ପ୍ରଥମ ରାଜ୍ୟସ୍ତରୀୟ ଉର୍ଜା ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୧୧(ଅଭୟ ଦାଶ)

ଶକ୍ତିସଂରକ୍ଷଣ ଏବଂ ସ୍ୱଚ୍ଛଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ପାୱାର ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ଉର୍ଜା ମେଳା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୪୭୦ରୁ ଅଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

ଜାତୀୟ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ ଅବସରରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଟାଟା ପାୱାର କ୍ଲବ୍ ଏନର୍ଜି ପଦକ୍ଷେପର ଏକ ଅଂଶ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଗତ ୩ ବର୍ଷ ମଧ୍ୟରେ କ୍ଲବ୍ ଏନର୍ଜିର ଉପସ୍ଥିତି, ସାରା ଓଡ଼ିଶାରେ ଉଲ୍ଲେଖନୀୟ ଭାବେ ବିସ୍ତାର ହୋଇଛି। ଟାଟା ପାୱାରର ୪ଟି ଡିସ୍‌କମ୍- ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏନ୍ଓଡିଏଲ୍ ଓ ଟିପିଏସ୍ଓଡିଏଲ୍ ଜରିଆରେ ଏହି କାର୍ଯ୍ୟକ୍ରମ ସାରା ରାଜ୍ୟର ପ୍ରମୁଖ ଅଞ୍ଚଳ ଯଥା ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଭଳି ଅଞ୍ଚଳର ୫୦୦ରୁ



ଅଧିକ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏପରିକି ନିକଟରେ ଆୟୋଜନ କରାଯାଇଥିବା ଅନେକ ମିନି ଉର୍ଜା ମେଳାରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ଏହିସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଟାଟା ପାୱାରର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ତଥା ସ୍ଥାୟିତ୍ୱ ଓ ସିଏସ୍ଆର ମୁଖ୍ୟ ହିମାଲ ତିୱାରୀଙ୍କ ସମେତ ପଦ୍ମଶ୍ରୀ ସାବରମତୀ ଟିକି ଏବଂ ୟୁନିସେଫ୍, ୟୁଏନ୍‌ଡିପି, ଟାଟା ଷ୍ଟିଲ୍, ଆଇଏଚ୍‌ସିଏଲ୍, ଟିସିଏସ୍ ଏବଂ ଟାଟା ଷ୍ଟ୍ରାଇଭର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ଗ୍ରୁପ୍, ଏଲ୍‌ଟିଆଇ ମାଇଣ୍ଡଟ୍ରି, ଜେଏସ୍‌ଏଲ୍, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଏବଂ ଲାଇଟ୍ ହାଉସ୍ ଫାଉଣ୍ଡେଶନ ଭଳି କର୍ପୋରେଟ୍ ଏବଂ ଏନ୍‌ଜିଓମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ନେଇ ହିମାଲ ତିୱାରୀ କହିଛନ୍ତି, ଟାଟା ପାୱାରର ଏହି ମିଶନ ମୂଳରେ ସ୍ଥାୟିତ୍ୱ ରହିଛି। ଉର୍ଜାମେଳା ଜରିଆରେ ଆମେ ଏକ ସବୁଜ, ସମାବେଶୀ ଭବିଷ୍ୟତ ଗଠନ କରିବା ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରୁଛୁ।

# ପ୍ଲାଟ୍‌ଫର୍ମରେ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ

ନୂଆଦିଲ୍ଲୀ,୧୯।୧୧

ଦେଶର ପ୍ରମୁଖ ଇ- କମର୍ସ ପ୍ଲାଟ୍‌ଫର୍ମ ମିଶୋ ଅନ୍‌ଲାଇନ ଠକେଇ ବିରୋଧରେ ଲଢ଼େଇ କରିବା ସହ ପ୍ଲାଟ୍‌ଫର୍ମରେ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରିଛି। ଏପରିକି ମିଶୋ ଟ୍ରଷ୍ଟ, ନିଶ୍ଚିତତା ଉପରେ ରିପୋର୍ଟର ଦ୍ୱିତୀୟ ସଂସ୍କରଣକୁ ଉନ୍ମୋଚନ କରିଛି। ମିଶୋର ସକ୍ରିୟ ପଦକ୍ଷେପ ଓ ସୁରକ୍ଷା ଉପଭୋକ୍ତାଙ୍କ ବିଶ୍ୱାସ ବୃଦ୍ଧି ପାଇଁ ଜାରି ରହିଛି। ଏପରିକି ବ୍ରାଣ୍ଡ ବୈଷୟିକ ଉଦ୍ଭାବନ, ବିଶ୍ୱସ୍ତରୀୟ ବିଶେଷଜ୍ଞଙ୍କ ସହ ଯୋଗାଯୋଗ ଓ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦେଇ ବିଶ୍ୱସ୍ତରୀୟ ଇ-ବାଣିଜ୍ୟ ପ୍ଲାଟ୍‌ଫର୍ମରେ ସୁନାମ ଅର୍ଜନ କରିଛି। ସେହିଭଳି ପ୍ରୋଜେକ୍ଟ ବିଶ୍ୱାସର ଏକ ଅଂଶ ଭାବେ କମ୍ପାନୀର ଉତ୍ସର୍ଗୀକୃତ ବିଶ୍ୱାସ ଓ ସୁରକ୍ଷା ଦଳକୁ ମଜଭୁତ କରିବାକୁ ପ୍ରୟାସ କରୁଛି। ପ୍ଲାଟ୍‌ଫର୍ମରେ ଉପଭୋକ୍ତାଙ୍କ ବିଶ୍ୱାସ ବଜାୟ ରଖିବା ଉପରେ କମ୍ପାନୀ ଧ୍ୟାନଦେଇଛି। ରିସ୍କ ଇଣ୍ଟେଲିଜେନ୍ସ ବିଶେଷଜ୍ଞଙ୍କ ସହିତ ସହଭାଗିତା ଓ ଏହାର ସାମର୍ଥ୍ୟ ବଢ଼ାଇବା ଲାଗି କମ୍ପାନୀ ଏହାର ଗତିଶୀଳ ଦୃଶ୍ୟପଟରେ ବିପଦ ସୁରକ୍ଷାକୁ ସକ୍ରିୟ ଭାବେ ମୁକାବିଲା ଲାଗି ପ୍ରସ୍ତୁତ ରହିଛି। ଗତ ୧୨ ମାସ ମଧ୍ୟରେ ମିଶୋ ୨.୨ କୋଟିରୁ ଅଧିକ ଠକେଇ କାରବାରକୁ ରୋକିଛି। ମିଶୋର ମହାପ୍ରବନ୍ଧକ (ଫୁଲ୍‌ଫିଲ୍‌ମେଣ୍ଟ ଓ ଏକ୍ସପେରିମେଣ୍ଟ) ସୌରଭ ପାଣ୍ଡେ କହିଛନ୍ତି, ମିଶୋର ରଣନୀତିର ପ୍ରମୁଖ ଉପାଦାନ ହେଉଛି, ପ୍ରୋଜେକ୍ଟ ବିଶ୍ୱ ଏକ ବ୍ୟାପକ ପଦକ୍ଷେପ, ଯାହା ଉଭୟ ଗ୍ରାହକ ଓ ବିକ୍ରେତାଙ୍କ ମଧ୍ୟରେ ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଇବା ଲାଗି ବିଭିନ୍ନ ପଦ୍ଧତିକୁ କାର୍ଯ୍ୟକାରୀ କରିଥାଏ। ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗକରି ସ୍ୱତନ୍ତ୍ର ଏଜେନ୍ସି ଓ ପରାମର୍ଶଦାତାଙ୍କ ସହ ଯୋଗାଯୋଗ କରିବା ସହ କଠୋର ଅନ୍ ଗ୍ରାଉଣ୍ଡ ଅଡିଟ୍ କରିବା ସହ ଆମେ ଠକେଇ ରୋକିବା ଲାଗି ଚେଷ୍ଟା କରୁଛୁ।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୯।୧୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୯ (୨୩୯.୩୭) ପଏଣ୍ଟ ବଢି ୭୭,୫୭୮ (୭୭,୫୭୮.୩୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୬୫ (୬୪.୭୦) ପଏଣ୍ଟ ବୃଦ୍ଧି ଘଟି ୨୩,୫୧୮ (୨୩,୫୧୮.୫୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଇଏସ୍‌ଆଇରେ ଯୋଡ଼ିହେଲେ ୨୦.୫୮ ଲକ୍ଷ ନୂଆ ସଦସ୍ୟ

ଭୁବନେଶ୍ୱର,୧୯।୧୧
(ଅନୁରାଧା ମହାରଣା)

କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି)ରେ ଆର୍ଥିକବର୍ଷ ୨୦୨୪-୨୫ ସେପ୍ଟେମ୍ବରରେ ୨୦.୫୮ ଲକ୍ଷ ମୋଟ୍ ନୂଆ ସଦସ୍ୟ ଯୋଡ଼ିହୋଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ଏହି ମାସରେ ୧୮.୮୮ ଲକ୍ଷ ଯୋଡ଼ିହୋଇଥିଲେ। ଗତବର୍ଷ ସେପ୍ଟେମ୍ବର ତୁଳନାରେ ଚଳିତ ବର୍ଷ ସେପ୍ଟେମ୍ବରରେ ୧.୭୦ ଲକ୍ଷ ଅର୍ଥାତ୍ ୯% ସଦସ୍ୟ ଯୋଡ଼ିହୋଇଛନ୍ତି। ତେବେ ଚଳିତ ମାସରେ ସାମିଲ ହୋଇଥିବା ସଦସ୍ୟଙ୍କ ମଧ୍ୟରୁ ୨୫ବର୍ଷ ମଧ୍ୟରେ ବୟସ ବର୍ଗରେ ୧୦.୦୫ ଲକ୍ଷ ଅର୍ଥାତ୍ ୪୮.୮୩% ସଦସ୍ୟ ପଞ୍ଜୀକରଣ କରିଛନ୍ତି। ଏହି ମାସରେ ଯୋଡ଼ିହୋଇଥିବା ସଦସ୍ୟଙ୍କ ମଧ୍ୟରେ ୩.୩୧ ଲକ୍ଷ ନେଟ୍ ମହିଳା ସଦସ୍ୟ ଓ ୬୪ ତୃତୀୟ ଲିଙ୍ଗୀ ଅଛନ୍ତି।


# Classified Everyday 0674-2580101, 2549949



MATRIMONIAL

BRIDE WANTED

Brahmin Groom, 37, 5'11'' CHARTERED ACCOUNTANT own Firm in Bhubaneswar Father Retd. Central Govt. Officer caste no bar (Khandayat and Karana). Contact 7978203515. D-1982

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer, Father is Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact details- 9438479926, 9439189200. D-1865



REAL ESTATE

SALE

Ready to move 4BHK duplex bungalow at Botanda, Sundarpada, Bhubaneswar near Sai Villa, Ranging 94 lakhs. Contact: 9040521173, 9861125539. D-76031

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob-9556187814. D-2008

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578

**Land near Balasore Town for sale. Residential Plot 19 decimals near Harihat and agriculture firm house plots total 184 decimals. All in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995, 8984692488.** D-75829

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-1997

**(A) Commercial plot, facing to NH Road Nakhara to Niali NH 10000sqft., 3sides road, (B) Residential plot near Petal English Medium School 1250/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75797

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-2009



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA by expert therapist. Contact- 8280961126. D-76169

Newly open Jyoti SPA positively health benefits (expert therapist). 8458067955. D-76171

AFFIDAVIT

I, Chaturbhuja Patel, S/o- Late Mohanlal Patel, resident of Attabira, P.O./P.S.- Attabira, Dist.- Bargarh, PIN- 768027, Odisha declare by this affidavit No.-298 dtd.16.11.2024 that now onwards I shall be known as CHATURBHUJ PATEL for all future purposes. D-1998

I, Kalpesh Kumar Patel, S/o- Chaturbhuj Patel, resident of Attabira, P.O./P.S.- Attabira, Dist.- Bargarh, Pin- 768027, Odisha declare by this affidavit No.268, dtd.23.10.2024 that now onwards I shall be known as KALPESH PATEL for all future purposes. D-1999

By virtue of an affidavit sworn before the Executive Magistrate, Narla on dated 18.11.2024, I, Gajanan Pattanaik, S/o. Late Golakbihari Pattnaik, R/o. village- Dhanramal, Po. Rupra, Ps. Kesinga, Dist. Kalahandi declared that I have changed my name from Gajanan Pattnaik to Gajanan Pattanaik. Henceforth, I shall be known as Gajanan Pattanaik for all purposes.
Gajanan Pattanaik D-2000

By virtue of an affidavit sworn before Executive Magistrate, Daspalla, dated 11.11.2024, I Pradeep Kumar Kanhar, Address:- At/P.O.- Baringi, P.S.- Purunakatak, Dist.- Boudh, Odisha-7620212 declare that I have changed my Son's name from Phiraj Prasad Kanhar to Priyabrata Kanhar. Henceforth, he shall be known as Priyabrata Kanhar for all purposes.
Pradeep Kumar Kanhar D-2003

I, Shibani Priyadarsani Sahu, D/o-Surya Narayan Sahu, resident of Kalupatra Sahi, Panigrahipentha, Brahmapur Sadar, Dist.- Ganjam, PIN No.-760006, Odisha, declare by this affidavit No.- 226/2024, dated-18.11.2024. That now onwards I shall be known as SHIBANI PRIYADARSHINI SAHU for all future purposes. D-2006

I, Barun Kanta Bohidar, R/o- Village/ P.S.- Hemgir, Dist.- Sundargarh, Odisha declared that my daughter's Aadhaar Card bearing No.-xxxx xxxx 6305 her name has been wrongly mentioned as Bulbul Bohidar instead of Pallabi Bohidar. That both the names is same and one person. By this affidavit No.1802 date 19.11.24 sworn before the Executive Magistrate, Hemgir I have changed her name from Bulbul Bohidar to Pallabi Bohidar for all purposes D-2005

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମନେ ପଡ଼ନ୍ତି



D-2001

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଚାଷୀଙ୍କ ପାଇଁ...

ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ । ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଜ୍ୟାଣ୍ଟ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

## ପିଆଜ ତଳି ପକାଉଥିଲେ..



ପିଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ହେଲେ ମନେରଖନ୍ତୁ ଚଳିତ ମାସ ୨୦ତାରିଖରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ ।

## ସୋରିଷ ଚାଷ

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# ଫସଲ ଉତ୍ପାଦନରେ କ୍ୟାଲ୍‌ସିୟମର ଭୂମିକା



ଡ. ସୁବୋଧ କୁମାର ସାହୁ

ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ ପାଇଁ ଆବଶ୍ୟକ କରୁଥିବା ୧୭ ଗୋଟି ଖାଦ୍ୟ ଉପାଦାନ ମଧ୍ୟରୁ କ୍ୟାଲ୍‌ସିୟମ ଅନ୍ୟତମ । ଯବକ୍ଷାରଯାନ, ଫସ୍‌ଫରସ୍ ଏବଂ ପଟାସ୍ ୩ଗୋଟି ମୁଖ୍ୟ ଖାଦ୍ୟ ଉପାଦାନଠାରୁ ଫସଲ, କ୍ୟାଲ୍‌ସିୟମକୁ ମଧ୍ୟମ ପରିମାଣରେ ଆବଶ୍ୟକ କରୁଥିବାରୁ ଏହାକୁ ଗୌଣ ଖାଦ୍ୟ ଉପାଦାନ କହନ୍ତି। କ୍ୟାଲ୍‌ସିୟମ ଗୌଣ ଖାଦ୍ୟ ଉପାଦାନ ହେଲେ ବି ଫସଲ ଉତ୍ପାଦନରେ ଏହାର ଭୂମିକା ଯଥେଷ୍ଟ ଅଛି।

କ୍ୟାଲ୍‌ସିୟମ ଉଦ୍ଭିଦର ଜୀବକୋଷର ବିଭାଜନ ଘଟାଇ ନୂଆ କୋଷ ସୃଷ୍ଟିକରି ଫସଲର ଅଭିବୃଦ୍ଧିରେ ସାହାଯ୍ୟକରେ। କ୍ୟାଲ୍‌ସିୟମ୍ ଗଛର ମୁଖ୍ୟ କାଣ୍ଡ ଏବଂ ଶାଖା ପ୍ରଶାଖାର ବକଳରେ ସଂଗୃହୀତ ହୋଇ ଗଛକୁ ସବଳ କରି ଠିଆ କରାଏ। ଫସଲ ପ୍ରସ୍ତୁତ କରୁଥିବା ଏନ୍‌ଜାଇମ୍‌କୁ ଅଧିକ କ୍ରିୟାଶୀଳ କରିବାରେ ସାହାଯ୍ୟକରେ । ଫସଲରେ ସୃଷ୍ଟି ହେଉଥିବା କେତେକ ବିଷାକ୍ତ ଜୈବବସ୍ତୁକୁ କ୍ୟାଲ୍‌ସିୟମ ଶୋଧନକରେ । ସର୍ବୋପରି ଫସଲର ପତ୍ର ଦ୍ୱାରା ପ୍ରସ୍ତୁତ ଶ୍ୱେତସାର ଖାଦ୍ୟକୁ କ୍ୟାଲ୍‌ସିୟମ ଫସଲର ବିଭିନ୍ନ ଅଙ୍ଗରେ ଧୀରେ ଧୀରେ ସୁବର୍ଣ୍ଣକରେ ।

କ୍ୟାଲ୍‌ସିୟମ ଅଭାବରେ ଫସଲର ନୂଆ ପତ୍ରର ଆକାର ଛୋଟ ହେବା ସହ ପତ୍ରର ରୂପ ଅସ୍ୱାଭିକ ହୋଇ ଫିକା ସବୁଜ ହୁଏ । କେତେକ ସ୍ଥଳେ ପତ୍ର ମୋଡ଼ିହୋଇ ବିଳମ୍ବରେ ବାହାରେ । ପତ୍ର ବାହାରିବା ପରେ ଏହାର ଅଗ୍ରଭାଗ ସ୍ୱଳ୍ପ ବଙ୍କା ହୁଏ । ଗଛର ଚେ଼ରର ଅଭିବୃଦ୍ଧି ହୋଇ ନ ପାରି ସମୟେ ସମୟେ ଶାଖା ଚେର ପଚେ । ମାଟିରେ କ୍ୟାଲ୍‌ସିୟମର ଅଭାବ ଅଧିକ ହେଲେ କାଣ୍ଡର ଅଗ୍ରଭାଗ ଶୁଖିଯାଏ । ଫସଲର କଢ଼ ଏବଂ ଫୁଲ ଅସମୟରେ ଝଡ଼ିପଡେ । କ୍ୟାଲ୍‌ସିୟମ ଅଭାବରେ ବିଲାତିବାଇଗଣର ତଳଭାଗ କଳା ପଡ଼ି ପଚିଯାଏ । ଚିନାବାଦାମ ଚୋପାର ଭିତର କଳା ପଡ଼େ ଏବଂ ମଞ୍ଜି ଗଠନ ହୋଇ ନ ପାରି ଫମ୍ପା ହୁଏ । ଲେମ୍ବୁଗଛର ପତ୍ର ସବୁଜ ଥାଇ ଶିରା ହଳଦିଆ ହୁଏ । କପା ଗଛର ନୂଆ ପତ୍ର ଛୋଟ ଏବଂ ମୋଡ଼ିହୁଏ। ପତ୍ରରେ ହଳଦୀ ରଙ୍ଗର ଛିଟ ଦାଗମାନ ଦେଖାଯାଏ । କପାରେ କମ୍ ସଂଖ୍ୟାର ଫଳ ଆସେ ଏବଂ ଛୋଟ ହୁଏ ।

> "କ୍ୟାଲ୍‌ସିୟମ ଅଭାବରେ ଫସଲର ନୂଆ ପତ୍ରର ଆକାର ଛୋଟ ହେବା ସହ ପତ୍ରର ରୂପ ଅସ୍ୱାଭିକ ହୋଇ ଫିକା ସବୁଜ ହୁଏ । କେତେକ ସ୍ଥଳେ ପତ୍ର ମୋଡ଼ିହୋଇ ବିଳମ୍ବରେ ବାହାରେ । ପତ୍ର ବାହାରିବା ପରେ ଏହାର ଅଗ୍ରଭାଗ ସ୍ୱଳ୍ପ ବଙ୍କା ହୁଏ । ଗଛର ଚେ଼ରର ଅଭିବୃଦ୍ଧି ହୋଇ ନ ପାରି ସମୟେ ସମୟେ ଶାଖା ଚେର ପଚେ । ମାଟିରେ କ୍ୟାଲ୍‌ସିୟମର ଅଭାବ ଅଧିକ ହେଲେ କାଣ୍ଡର ଅଗ୍ରଭାଗ ଶୁଖିଯାଏ । ଫସଲର କଢ଼ ଏବଂ ଫୁଲ ଅସମୟରେ ଝଡ଼ିପଡେ । କ୍ୟାଲ୍‌ସିୟମ ଅଭାବରେ ବିଲାତିବାଇଗଣର ତଳଭାଗ କଳା ପଡ଼ି ପଚିଯାଏ । ଚିନାବାଦାମ ଚୋପାର ଭିତର କଳା ପଡ଼େ ଏବଂ ମଞ୍ଜି ଗଠନ ହୋଇ ନ ପାରି ଫମ୍ପା ହୁଏ । ଲେମ୍ବୁଗଛର ପତ୍ର ସବୁଜ ଥାଇ ଶିରା ହଳଦିଆ ହୁଏ । କପା ଗଛର ନୂଆ ପତ୍ର ଛୋଟ ଏବଂ ମୋଡ଼ିହୁଏ । ପତ୍ରରେ ହଳଦୀ ରଙ୍ଗର ଛିଟ ଦାଗମାନ ଦେଖାଯାଏ । କପାରେ କମ୍ ସଂଖ୍ୟାର ଫଳ ଆସେ ଏବଂ ଛୋଟ ହୁଏ ।"



କ୍ୟାଲ୍‌ସିୟମର ଅଭାବଜନିତ ଲକ୍ଷଣରୁ ମାଟିରେ କ୍ୟାଲ୍‌ସିୟମ କମ୍ ଥିବା ଜାଣିହୁଏ । କିନ୍ତୁ ମାଟି ପରୀକ୍ଷାରୁ ମାଟିରେ କ୍ୟାଲ୍‌ସିୟମର ଅଭାବ କିମ୍ବା ଅଧିକ ଥିବାର ସଠିକତା ଜଣାପଡ଼େ । ମାଟି ପରୀକ୍ଷାରୁ ବାଲିଆ ଏବଂ ଦୋରସା ବାଲିଆ କିସମ ମାଟିରେ ସୁଲଭ କ୍ୟାଲ୍‌ସିୟମ ହେକ୍ଟର ପ୍ରତି ଯଥାକ୍ରମେ ୬୦ ଏବଂ ୧୦୦ କିଲୋରୁ କମ୍ ହେଲେ ସେହି ମାଟିରେ ଚାଷ ହେଉଥିବା ଫସଲ ପାଇଁ କ୍ୟାଲ୍‌ସିୟମ ଜାତୀୟ ପଦାର୍ଥ ପ୍ରୟୋଗ କରିବାକୁ ପଡ଼େ । ସେହିପରି ଦୋରସା ଏବଂ ଚିକିଟା କିସମ ମାଟିରେ ସୁଲଭ କ୍ୟାଲ୍‌ସିୟମ ହେକ୍ଟର ପିଛା ଯଥାକ୍ରମେ ୧୬୦ ଏବଂ ୪୦୦ କିଲୋଗ୍ରାମରୁ କମ୍ ଥିଲେ, ସେହି ମାଟିରେ କ୍ୟାଲ୍‌ସିୟମର ଅଭାବ ଥାଏ । ଆମ ରାଜ୍ୟରେ ଥିବା ସମସ୍ତ ଅମ୍ଳ ମାଟିରେ କ୍ୟାଲ୍‌ସିୟମ ଅଭାବ ଥିବାର ପରୀକ୍ଷାରୁ ଜଣାପଡ଼ିଛି । ରାଜ୍ୟର ସମସ୍ତ ଲାଲ ଏବଂ ମାଙ୍କଡ଼ା ପଥର ମାଟି ଅର୍ଥାତ୍ ୭୮ ଲକ୍ଷ ହେକ୍ଟର ଜମିର ମାଟି ଅମ୍ଳ ହୋଇଥିବାରୁ ଉକ୍ତ ମାଟିରେ କ୍ୟାଲ୍‌ସିୟମର ଅଭାବ ଅଛି। ଯେଉଁ ସବୁ ମାଟିର ପିଏଚ୍ ୫.୦ ରୁ କମ୍ ସେହି ମାଟିରେ କ୍ୟାଲ୍‌ସିୟମ ଅଭାବ ଥାଏ ।

ଫସଲରେ କ୍ୟାଲ୍‌ସିୟମର ଅଭାବଜନିତ ଲକ୍ଷଣ ଏବଂ ମାଟି ପରୀକ୍ଷାରୁ କ୍ୟାଲ୍‌ସିୟମ କମ୍ ଥିବାର ଜଣାପଡ଼ିଲେ ମାଟିରେ କ୍ୟାଲ୍‌ସିୟମ ଜାତୀୟ ପଦାର୍ଥ ପ୍ରୟୋଗ କରାଯାଏ । କ୍ୟାଲ୍‌ସିୟମରେ ଥିବା ପଦାର୍ଥ ମଧ୍ୟରେ ଚୂନପଥର, ସିପ ଚୂନ, ଡୋଲମାଇଟ୍, ବେସିକ୍ ସ୍ଲାଗ୍, କାଗଜକଳ ଏବଂ ଆଖୁକଳରୁ ବାହାରୁଥିବା ବର୍ଜ୍ୟବସ୍ତୁ ଆଦି ମୁଖ୍ୟ । ଚୂନ ପଥରରେ ଶତକଡ଼ା ୩୫ ରୁ ୪୦ ଭାଗ, ସିପ ଚୂନରେ ୩୦ ରୁ ୪୦ ଭାଗ, ବେସିକ୍ ସ୍ଲାଗ୍‌ରେ ୨୦ ରୁ ୨୫ ଭାଗ , ଡୋଲମାଇଟ୍‌ରେ ୨୫ ରୁ ୩୦ ଭାଗ , କାଗଜକଳ ମଇଳାରେ ୨୫ ରୁ ୨୮ ଭାଗ ଏବଂ ଆଖୁକଳ ମଇଳାରେ ୧୫ ରୁ ୧୭ ଭାଗ କ୍ୟାଲ୍‌ସିୟମ ଥାଏ । ଉପରୋକ୍ତ କ୍ୟାଲ୍‌ସିୟମ ଥିବା ପଦାର୍ଥ ମଧ୍ୟରୁ ଓଡ଼ିଶାରେ ଚୂନପଥର ଏବଂ କାଗଜକଳର ମଇଳାକୁ ନେଇ ଅମ୍ଳମାଟିରେ ବହୁଳ ଭାବରେ ପରୀକ୍ଷା କରାଯାଇଛି ।

ରାଜ୍ୟର ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର କେତେକ ପାହାଡ଼ିଆ ଅଞ୍ଚଳର ନିମ୍ନମାନର ଚୂନପଥର ଖଣି ଅଛି । ଉକ୍ତ ଚୂନ ପଥରରେ ୧୫ ରୁ ୨୦ ଶତକଡ଼ା କ୍ୟାଲ୍‌ସିୟମ ଅଛି । ରାୟଗଡ଼ାରେ କାଗଜକଳରୁ ବର୍ଷକୁ ୨୫ ରୁ ୩୦ଟନ୍ କାଗଜକଳ ମଇଳା ବାହାରେ । ଉକ୍ତ କାଗଜକଳ ମଇଳାରେ ୨୫ ରୁ ୨୮ ଭାଗ କ୍ୟାଲ୍‌ସିୟମ ଅଛି । ଉକ୍ତ ଚୂନ ଜାତୀୟ ପଦାର୍ଥ ଅମ୍ଳ ମାଟିରେ ନିରାପଦରେ ପ୍ରୟୋଗ ହୋଇପାରିବ ।

ବିଭିନ୍ନ ପ୍ରକାର ମାଟିରେ କ୍ୟାଲ୍‌ସିୟମ ଜାତୀୟ ପଦାର୍ଥ ଯଥା ଚୂନ ପଥର ଏବଂ କାଗଜକଳର ମଇଳା କେତେ ପରିମାଣରେ ପ୍ରୟୋଗ ହେବ ତାହାର ସୂଚନା ନିମ୍ନରେ ଦିଆଗଲା । ମାଟିର ପ୍ରକାରଭେଦ ଅନୁସାରେ ହେକ୍ଟର ପିଛା ନିମ୍ନୋକ୍ତ ପଦାର୍ଥ ପ୍ରୟୋଗ କରନ୍ତୁ। ବାଲିଆମାଟିରେ ୩୦୦ କି.ଗ୍ରା. ଚୂନପଥର ନ ହେଲେ ୧୦୦ କି.ଗ୍ରା. କାଗଜକଳ ମଇଳା ପ୍ରୟୋଗ କରିପାରନ୍ତି। ଅନ୍ୟପକ୍ଷରେ ମାଟି ଯଦି ବାଲିଆ ଦୋରସା ହୋଇଥାଏ ତେବେ ୮୦୦ କି.ଗ୍ରା. ଚୂନପଥର କିମ୍ବା ୧୩୦୦ କି.ଗ୍ରା. କିମ୍ବା ୧୩୦୦ କି.ଗ୍ରା. କାଗଜକଳ ମଇଳା, ଦୋରସା ମାଟି ପାଇଁ ଚୂନପଥର ୧୦୬୦ କି.ଗ୍ରା. ନ ହେଲେ କାଗଜକଳ ମଇଳା ୧୬୭୫ କି.ଗ୍ରା. ଏବଂ କର୍ଦ୍ଦମାକ୍ତ ଦୋରସା ମାଟି ପାଇଁ ୧୪୦ କି.ଗ୍ରା. ଚୂନପଥର କିମ୍ବା ୨୧୭୫ କି.ଗ୍ରା. କାଗଜକଳ ମଇଳା ପ୍ରୟୋଗ କରିପାରନ୍ତି। ଫସଲ ପାଇଁ କ୍ୟାଲ୍‌ସିୟମ ଏକ ମଧୁର ଖାଦ୍ୟ ଉପାଦାନ । ଉକ୍ତ ଉପାଦାନରୁ କିଛି ଅଧିକ ମାତ୍ରାରେ ପ୍ରୟୋଗ ହେଲେ ମଧ୍ୟ ଫସଲର କୌଣସି କ୍ଷତି ହୁଏ ନାହିଁ । ପରବର୍ତ୍ତୀ ଫସଲ ପାଇଁ ମାଟିରେ ଗଚ୍ଛିତ ହୋଇ ରହେ । କିନ୍ତୁ ମାତ୍ରାଧିକ କ୍ୟାଲ୍‌ସିୟମ ପ୍ରୟୋଗ ମାଟିରେ ଥିବା ଫସ୍‌ଫରସ୍ ଏବଂ କେତେକ ଅଣୁଖାଦ୍ୟ ଫସଲକୁ ଗ୍ରହଣ ହୋଇପାରେ ନାହିଁ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫



## ଡାଲିଜାତୀୟ ବିହନ ବିଶୋଧନ

୧ କି.ଗ୍ରା. ଡାଲିଜାତୀୟ ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗକଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

## ଖରିଫ ଧାନ ସଂରକ୍ଷଣ

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ହେକ୍ଟର ଚାଷ ପାଇଁ ୨୫ ଡେସିମିଲି. ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ୨ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

## ଆଖୁ ଖୁଣ୍ଟା କାଟିବା ପରେ...



ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ। ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଖୁ ଗଛକୁ ଏକ ଧାରୁଆ କଟୁରୀରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାରକରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ ।

## କୁକୁଡ଼ା ପାଳନ

ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୦/୨୦୨୪ Bhubaneswar, Wednesday, November 20/ 2024

# ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ୩୫୧ ଖେଳାଳି



ପ୍ରଥମ ଦିନରେ ଅନୁଷ୍ଠିତ ଏକ ମହିଳା ଡବଲ୍ସ ମ୍ୟାଚ୍।

**ଭୁବନେଶ୍ୱର,୧୯।୧୧(ସରୋଜ ଜେନା)**

ଭୁବନେଶ୍ୱରର ନୀଳାଦ୍ରିବିହାରସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମଠାରେ ଜାତୀୟ ୟୋନେକ୍ସ-ସନ୍‌ରାଇଜ ଜୁନିୟର (୧୯ ବର୍ଷରୁ କମ) ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘର ସଂପାଦକ ତଥା ଏସିଆ ବ୍ୟାଡ୍‌ମିଣ୍ଟନ ବୈଷୟିକ କମିଟିର ଅଧ୍ୟକ୍ଷ ଓମାର ରସିଦ ଏହାକୁ ଉଦ୍‌ଘାଟନ କରିଥିଲେ। ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘର ଉପସଭାପତି ତଥା ଟୁର୍ନାମେଣ୍ଟରେ କମିଟିର ଅଧ୍ୟକ୍ଷ ଶେଖର ବିଶ୍ୱାସ, ପାରା ବ୍ୟାଡ୍‌ମିଣ୍ଟନ ଅଧ୍ୟକ୍ଷ ପ୍ରଭାକର ରାଓ ପ୍ରମୁଖ ଉପସ୍ଥିତ ରହିବେ। ସମଗ୍ର ଦେଶରୁ ୩୫୧ ଜଣ ଖେଳାଳି ସିଙ୍ଗଲ୍ସ, ଡବଲ୍ସ, ମିକ୍ସଡ ଡବଲ୍ସ ଓ ଦଳଗତ ବିଭାଗର ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଓଡ଼ିଶାରୁ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ଚହଳ ସୃଷ୍ଟି କରିଥିବା ତନଭି ପତ୍ରି, ବିଶାଖା ଟୋପ୍ପୋ, ପ୍ରଗତି ପରିଡା ପ୍ରମୁଖ ଏଥିରେ ଭାଗ ନେଉଛନ୍ତି। ଡି. ଦିନେଶ ମୁଖ୍ୟ ରେଫରି, ହବିବ ରହେମାନ ଡେପୁଟି ରେଫରି ଓ ପ୍ରବୀଣ ରାଜ ମ୍ୟାଚ କଣ୍ଟ୍ରୋଲର ଦାୟିତ୍ୱ ତୁଲାଇବେ। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ତଥା ଆଇଏଏସ୍ ରାଜେଶ ପ୍ରଭାକର ପାଟିଲ, ସଂପାଦକ ନିଳିନ୍ କୁମାରଙ୍କ ନେତୃତ୍ୱରେ ଟୁର୍ନାମେଣ୍ଟ କୋର୍ଡିନେଟର ପ୍ରଦୀପ ପଟ୍ଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂହ, କମଲ ଦାଶ, ସୁରୁଲାଲ ମଟାରୀ, ମନୋରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନା ଦାୟିତ୍ୱରେ ଅଛନ୍ତି ।

# ଭାରତ-ଚାଇନା ଫାଇନାଲ

### ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି

**ପାଟନା,୧୯।୧୧(ପି.ଟି.)**

ବିହାରର ରାଜଗିରରେ ଅନୁଷ୍ଠିତ ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ଭାରତ। ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲରେ ଜାପାନକୁ ୨-୦ରେ ପରାସ୍ତ କରିଛି ଡିଫେଣ୍ଡିଂ ଚାମ୍ପିୟନ ଭାରତ। ଭାରତ ପକ୍ଷରୁ ନବନୀତ କୌର(୪୮) ଓ ଲାଲରେମସିଆମି(୫୬) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୂର୍ବରୁ ପ୍ରଥମ ସେମି ଫାଇନାଲରେ ମାଲେସିଆକୁ ୩-୧ରେ ପରାସ୍ତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଥିଲା ଚାଇନା। ବୁଧବାର ଭାରତ ଓ ଚାଇନା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବର୍ତ୍ତମାନ ମାଲେସିଆ ଚତୁର୍ଥ ସ୍ଥାନ ପ୍ଲେ ଅଫ୍ ମ୍ୟାଚ୍‌ରେ ଜାପାନକୁ ଭେଟିବ। ସେହିପରି ଦକ୍ଷିଣ କୋରିଆ ୩-୧ ଗୋଲରେ ଥାଇଲାଣ୍ଡକୁ ହରାଇ ପଞ୍ଚମ ସ୍ଥାନରେ ରହିଛି।

ପ୍ରଥମ କ୍ୱାର୍ଟରରୁ ହିଁ ଅପେକ୍ଷାକୃତ ଦୁର୍ବଳ ଜାପାନ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଭାରତ। ଭାରତୀୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ହୋଇ ନ ଥିଲା। ୩ଟି କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଚତୁର୍ଥ କ୍ୱାର୍ଟରରେ ଭାରତ ଦୁଇଟି ଗୋଲ ସ୍କୋର କରିଥିଲା। ଭାରତୀୟ ଦଳ ଏହି ମ୍ୟାଚ୍‌ରେ ୧୩ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ମାତ୍ର ଗୋଟିଏ ଗୋଲରେ ପରିଣତ ହୋଇଥିଲା। ୪୮ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଉପ ଅଧିନାୟିକା ନବନୀତ ଭାରତକୁ ୧-୦ରେ ଆଗୁଆ କରିଥିଲେ। ଏହାର ୮ ମିନିଟ ପରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇଥିଲେ ଲାଲରେମସିଆମି। ସୁନେଲିତା ଟୋପ୍ପୋଙ୍କ ପାଶ୍‌କୁ ଟାପ୍ କରିବା ସହ ଜାପାନ ଗୋଲ କିପରଙ୍କୁ ପରାସ୍ତ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଅପରାଜିତ ରହି ଆସିଥିବା ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ମଧ୍ୟ ଡ୍ରାଗ୍ ଫ୍ଲିକରମାନେ ସ୍କୋର କରିବାରେ ଅସମର୍ଥ ରହିଥିଲେ। ଟୁର୍ନାମେଣ୍ଟର ଟପ୍ ସ୍କୋରର ଦୀପିକା ଓ ବୈଷ୍ଣବୀ ବିଠଲ ଫାଲକେ ଏକାଧିକ ସୁଯୋଗ ହାତଛଡା କରିଥିଲେ।

ପ୍ରଥମ କ୍ୱାର୍ଟରରେ ଅଧିନାୟିକା ସାଲିମା ଟେଟେଙ୍କ ନିକଟରେ ସ୍କୋର କରିବାର ସୁଯୋଗ ରହିଥିଲା। ଜାପାନ ଗୋଲକିପର କୁଡୋ ଏହାକୁ ରୋକିବାରେ ସଫଳ ହୋଇଥିଲେ। ଏହାର ଦୁଇ ମିନିଟ ମଧ୍ୟରେ ନବନୀତ ଓ ଦୀପିକା ଏକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଏହା ସଫଳ ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟରର ୩ ମିନିଟ ମଧ୍ୟରେ ଭାରତ ଲଗାତର ୩ଟି ପେନାଲ୍ଟି କର୍ନର ପାଇଥିଲେ। ୩୫ ଓ ୪୧ ତମ ମିନିଟରେ ଦୀପିକାଙ୍କ ପ୍ରୟାସକୁ ରୋକିବାରେ ସମର୍ଥ ହୋଇଥିଲେ କୁଡୋ। ୪୭ ତମ ମିନିଟରେ ଦୀପିକାଙ୍କ ଆଉ ଏକ ପ୍ରୟାସ ନିଷ୍ଫଳ ହୋଇଥିଲା। ଅନ୍ତିମ ସେକେଣ୍ଡରେ ଜାପାନକୁ ଏକ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ଦଳ ଏଥିରୁ ସ୍କୋର କରିପାରି ନ ଥିଲା।



ନବନୀତ କୌର

# ବାରବାଟୀ ଦିନିକିଆ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର,୧୯।୧୧ (ସରୋଜ ଜେନା)**

ବାରବାଟୀ ଷ୍ଟାଡିୟମରେ ଫେବୃଆରୀ ୯, ୨୦୨୫ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ କ୍ରିକେଟ ମ୍ୟାଚ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର କ୍ରୀଡା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ କ୍ରୀଡା ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର ଅଧିକାରୀ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

ମ୍ୟାଚ ସମୟରେ ଯେପରି ଜିଲା ପ୍ରଶାସନ, ପୋଲିସ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଖେଳାଳିଙ୍କ ରହଣି ବ୍ୟବସ୍ଥା, ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଧ୍ୟାନ ଦିଆଯିବା ନେଇ ଆଲୋଚନା ହୋଇଥିଲା। ଦର୍ଶକ ମାନଙ୍କ ପାଇଁ ସୁଲଭ ଦରରେ ଟିକେଟ ବିକ୍ରି ସହ ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ଆଲୋଚନା କରାଯାଇଛି।

ମ୍ୟାଚ୍‌କୁ ଶୃଙ୍ଖଳିତ ଢଙ୍ଗରେ ଆୟୋଜନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ମ୍ୟାଚଟି ଯେପରି ସୂଚାରୁ ରୂପେ ପରିଚାଳିତ ହେବ ସେଥିପାଇଁ ଆଗାମୀ ଦିନରେ ମଧ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡିଶା କ୍ରିକେଟ ଆସୋସିଏସନ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନେଇ ନିୟମିତ ଅନ୍ତରାଳରେ ପ୍ରସ୍ତୁତି ବୈଠକ କରାଯିବ ବୋଲି ସେ କହିଛନ୍ତି।

### ସନ୍ତୋଷ ଟ୍ରଫି ଫୁଟ୍‌ବଲ

# ତାମିଲନାଡୁ, ମଣିପୁର ଫାଇନାଲ ରାଉଣ୍ଡରେ

**ଅନନ୍ତପୁର, ୧୯।୧୧ (ପି.ଟି.)**

୭୮ତମ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଅଲ୍ ୱିନ ରେକର୍ଡ ସହ ତାମିଲନାଡୁ ଓ ମଣିପୁର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସ୍ଥାନୀୟ ଆରଡିଟି ଷ୍ଟାଡିୟମରେ ଗ୍ରୁପ୍ 'ଜି'ର ଅନ୍ତିମ ମ୍ୟାଚରେ ତାମିଲନାଡୁ ଦ୍ୱିତୀୟାର୍ଦ୍ଧ ଖେଳରେ ଚମତ୍କାର ପ୍ରଦର୍ଶନ କରି ଆୟୋଜକ ଆନ୍ଧ୍ର ପ୍ରଦେଶକୁ ୮-୦ ଗୋଲ୍‌ରେ ହରାଇ ଦେଇଥିଲା। ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଆଣ୍ଡାମାନ ଓ ନିକୋବର ବିପକ୍ଷରେ କର୍ଣ୍ଣାଟକ ୧୧-୦ ଗୋଲରେ ସହଜ ବିଜୟ ଲାଭ କରିଛି। ତେବେ ପୂର୍ବତନ ଚାମ୍ପିୟନ ଦଳର ପଏଣ୍ଟ ସଂଖ୍ୟା ୬ରେ ସୀମିତ ରହିଥିଲା। ଗ୍ରୁପ୍ 'ଡି'ରୁ ମଣିପୁର ୯ ପଏଣ୍ଟ ସହ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଉମାକାନ୍ତ ମିନି ଷ୍ଟାଡିୟମରେ ଦଳ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ତ୍ରିପୁରାକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି। ଉଭୟ ଗୋଲ ଦ୍ୱିତୀୟାର୍ଦ୍ଧରେ ସ୍କୋର ହୋଇଥିଲା। ଦିନର ପ୍ରଥମ ମ୍ୟାଚରେ ମିଜୋରାମ ୭-୦ ଗୋଲ୍‌ରେ ସିକ୍କିମକୁ ହରାଇ ଦେଇଥିଲା। ଦଳ ମାତ୍ର ୩ ପଏଣ୍ଟ ସହ ଏହା ଗ୍ରୁପ ପର୍ଯ୍ୟାୟ ଶେଷ କରିଛି।

# ଅଷ୍ଟ୍ରେଲିଆ ସିରିଜ୍‌ରୁ ବାଦ୍ ପଡ଼ିଲେ ଶେଫାଳି

**ନୂଆଦିଲ୍ଲୀ, ୧୯।୧୧ (ପି.ଟି.)**

ଡିସେମ୍ବରରେ ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଭାରତର ୧୬ଜଣିଆ ମହିଳା ଦଳରୁ ଟପ୍ ଅର୍ଡର ବ୍ୟାଟର ଶେଫାଳି ବର୍ମା ବାଦ୍ ପଡ଼ିଛନ୍ତି। ଗତ ଏକ ବର୍ଷ ହେଲା ତାଙ୍କ ପ୍ରଦର୍ଶନ ଖରାପ ରହିଛି। ୨୦ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର ଚଳିତବର୍ଷ ଖେଳିଥିବା ୬ଟି ମ୍ୟାଚରେ ସର୍ବୋଚ୍ଚ ସ୍କୋର ୩୩ ରନ ସହ ମାତ୍ର ୧୦୮ ରନ ସଂଗ୍ରହ କରିଛନ୍ତି। ଏହା ପୂର୍ବରୁ ଖରାପ ଫର୍ମ ଯୋଗୁ ସେ ଗତବର୍ଷ ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଅନ୍ତର୍ଜାତୀୟ ଦିନିକିଆ ସିରିଜରୁ ବାଦ୍ ପଡ଼ିଥିଲେ। ତେବେ ଚଳିତବର୍ଷ ଜୁନ୍‌ରେ ବେଙ୍ଗାଲୁରୁରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶେଫାଳି ୨୦୨୧ରେ ଭାରତୀୟ ମହିଳା ଦଳରେ ତାଙ୍କର ପ୍ରଥମ ପଦାର୍ପଣ କରିଥିଲେ। ସେତେବେଳେ ତାଙ୍କଠାରୁ ଅନେକ କିଛି ଆଶା କରାଯାଉଥିଲା। ମାତ୍ର ୨୦୨୨ ଜୁଲାଇରେ ପାଲିକେଲଠାରେ ଶ୍ରୀଲଙ୍କା ବିପକ୍ଷ ଏକ ଅର୍ଦ୍ଧଶତକ (୭୧*) ପରେ ଅନ୍ତର୍ଜାତୀୟ ଦିନିକିଆରେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ତାଙ୍କର ପରବର୍ତ୍ତୀ ସର୍ବୋଚ୍ଚ ସ୍କୋର ସମାନ ଦଳ ବିପକ୍ଷରେ ସମାନ ସିରିଜରେ ୪୯ ରନ ରହିଥିଲା। ଅନ୍ୟ ୪ଜଣ ଖେଳାଳି ମଧ୍ୟ ଦଳରୁ ବାଦ୍ ପଡ଼ିଛନ୍ତି। ସେମାନେ ହେଲେ ଉମା ଚେତ୍ରୀ, ଦୟାଲାନ ହେମଲତା, ଶ୍ରେୟଙ୍କା ପାଟିଲ ଓ ସାୟଲି ସତଘାରେ। ଏହି ଖେଳାଳିମାନେ ଗତମାସରେ ଅହମଦାବାଦରେ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜରେ ଖେଳିଥିଲେ। ଏଥିରେ ଭାରତ ୨-୧ରେ ବିଜୟ ଲାଭ କରିଥିଲା। ନ୍ୟୁଜିଲାଣ୍ଡକୁ ସାମ୍ନା କରି ନ ଥିବା ହାର୍ଲିନ ଦେଓଲ, ରିଚା ଘୋଷ, ମିନୁ ମାନି, ତିତାସ ସାଧୁ ଓ ପ୍ରିୟା ଆଦି ଅନ୍ୟ ୫ ଖେଳାଳିଙ୍କୁ କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଦଳରେ ସ୍ଥାନ ମିଳିଛି। ଆଇସିସି ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ ସ୍ୱରୂପ ପ୍ରଥମ ଦୁଇ ଅନ୍ତର୍ଜାତୀୟ ଦିନିକିଆ ବ୍ରିସ୍‌ବେନର ଆଲାନବର୍ଡର ଫିଲ୍ଡରେ ଯଥାକ୍ରମେ ଡିସେମ୍ବର ୫ ଓ ୮ରେ ଖେଳାଯିବ। ଡିସେମ୍ବର ୧୧ରେ ପର୍ଥ ସିରିଜର ଅନ୍ତିମ ମ୍ୟାଚ ଖେଳାଯିବ। **ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରିୟା ପୁନିଆ, ଜେମିମା ରୋଡ୍ରିଗ୍ସ, ହାର୍ଲିନ ଡେଓଲ, ଯସ୍ତିମକା ଭାଟିଆ (ଉଇକେଟକିପର), ରିଚା ଘୋଷ (ଉଇକେଟକିପର) ତେଜାଲ ହାସାବନିସ, ଦୀପ୍ତିଶର୍ମା, ପ୍ରିୟା ମିଶ୍ରା, ରାଧା ଯାଦବ,ତିତାସ ସାଧୁ, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ ଠାକୁର ଓ ସାଇମା ଠାକୁର।



ଶେଫାଳି ବର୍ମା

# ଚ୍ୟାଲେଞ୍ଜ କପ୍ ଭଲିବଲ୍ ୨୩ରୁ



ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।

**ପୁରୁଣା ଭୁବନେଶ୍ୱର,୧୯।୧୧(ସୁବାସ ପ୍ରଧାନ)**

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ନଭେମ୍ବର ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ୧୫ତମ ଲିଙ୍ଗରାଜ ଚାଲେଞ୍ଜ କପ୍ ୨୦୨୪ ଭଲିବଲ। ଦୀର୍ଘ ୧୫ ବର୍ଷ ହେବ ଖେଳାଯାଉଥିବା ଟୁର୍ନାମେଣ୍ଟରେ ଦେଶ ତଥା ରାଜ୍ୟର ୬ଟି ଶ୍ରେଷ୍ଠ ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ ବାହାରର ଦଳ ଭାବରେ ଇଷ୍ଟର୍ନ ରେଲୱେ (କୋଲକାତା), ସିଆଇଏସଏଫ(ରାଞ୍ଚି), ଦିଲ୍ଲୀ ସ୍ମାଇକର(ଦିଲ୍ଲୀ) ଓ ବିଶାଖାପାଟଣା ସ୍ପୋର୍ଟ୍ସ ହଷ୍ଟେଲ(ଆନ୍ଧ୍ର ପ୍ରଦେଶ) ଏବଂ ରାଜ୍ୟର ଦୁଇ ଶ୍ରେଷ୍ଠ ଦଳ କିଟ୍ ଓ ସ୍ପୋର୍ଟ୍ସ ହଷ୍ଟେଲ ଅଂଶଗ୍ରହଣ କରିବେ। ଚଳିତ ମାସ ୨୩ ଓ ୨୪ ତାରିଖ ଦୁଇଦିନ ଏହି ଟୁର୍ନାମେଣ୍ଟ ଦିବାରାତ୍ର ଫର୍ମାଟରେ ଆୟୋଜିତ ହେବ। ଚାମ୍ପିୟନ ଓ ରନର ଅପ୍ ଦଳ ବ୍ୟତୀତ ସମସ୍ତ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ରାଜ୍ୟର ସୁନାମଧନ୍ୟ ଅନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଭଲିବଲ ଆସୋସିଏଶନ ସହଯୋଗରେ ଜାତୀୟ ରେଫରିମାନଙ୍କ ଦ୍ୱାରା ଖେଳ ପରିଚାଳନା କରାଯିବ। ଭୁବନେଶ୍ୱରସ୍ଥିତ କପିଳପ୍ରସାଦର ସାକ୍ସ ପଡ଼ିଆରେ ପ୍ରତିଯୋଗିତା ଆୟୋଜିତ ହେବ। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟର ରୂପରେଖ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଲିଙ୍ଗରାଜ କ୍ଲବର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ରହି ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରଜତ ତ୍ରିପାଠୀ, ଉପସଭାପତି ସଞ୍ଜୟ ଦାସ, ସଂଯୋଜକ ସୁବାସ ମିଶ୍ର ଓ କୋଷାଧ୍ୟକ୍ଷ ନୀହାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୧୨ ଅଲିମ୍ପିକ ପଦକ ପଥରେ ଶାନନ୍

**ମୋନାକୋ, ୧୯।୧୧ (ଏପି)**

ଲଣ୍ଡନ ଅଲିମ୍ପିକ୍ସ ଫଳାଫଳ ୧୨ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ପରିବର୍ତ୍ତନ ହେବାକୁ ଯାଉଛି। ଲଣ୍ଡନ ଗେମ୍ସ ମହିଳା ୧,୫୦୦ ମିଟର ଫାଇନାଲରୁ ରୁଷୀୟ ଧାବିକା ତାତିଆନା ତୋମାସୋଭା ମଙ୍ଗଳବାର ବିଧିବଦ୍ଧ ଭାବେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଫଳରେ ଆମେରିକାର ଶାନନ ରୋବୁରି ବହୁ ବିଳମ୍ବରେ ହେଲେ ମଧ୍ୟ ବ୍ରୋଞ୍ଜ ପଦକ ଲାଗି ଆଉ ଏକ ପାଦ ଆଗେଇଛନ୍ତି। ଟ୍ରାକ୍ ଆଣ୍ଡ୍ ଫିଲ୍ଡରେ ଡୋପିଙ୍ଗ ମାମଲାର ଦେଖାଚାହାଁ କରୁଥିବା ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କହିଛି ସେପ୍ଟେମ୍ବରରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍) ତୋମାସୋଭାଙ୍କୁ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଥିଲା। ମାତ୍ର ଆଥଲେଟ ଜଣକ ରାୟ ବିରୋଧରେ ଅପିଲ କରିନାହାନ୍ତି। ୱାର୍ଲ୍ଡ ଆଥଲେଟିକ୍ସର ନିୟମାନୁସାରେ ଏହି ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ପାଳନୀୟ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟିକୁ ଏବିଷୟରେ ଅବଗତ କରାଯାଇ ଥିବା ଏଆଇୟୁ କହିଛି। ତୋମାସୋଭା ଅଯୋଗ୍ୟ ଘୋଷିତ ହେବା ଦ୍ୱାରା ଆବେବା ଆରେଗାୱି ରୌପ୍ୟ ପଦକର ହକ୍‌ଦାର ହେବେ, ଯିଏକି ସେତେବେଳେ ଇଥିଓପିଆରୁ ପ୍ରତିନିଧିତ୍ୱ କରିଥିଲେ। ପରେ ସେ ସୁଇଡେନରୁ ପ୍ରତିନିଧିତ୍ୱ କରି ଆସୁଥିଲେ। ତୋମାସୋଭାଙ୍କୁ ସେପ୍ଟେମ୍ବରରେ ୧୦ବର୍ଷ ବାସନ୍ଦ କରାଯାଇଛି। କୋର୍ଟ କହିଛନ୍ତି, ଲଣ୍ଡନ ଅଲିମ୍ପିକ୍ସର କିଛି ସପ୍ତାହ ପୂର୍ବରୁ ୨୦୧୨ ଜୁନ୍ ଓ ଜୁଲାଇରେ ଏହି ଆଥଲେଟଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ଡୋପ୍ ଟେଷ୍ଟ ବେଳେ ସେଥିରେ ନିଷିଦ୍ଧ ଆନାବୋଲିକ ଷ୍ଟେରଏଡ୍ ଠାବ କରାଯାଇଥିଲା। ୨୦୧୨ ଅଲିମ୍ପିକ୍ସ ମହିଳା ୧,୫୦୦ ଫାଇନାଲରେ ବହୁ ପ୍ରତିଭା ଆଥଲେଟ ଅଂଶଗ୍ରହଣ କରିଥିଲେ। ସେ ସମୟର ଏକ ଡୋପିଙ୍ଗ ମାମଲାର ଫଇସଲା ଦଶନ୍ଧିରୁ ଅଧିକ ସମୟ ନେଇଥିଲା। ସେତେବେଳେ ତୁର୍କୀର ଆସ୍‌ଲି କାକିର ଆଲ୍‌ପଟେକିନ ଏବଂ ଗାମେଜ୍ ବୁଲୁଟଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ବିଜେତା ଘୋଷଣା କରାଯାଇଥିଲା। ମାତ୍ର ଏହି ଦୁଇ ଜଣଙ୍କ ସମେତ ପ୍ରଥମ ୯ ଫିନିଶରଙ୍କ ମଧ୍ୟରୁ ୬ଜଣ ଡୋପିଙ୍ଗ ପାଇଁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ତୋମାସୋଭା ସେତେବେଳେ ଦୌଡ଼ରେ ୪ର୍ଥ ସ୍ଥାନ ଅଧିକାର କରିଥିବା ବେଳେ ରୋବୁରି ୬ଷ୍ଠ ସ୍ଥାନରେ ରହି କ୍ରସ୍ ଲାଇନ୍ ଅତିକ୍ରମ କରିଥିଲେ। ପଦକ ପାଇଁ ହକ୍‌ଦାର ଆଥଲେଟମାନଙ୍କୁ ଆହୁରି ଲମ୍ବା ସମୟ ଅପେକ୍ଷା କରିବାକୁ ପଡ଼ିବ। ପଦକ କେଉଁମାନେ ପାଇବେ ତାହା ଆଇଓସିର ଅନୁମୋଦନର ଆବଶ୍ୟକତା ରହିଛି। ପଦକ ପ୍ରଦାନ ଉତ୍ସବ ବିଶ୍ୱ ଚାମ୍ପିୟନଶିପ୍ କିମ୍ବା ପରବର୍ତ୍ତୀ ଅଲିମ୍ପିକ୍ସରେ ହୋଇପାରେ। ଆଗାମୀ ଅଲିମ୍ପିକ୍ସ ୨୦୨୮ରେ ଲସ୍‌ଏଞ୍ଜେଲ୍ସରେ ହେବ। ଆଇଓସି ବୋର୍ଡ ବୈଠକ ଆସନ୍ତା ମାସ ହେବାର କାର୍ଯ୍ୟକ୍ରମ ରହିଛି। ରୋବୁରିଙ୍କ ବୟସ ବର୍ତ୍ତମାନ ୪୦ ବର୍ଷରେ ପହଞ୍ଚିଛି। ରେସିଂରୁ ଅବସର ନେବା ପରେ ସେ ପ୍ୟାରିସ ଅଲିମ୍ପିକ୍ସରେ ଏନ୍‌ବିସି ତରଫରୁ ଜଣେ ବ୍ରଡକାଷ୍ଟର ଭାବେ ଟ୍ରାକ୍‌ରେସ୍‌ଗୁଡ଼ିକର ବିଶ୍ଳେଷଣ କରିଥିଲେ।



ଶାନନ ରୋବୁରି

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ